RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ


THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




**ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନ୍ୟନ୍ୟା ବାଙ୍ଗର**


▸ପୃଷ୍ଠା ୧୨ ଦେଖନ୍ତୁ...



♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



DADLS-34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସେବା
ସୁଶାସନ
ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ
ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର
ଭିତ୍ତିଭୂମି ପ୍ରକଳ୍ପର
ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ

ନୂତନ ରେଳ ସେବା
ଏବଂ
୧୦୦ ବ୍ୟାଟେରୀ ଚାଳିତ ବସ୍‌ର
ଶୁଭାରମ୍ଭ

ବରପୁତ୍ର ସମ୍ମାନ ଯୋଜନାର
ଲୋକାର୍ପଣ

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା
ଶୁଭ ଉନ୍ମୋଚନ

ଗୋଦାବରୀଶ ମିଶ୍ର
ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
ପୁସ୍ତିକା ଉନ୍ମୋଚନ

ଲକ୍ଷପତି ଦିଦିଙ୍କୁ
ସମ୍ବର୍ଦ୍ଧନା ଜ୍ଞାପନ

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

ଡ. ହରି ବାବୁ କମ୍ଭମ୍ପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀଯୁକ୍ତ ଜୁଏଲ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ,
ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

OIPR-15001/13/0713/2526

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ‘ରେଡ୍ ଫ୍ଲାଗ’: ପାଳନ ହେଉନି ସରକାରଙ୍କ ଏସ୍‌ଓପି

ଭୁବନେଶ୍ୱର,୧୯ ।୬(ସମିସ): ସବୁ ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍ ବର୍ଗରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ। ଜାତୀୟ ମହିଳା କମିଶନ, ଗଣମାଧ୍ୟମ ଚାପ ପଡ଼ିବା ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସହ ରେଡ୍ ଫ୍ଲାଗ୍ ମାମଲା କରାଯାଉଛି। ମାତ୍ର ସବୁ ସମ୍ବେଦନଶୀଳ ମାମଲାରେ ରେଡ୍ ଫ୍ଲାଗ୍ କରାଯାଉ ନ ଥିବା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ସୋମବାର କେଉଁଝର ଜିଲ୍ଲାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଝୁଲାଇ ଦେଇଥିବା ଅଭିଯୋଗ ହୋଇଥିଲଶ। ଶୌଚ ପାଇଁ ଯାଇ ଘରକୁ ଫେରିନଥିବା ବେଳେ ନାବାଳିକାର ଝୁଲନ୍ତା ମୃତଦେହ ଜବତ ହୋଇଥିଲା। କିନ୍ତୁ ଏଭଳି ସମ୍ବେଦନଶୀଳ ମାମଲା ରେଡ଼ ଫ୍ଲାଗ୍‌ଭୁକ୍ତ ହେଲାନାହିଁ। ତେଣୁ କେଉଁ ମାପଦଣ୍ଡ ଆଧାରରେ ରେଡ୍ ଫ୍ଲାଗ୍ ମାମଲା ରୁଜୁ ହେଉଛି, ତାହାକୁ ନେଇ ପ୍ରଶ୍ନ ଉଠିଛି ।

ନାବାଳିକା ଓ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା, ମାନବ ଚାଲାଣ କେସକୁ ସମ୍ବେଦନଶୀଳ କେସ ଭାବେ ବିବେଚନା କରା ଯାଇଥାଏ। ଅତି ସମ୍ବେଦନଶୀଳ କେସକୁ “ରେଡ଼ ଫ୍ଲାଗ’ ଅନ୍ତର୍ଭୁକ୍ତ କରାଯାଏ। ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ତଦନ୍ତ ଭାର ଦିଆଯାଏ। ଏହି କେସର ତଦନ୍ତ ବେଳେ ରିପୋର୍ଟ ଗୁଡିକୁ ରେଡ଼ ଏନଭଲପ ମଧ୍ୟରେ ରଖାଯାଏ। ବର୍ତ୍ତମାନର ଡିଜିପି, ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଥିବା ବେଳେ “ରେଡ଼ ଫ୍ଲାଗ’ ଏସ୍‌ଓପିକୁ କଡାକଡି ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗୋପାଳପୁର କେସରେ ମଧ୍ୟ ସମାନ ଢଙ୍ଗରେ ପୀଡିତାଙ୍କ ବୟାନ ସହ ଅଡିଓ, ଭିଡିଓ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ। ଫିଜିକାଲ ଟେଷ୍ଟ, ମେଡ଼ିକାଲ ଟେଷ୍ଟ ଓ ସାଇଣ୍ଟିଫିକ ଇଂଭେଷ୍ଟିଗେସନ କୁ ବ୍ୟାପକ କରାଯାଇଛି। କ୍ୱାଲିଟି ଅଫ ଏଭିଡେନ୍ସ କଲେକ୍ସନ ପାଇଁ ଆବଶ୍ୟକସ୍ଥଳେ ଡିଏନଏ ଟେଷ୍ଟ ପ୍ରକ୍ରିୟା ଆରମ୍ଭ କରିଛି । ମାତ୍ର ଗୋପାଳପୁର ପରି ରାଜ୍ୟର ଅନ୍ୟ ଗଣଦୁଷ୍କର୍ମ ଓ ଦୁଷ୍କର୍ମ ମାମଲାଗୁଡ଼ିକୁ କାହିଁକି ରେଡ଼ଫ୍ଲାଗ ମାମଲା ଅନ୍ତର୍ଭୁକ୍ତ କରାଯାଉ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ତେନ୍ତୁଳାପଶି ଗଣଦୁଷ୍କର୍ମ ଓ ହତ୍ୟା ମାମଲାରେ ୪ ଗିରଫ

କେନ୍ଦୁଝର, ୧୯।୬(ସମିସ): କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନା, ହରିଚନ୍ଦନପୁର ବ୍ଲକ୍ ତେନ୍ତୁଳାପଶି ଗାଁରେ ଜଣେ ୧୬ ବର୍ଷର ନାବାଳିକାକୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଘଟଣାରେ ପୁଲିସ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯୁକ୍ତ ଦୁଇ ପଢୁଥିବା ଉକ୍ତ ଆଦିବାସୀ ଝିଅକୁ ରଜ ଦିନରେ ଦୁର୍ବୃତ୍ତମାନେ ଦୁଷ୍କର୍ମ କରିଥିଲେ। ପରେ ପରିବାର ଲୋକେ ଝିଅର ଶବକୁ ଏକ ସଜନା ଗଛରେ ଟାଙ୍ଗି ଦିଆଯାଇଥିବା ଦେଖିଥିଲେ। ଗତ ୧୬ ତାରିଖ ଘଟିଥିବା ଏହି ଘଟଣା ସ୍ଥାନୀୟ ଅଞ୍ଚଳ ସହ ରାଜ୍ୟସାରା ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ନେଇ ରାଜନୀତି ସରଗରମ ହୋଇଥିଲା ବେଳେ ବିଜେଡି ଓ କଂଗ୍ରେସ ପକ୍ଷରୁ ପୀଡ଼ିତାର ପରିବାରକୁ ନ୍ୟାୟ ଦାବିରେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ସହ ୪ ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

### ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

# ବିଜେପି ସରକାରରେ ଅପରାଧୀ ଭୟଶୂନ୍ୟ

ଭୁବନେଶ୍ୱର,୧୯।୬(ସମିସ): ରାଜ୍ୟରେ ଅପରାଧୀ ଭୟଶୂନ୍ୟ, ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମହିଳା ଓ ଶିଶୁମାନେ ଅସୁରକ୍ଷିତ। ବିଜେପି ଶାସନ କରିବା ପରେ ଓଡ଼ିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ। ମହିଳା ଓ ଶିଶୁଙ୍କୁ ସରକ୍ଷା ଦେବାରେ ଅପାରଗ ସରକାର ବିଫଳ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ରାଜଶ୍ରୀ ମଲ୍ଲିକ, ସାଧାରଣ



- ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ
- ଓଡିଶା ଏବେ ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ
- ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରନ୍ତୁ ପ୍ରଧାନମନ୍ତ୍ରୀ

ସମ୍ପାଦିକା ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ଅପାରଗତାକୁ କଡ଼ା ସମାଲୋଚନା କରିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ରାଜ୍ୟବାସୀଙ୍କୁ ଅନେକ ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ରାଜ୍ୟକୁ ସୁଶାସନ ପ୍ରଦାନରେ ବିଫଳ ହୋଇଛି। ରାଜ୍ୟରେ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ଅପରାଧ ବଢ଼ି ଚାଲିଛି, କିନ୍ତୁ ରାଜ୍ୟ ସରକାର ମିଛ ସଫଳତାର ପ୍ରଚାରରେ ମାତିଛନ୍ତି। ବିଜେପିର ଓଡିଆ ଅସ୍ମିତା ସ୍ଲୋଗାନ ପ୍ରହସନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ରାଜ୍ୟକୁ ଆସୁଛନ୍ତି ଓ ଏହି ସମୟରେ ଅଧିକ ଅପରାଧ ଘଟିଥିବା ଦେଖାଯାଉଛି। ତେଣୁ ରାଜ୍ୟର ଆଇନ ଶୃଙ୍ଖଳାର ସ୍ଥିତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରନ୍ତୁ ବୋଲି ପ୍ରମିଳା କହିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ସଫଳତାକୁ ପ୍ରଚାର କରିବା ପାଇଁ ଗୋଟିଏ ବର୍ଷରେ ଅନେକ ଉପଲବ୍ଧିର ସ୍ଲୋଗାନ ଦେଉଛନ୍ତି।ଦେଶର ଅପରାଧ ପ୍ରବଣ ରାଜ୍ୟ ମଧ୍ୟରେ ଓଡ଼ିଶା ୮ମସ୍ଥାନ ସ୍ଥାନ କରିବା ବିଜେପି ପାଇଁ ନିଶ୍ଚିତ ବଡ଼ ଉପଲବ୍ଧି। ଦେଶର ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି । ଗତ ଏକ ବର୍ଷରେ ରାଜ୍ୟରେ ଦୁଷ୍କର୍ମ, ଅପହରଣ, ହତ୍ୟା ଇତ୍ୟାଦି ଉଦବେଗଜନକ ଭାବେ ବୃଦ୍ଧି ପାଇଛି। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ଗତ ଏକ ବର୍ଷରେ ରାଜ୍ୟରେ ତିନି ହଜାରରୁ ଊର୍ଦ୍ଧ୍ୱ ଦୁଷ୍କର୍ମ ହୋଇଛି। ତେଣୁ ରାଜ୍ୟରେ ମହିଳା ଓ ଶିଶୁ କେତେ ଅସୁରକ୍ଷିତ, ଏହି ତଥ୍ୟରୁ ସ୍ପଷ୍ଟ ଅନୁମେୟ ।

ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ମହିଳା ଓ ଶିଶୁ ବିରୋଧୀ ହିଂସା ମାମଲାକୁ ପଞ୍ଜିକୃତ କରିବା ପାଇଁ ରାଜ୍ୟର ୬୦୦ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ସ୍ଥାପନ କରାଯାଇଥିଲା। ସେଗୁଡିକ ଏବେ କାର୍ଯ୍ୟକ୍ଷମ ନାହିଁ, ଫଳସ୍ୱରୂପ ନିର୍ଯାତନାର ଶିକାର ହୋଇଥିବା ମହିଳାମାନେ ସେମାନଙ୍କ ଅଭିଯୋଗ ଦାଖଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ବିଜେଡ଼ି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି ।

### ରଥଯାତ୍ରା ସମୀକ୍ଷା କଲେ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି

# ଭକ୍ତଙ୍କ ସୁଖଦ ଓ ସୁରକ୍ଷିତ ଦର୍ଶନ ପାଇଁ ପରାମର୍ଶ

ପୁରୀ,୧୯।୬(ସମିସ): ପାଖେଇ ଆସିଲାଣି ରଥଯାତ୍ରା। ସମସ୍ତ କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ସରକାର, ପ୍ରଶାସନ ଓ ସେବାୟତ ପ୍ରସ୍ତୁତ ଚଳାଇଛନ୍ତି। ଚଳିତ ବର୍ଷ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଯେପରି ସୁଖଦ ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ପ୍ରତ୍ୟେକ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ରଥଯାତ୍ରା ପାଇଁ ଗଠିତ ଉଚ୍ଚସ୍ତରୀୟ ମନ୍ତ୍ରୀ କମିଟି। ଗୁରୁବାର

- ରଥଖଳା ବୁଲି ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ବୁଝିଲେ
- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ କଲେ

ପୂର୍ବାହ୍ଣରେ ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ଠାରେ ଉପମୁଖ୍ୟମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ପହଞ୍ଚି ଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ବିଷଦ୍ ଭାବେ ଅବଗତ କରାଇଥିଲେ। ପରେ ସମସ୍ତ ମନ୍ତ୍ରୀଙ୍କ ସହ ଉପ ମୁଖ୍ୟମନ୍ତ୍ରୀ ରଥଖଳା ପରିଦର୍ଶନ କରି ରଥ ନିର୍ମାଣର



ଅଗ୍ରଗତି ଅନୁଧ୍ୟାନ କରିଥିଲେ। ଏହା ପରେ ସିଂହଦ୍ୱାର ଓ ଶ୍ରୀମନ୍ଦିର ପରିଦର୍ଶନ କରିବା ସହ ଅତିଥିମାନଙ୍କ ବସିବା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରି ରଥଯାତ୍ରା ନୀତିକାନ୍ତି ସମ୍ପର୍କରେ ସୂଚନା ଦେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ନୀତି ସମ୍ପନ୍ନ ପାଇଁ ସେବାୟତଙ୍କ ସହ ଆଲୋଚନା ସମ୍ପର୍କରେ ଅବଗତ କରାଇଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ର ସ୍ୱଚ୍ଛତା, ଡ୍ରେନ୍ ସଫା, ଆଲୋକ ବ୍ୟବସ୍ଥା ସମ୍ପର୍କରେ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ପରିବହନ ବ୍ୟବସ୍ଥା, ପାର୍କିଂ ସ୍ଥଳ, ୨୦୦ ଅଟୋ ମାଧ୍ୟମରେ ମାଗଣାରେ ଯାତ୍ରୀ ପରିବହନ ବ୍ୟବସ୍ଥା ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସମସ୍ତଙ୍କୁ ଖଣ୍ଡୁଆ ପାଟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କମିଟି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଶେଷରେ ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ।

ଅପରାହ୍ଣରେ ସର୍କିଟ୍ ହାଉସ୍‌ଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀମତୀ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ସୂଚନା କେନ୍ଦ୍ରଗୁଡ଼ିକ ସଠିକ୍ ପରିଚାଳନା କରିବା, ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା, ନିରବଚ୍ଛିନ୍ନ ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ରାସ୍ତା ମରାମତି, ସୁରକ୍ଷା ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଦୂରଦର୍ଶନ ମାଧ୍ୟମରେ ରଥଯାତ୍ରାର ସିଧା ପ୍ରସାରଣ ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରଥ ନିର୍ମାଣ କାର୍ଯ୍ୟ ବେଶ୍ ଅଗ୍ରଗତି କରିଛି ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ସରିବାର ଆଶା ରହିଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱର, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ଆଇଜି ଟ୍ରେନିଂ ଅନୁପ କୁମାର ସାହୁ, ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜେଲ୍‌ରେ ଧିମାନଙ୍କ ଭଏସ୍ ରେକର୍ଡ ପରୀକ୍ଷା

ଭବାନୀପାଟଣା,୧୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ପୂର୍ବତନ ଉପ ଜିଲ୍ଲାପାଳ (ଆଇଏଏସ) ଧିମାନ ଚକମାଙ୍କ ଜେଲ୍‌ରେ ଭଏସ୍ ରେକର୍ଡ ପରୀକ୍ଷା ବା ସ୍ପେକ୍ଟ୍ରୋଗ୍ରାଫି ଟେଷ୍ଟ କରାଯାଇଛି। ଗୁରୁବାର ଭିଜିଲାନ୍ସ ସେଲ୍ ପକ୍ଷରୁ ଭବାନୀପାଟଣା ଜେଲ୍‌ରେ ଧିମାନଙ୍କ ବାର୍ତ୍ତାଳାପର ଭଏସ୍ ରେକର୍ଡ ପରୀକ୍ଷା କରାଯାଇଛି। ଭିଜିଲାନ୍ସ ଡିଏସପିଙ୍କ ସମେତ କଟକରୁ ଆସିଥିବା ସ୍ୱତନ୍ତ୍ର



ଟିମ୍ ଜେଲକୁ ଯାଇ ତାଙ୍କର ଭଏସ ରେକର୍ଡର ପରୀକ୍ଷା କରିଛନ୍ତି। ବ୍ୟବସାୟୀଙ୍କୁ ଫୋନ୍ ଯୋଗେ ଟଙ୍କା ମାଗିଥିବା ସମ୍ପର୍କୀତ ଏକାଧିକ କଲ୍ ରେକର୍ଡ ସହ ଧିମାନଙ୍କ ଭଏସ ମ୍ୟାଚ୍ କରାଇବା ପାଇଁ ଭିଜିଲାନ୍ସ ସେଲ୍‌ର ଗୋଟିଏ ଟିମ୍ ଭବାନୀପାଟଣା ଆସିଥିଲେ। ସୂଚନାଯୋଗ୍ୟ, ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲରେ ଅଛନ୍ତି। ଗତ ୧୭ ତାରିଖରେ ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ହେତୁ ଏବେ ବିଚାର ବିଭାଗ ହାଜତରେ ଅଛନ୍ତି।

## ଭୁଲ୍ ଉପଧାରା ପାଇଁ ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ କରାଯିବନି: ହାଇକୋର୍ଟ

କଟକ,୧୯ ।୬(ସମିସ): ଚାର୍ଜସିଟରେ କେବଳ ଭୁଲ ଉପଧାରା ଉଲ୍ଲେଖ କରାଯିବା ଦ୍ୱାରା ସମ୍ପୂର୍ଣ୍ଣ ତଦନ୍ତକୁ ଅବୈଧ ବୋଲି ବିବେଚନା କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଫୌଜଦାରୀ କାର୍ଯ୍ୟଧାରା ଉପରେ ଏପରି ସାମାନ୍ୟ ତ୍ରୁଟିର ପ୍ରଭାବ ପ୍ରସଂଗରେ ପ୍ରମୋଦ କୁମାର ସିଂହଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ସାବିତ୍ରୀ ରଥ ଏହି ରାୟ ପ୍ରକାଶ କରିଛନ୍ତି। ବିଏନଏସ ଧାରା ୧୯୩(୯) ପରିବର୍ତ୍ତେ ଏକ ଭୁଲ ଉପଧାରା ୧୯୩(୮) ଉଲ୍ଲେଖ କରାଯାଇଥିବାରୁ ଏହା ପୂରା ତଦନ୍ତକୁ ଅବୈଧ କରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଜଣେ ପୀଡ଼ିତାଙ୍କ ଉପରେ ନିଷ୍ଠୁରତା ପ୍ରଦର୍ଶନ କରିବା ଏବଂ ତାଙ୍କ ସମ୍ମତି ବିନା ଗର୍ଭପାତ କରାଇବା ପାଇଁ ଆବେଦନକାରୀଙ୍କ ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିବା ପାଇଁ କୋର୍ଟଙ୍କୁ ପ୍ରାର୍ଥନା କରିବା ସହିତ ପୁଲିସ ପକ୍ଷରୁ ଆବେଦନକାରୀଙ୍କ ବିରୋଧରେ ଏକ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଚୂଡ଼ାନ୍ତ ଚାର୍ଜସିଟ ଦାଖଲ ପର୍ଯ୍ୟନ୍ତ ଫୌଜଦାରୀ କାର୍ଯ୍ୟଧାରା ଉପରେ ରହିତାଦେଶ ଓ ଏହାକୁ ରଦ୍ଦ ପାଇଁ ପ୍ରାର୍ଥନା କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଝିଅ ଅନ୍ୟ ଜାତିର ପୁଅକୁ ବାହା ହୋଇଗଲା ବୋଲି

# ଶୁଦ୍ଧି ହୋଇ ମୁଣ୍ଡନ ହେଲେ କୁଳର ୪୦ ସଦସ୍ୟ

ରାୟଗଡ଼ା,୧୯।୬(ସମିସ): ଆଜି ବି ଜାତିପ୍ରଥା ଏକ ସମ୍ପ୍ରଦାୟ ପାଇଁ କିଭଳି ଗୁରୁତ୍ୱ ବହନ କରୁଛି ତାହା ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକରୁ ଦେଖିବାକୁ ମିଳିଛି। ଦୁନିଆଁ ଯେତେ ଡିଜିଟାଲ ହେଲେ ମଧ୍ୟ ପୂର୍ବକାଳରୁ ଚାଲି ଆସିଥିବା କୁଳ ଜାତି ପ୍ରଥାକୁ ସେମାନେ ସମ୍ମାନ ଦେଇ ଆସୁଛନ୍ତି ଓ ନିୟମ ପାଳନ କରି ଚଳୁଛନ୍ତି ମଧ୍ୟ। ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ପ୍ରେମ ବିବାହ କରିଥିବା ଘଟଣାକୁ ନେଇ ଝିଅ ପରିବାର, ବଂଶକୁଳର ୪୦ ଜଣ ସଦସ୍ୟ ଶୁଦ୍ଧି ହେବା ପାଇଁ ମୁଣ୍ଡନ ହେବା ସହିତ ପାରମ୍ପରିକ ରୀତିନୀତି ପାଳନ କରୁଥିବା ଦେଖିବାକୁ ମିଳିଛି । ସପ୍ତାହ ତଳେ କାଶିପୁର ବ୍ଲକର ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ବାଇଗଣଗୁଡ଼ା ଗ୍ରାମର ଘଟିଛି ଏହିଭଳି ଅଭାବନୀୟ ଘଟଣା।

ଘଟଣାରୁ ପ୍ରକାଶ ଯେ, ବାଇଗଣଗୁଡ଼ା ଗ୍ରାମର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ ପରିବାର ବର୍ଗଙ୍କ ଅନିଚ୍ଛା ସତ୍ତ୍ୱେ ଉକ୍ତ ଯୁବକଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଜାତିରେ ରହିବାକୁ ହେଲେ ପରିବାର ବର୍ଗଙ୍କୁ ତାଙ୍କ ପରମ୍ପରା ଅନୁଯାୟୀ ଛେଳି, ମାନିବାକୁ ଯାଇ ରୀତିନୀତି କାର୍ଯ୍ୟ କରିବା ପାଇଁ ଝିଅ ଘର ପରିବାର କୁଳ ବର୍ଗଙ୍କୁ ଲକ୍ଷାଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଗୋଟିଏ ପଟେ ଜାତିଆଣ ଭେଦଭାବ ନ ରଖି ସମସ୍ତେ ମିଳିମିଶି ରହିବାକୁ ସଚେତନତା




କୁକୁଡ଼ା, ଘୁଷୁରୀ ଆଦି ବଳି ଦେବା ସହିତ ନଦୀ କୂଳ ଗଛରେ ପୂଜା ପରେ ମୁଣ୍ଡନ କରିବାକୁ କହିଥିଲେ କୁଳ ମୁଖିଆ ତଥା ଗ୍ରାମବାସୀ। ନଚେତ ଗ୍ରାମର କେହି ହେଲେ ତାଙ୍କ ବଂଶ କୁଳ ସହିତ କୌଣସି ସମ୍ପର୍କ ରଖିବେ ନାହିଁ ଏବଂ ତାଙ୍କର କୌଣସି କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି କହିଥିଲେ। ଯାହାକୁ କରାଯାଉଥିବା ବେଳେ ଆଜିବି ଜୀବିତ ରହିଛି ପୁରୁଣା ପ୍ରଥା ଓ ପରମ୍ପରା। ଏନେଇ କାଶିପୁର ବିଡ଼ିଓ ବିଜୟ ସୋଏଙ୍କୁ ପଚାରିବାରୁ ଏନେଇ ଖବର ମିଳିବା ପରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ସେଠାକୁ ଯାଇ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି।

- ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି

## ନଦୀ ମଝିରେ ଫସିଲେ ଯୁବକ; ଉଦ୍ଧାର ଜାରି

ବାରିପଦା,୧୯।୬(ସମିସ): ବୁଧବାରଠାରୁ ମୟୂରଭଞ୍ଜ ଜିଲ୍ଲାରେ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ଅପରାହ୍ଣରେ ସୁବର୍ଣ୍ଣରେଖାରେ ହଠାତ୍ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ନଦୀ ମଝିରେ ଜଣେ ଯୁବକ ଫସି ରହିଛନ୍ତି। ମୟୂରଭଂଜ ଜିଲ୍ଲା ସାରସକଣା ବ୍ଲକ ମେରୁମଠ ନିକଟରେ ଯୁବକ ଜଣକ ଫସି ରହିଛନ୍ତି। ଘଟଣାସ୍ଥଳରେ ସାରସକଣା ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିଲା। ଉପରମୁଣ୍ଡ ଝାଡଖଣ୍ଡରେ ଏହି ନଦୀର ବ୍ୟାରେଜ ରହିଛି। ତେବେ ବର୍ଷା ଜଳ ବା କୌଣସି ପ୍ରାକ୍ ସୂଚନା ନ ଦେଇ ଡ୍ୟାମ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ନଦୀରେ ହଠାତ ଜଳସ୍ତର ବୃଦ୍ଧି ଘଟିଥିଲା। କୌଣସି କାରଣରୁ ଯୁବକ ଜଣକ ନଦୀ ଭିତରେ ଥିବା ପଥରକୁ ଯାଇଥିବାବେଳେ ହଠାତ୍ ଜଳସ୍ତର ବୃଦ୍ଧି ପାଇବାରୁ ସେ କୂଳକୁ ଫେରି ପାରିନଥିଲେ। ଖବର ଲେଖା ଯିବା ପର୍ଯ୍ୟନ୍ତ ଯୁବକ ଜଣକ ସେଠାରେ ଫସି ରହିଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ହେଁ ସନ୍ଧ୍ୟା ହେବା ଫଳରେ



ଉଦ୍ଧାର ବାଧାପ୍ରାପ୍ତ ହୋଇଛି। ଯାନ୍ତ୍ରିକ ବୋଟ ସାହାଯ୍ୟରେ ନଦୀ ମଧ୍ୟକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ତେବେ ନଦୀରେ ସୁଅ ଅଧିକ ରହିଥିବାରୁ ଉଦ୍ଧାରରେ ବାଧା ଉପୁଜିଥିବା ଦେଖାଦେଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କୁ ଉଦ୍ଧାର କରାଯାଇନାହିଁ।

# ଖଣି ପରିବହନରେ ଅଣଓଡ଼ିଆ ପ୍ରୀତି

ଯୋଡ଼ା, ୧୯।୬(ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଗୋଟିଏ ବର୍ଷ ମଧ୍ୟରେ ଯୋଡ଼ା ଖଣି ଅଞ୍ଚଳକୁ ଅଶାନ୍ତି ପ୍ରବେଶ କରିଛି। ବିଭିନ୍ନ ଘଟଣାକ୍ରମରେ ଧୀରେ ଧୀରେ ଅଶାନ୍ତି ବଢ଼ିବାରେ ଲାଗିଛି। କେତେବେଳେ ପରିବହନକୁ ନେଇ ଗୋଷ୍ଠୀ ସଂଘର୍ଷ ତ କେତେବେଳେ ଖଣିରେ କାର୍ଯ୍ୟ କରିବାକୁ ନେଇ ବିବାଦ। ଜିଲ୍ଲା ପ୍ରଶାସନ ଓ ପୁଲିସ୍ ବିଭାଗ କିଛି କରିପାରୁ ନାହାନ୍ତି। ଆଗାମୀ ଦିନରେ ଏହା ଆଇନଶୃଙ୍ଖଳା ପରିସ୍ଥିତି ସହ ଅରାଜକତା ସୃଷ୍ଟି କରିବାର ଆଶଙ୍କା ରହିଛି।

ପୂର୍ବରୁ ଅନେକ ପରିବହନ ସଂସ୍ଥା ପରିବହନ କାର୍ଯ୍ୟ କରୁଥିବାରୁ ଶତାଧିକ ଯୁବକ ପରିବହନ କାର୍ଯ୍ୟରେ ନିୟୋଜିତ ଥିଲେ। ଏବେ ସେମାନେ କାର୍ଯ୍ୟ ହରାଇ ବସି ରହିଛନ୍ତି। ଏପରିକି ସଂସ୍ଥାଗୁଡିକ ଖଣି ଦ୍ୱାରା ପ୍ରଭାବିତ ଲୋକଙ୍କ ସମସ୍ୟା ବୁଝିବା ସହ ଅନେକ ପ୍ରକାର ସହାୟତା ଯୋଗାଇ ଆସୁଥିଲେ। ଏବେ ଖଣିରେ କାର୍ଯ୍ୟ କରୁଥିବା ପରିବହନ ସଂସ୍ଥାକୁ ମଧ୍ୟ ହଟାଇ ଦିଆଯାଇଛି। ନୂଆ ସରକାର ଆସିବା ପରେ ଏକଦା ଖଣି ମାଫିଆ ଓ ହତ୍ୟା ଭଳି ଅଭିଯୋଗ ଥିବା

- ଏକଚାଟିଆ ପରିବହନ ବ୍ୟବସ୍ଥାରୁ ଅରାଜକତା
- ବଢୁଛି ବେରୋଜଗାରୀ, ଦାନା ବାନ୍ଧୁଛି ଅସନ୍ତୋଷ

ଜଣେ ଅଣଓଡ଼ିଆ ବ୍ୟକ୍ତିର ଆର୍‌ଜେ ଲଜିଷ୍ଟିକ ନାମକ ଏକ ସଂସ୍ଥା ଯୋଡ଼ା, ବଡ଼ବିଲ, କୋଇଡା ଅଞ୍ଚଳରେ ଥିବା ଖଣିଗୁଡ଼ିକରୁ ପରିବହନ କାର୍ଯ୍ୟ, ବୋଝେଇ କାର୍ଯ୍ୟ ମିଳୁଛି। ଫଳରେ ପୂର୍ବରୁ ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ଠିକାଦାର ଓ କର୍ମଚାରୀ ହାତ ବାନ୍ଧି ବସିଛନ୍ତି। ଉକ୍ତ ପରିବହନ ସଂସ୍ଥା ପୂର୍ବ ପରି ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇ କାମ ହାତେଇ ନେଇଥିଲା। ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଅଣଓଡ଼ିଆ ଠିକା ସଂସ୍ଥା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ଖଣି ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି। ଏହି ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ଶାସନକୁ ଆସିବା ମାତ୍ରେ ଅଣଓଡ଼ିଆ ଲୋକକୁ ବିଭିନ୍ନ କାମ ଦେବା ଯୋଗୁଁ ସରକାରଙ୍କ ଜିଲ୍ଲାରେ ଏବେ ଆକ୍ରୋଶ ବଢ଼ିବାରେ ଲାଗିଛି। ଏପରିକି ଅଣଓଡ଼ିଆ ପ୍ରୀତି ଏବେ ଦାଣ୍ଡରେ ପଡ଼ି ବାଟରେ ଗଡୁଛି।

ଯୋଡ଼ା ବ୍ଲକରେ କାର୍ଯ୍ୟକ୍ଷମ ଥିବା ୮୦ ଭାଗ ଖଣିରେ ଏହି ଅଣଓଡ଼ିଆ ବାବୁଙ୍କ ପରିବହନ କାର୍ଯ୍ୟ ଚାଲୁଛି। ଖଣିଗୁଡିକରୁ ପରିବହନ କାର୍ଯ୍ୟ ବ୍ୟାପକ ହୋଇପାରୁନାହିଁ। ବିଜେପି ସରକାର ବଳରେ ବଳୀୟାନ ହୋଇଥିବା ଏହି ଅଣଓଡ଼ିଆ ବାବୁ ଜଣକ ଏବେ ଖଣି ଅଞ୍ଚଳରେ ସର୍ବେସର୍ବା ହୋଇ ରହିବା ସହ ପୂର୍ବପରି ଖଣି ଅଞ୍ଚଳରେ ଖଣିଜ ଚୋରା କାରବାରକୁ ପ୍ରଶ୍ରୟ ଦିଆଯାଇ ବର୍ଷକ ଭିତରେ ଖଣିଜ ଚୋରା କାରବାର ବୃଦ୍ଧି ପାଉଥିବା ନେଇ ଆଲୋଚନା ହେଉଛି। ଏକଚାଟିଆ ପରିବହନ କାର୍ଯ୍ୟ ଦ୍ୱାରା ଅଞ୍ଚଳରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ଖଣିଜ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଠିକ ସମୟରେ ପରିବହନ ମୂଲ୍ୟ ମିଳୁ ନଥିବା ବେଳେ ପରିବହନର ଉଚିତ ମୂଲ୍ୟ ମିଳି ପାରୁ ନ ଥିବା ଗାଡ଼ି ମାଲିକମାନେ ଅଭିଯୋଗ କରୁଛନ୍ତି।

### ସୂର୍ଯ୍ୟଘର ଭେଲିକି

## ଆବେଦନ ୨୨ ଶହ; କାର୍ଯ୍ୟକାରୀ ୬୮

### ହିତାଧିକାରୀ ପାଉନାହାନ୍ତି ବଳକା ବିଜୁଳି ଅର୍ଥ

ନୟାଗଡ,୧୯।୬(ସମିସ): କହିଥିଲେ ମାଗଣା ବିଜୁଳି ଦେବେ, ମାଗଣା ତ ଦେଲେ ନାହିଁ; ଏବେ ସୂର୍ଯ୍ୟଘର ଜରିଆରେ ୩୦୦ ୟୁନିଟ୍ ବିଜୁଳି ଯୋଗାଇବାକୁ ଘୋଷଣା କଲେ। ଏଥିପାଇଁ ହିତାଧିକାରୀଙ୍କୁ ପ୍ରତି ମେଗାୱାଟ ପିଛା ପାଖାପାଖି ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହା ସତ୍ତ୍ୱେ ଯେତିକି ଲୋକ ଆବେଦନ କରୁଛନ୍ତି, ସମସ୍ତଙ୍କୁ ସୌର ବିଜୁଳି ମିଳୁନାହିଁ। ନୟାଗଡ ଜିଲ୍ଲାରେ ସୂର୍ଯ୍ୟଘର ଯୋଜନା ପ୍ରହେଳିକା ପାଲଟିଛି। ୨୦୨୪ ମସିହା ଫେବୃୟାରୀ ମାସରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଏବେ ସୁଦ୍ଧା ୬୮ ଜଣ ହିତାଧିକାରୀ ସାମିଲ ହୋଇଥିବା ବେଳେ ସେମାନେ ବିତରଣ କମ୍ପାନୀ ଦ୍ୱାରା ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଦିଶା ବୈଠକରେ ଆଜି କିଛି ଏଭଳି ଆଭାସ ମିଳିଛି ।

ନୟାଗଡ ଜିଲ୍ଲାର ୮ଟି ବ୍ଲକର ୨୨୧୬ ଜଣ ହିତାଧିକାରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ହେବାକୁ ଅନଲାଇନ ଆବେଦନ କରିଥିବା ଟିପିସିଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ୧୧୦୯ ଜଣ ହିତାଧିକାରୀ ଭେଣ୍ଡର ଚୟନ କରିଛନ୍ତି । ମାତ୍ର ସାରା ଜିଲ୍ଲାରୁ ମାତ୍ର ୬୮ ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶପଲ୍ଲା ବ୍ଲକର ୧୫ ଜଣ, ଗଣିଆ ବ୍ଲକର ୩ ଜଣ, ଖଣ୍ଡପଡା ବ୍ଲକର ୩ ଜଣ, ନୟାଗଡ ବ୍ଲକରୁ ୨୭ ଜଣ, ଓଡଗାଁ ବ୍ଲକରୁ ୫ ଜଣ, ରଣପୁର ବ୍ଲକରୁ ୧୫ ଜଣ ସାମିଲ ହୋଇଛନ୍ତି । ହିତାଧିକାରୀମାନେ ସୋଲାର ପ୍ରକଳ୍ପ ଲଗାଇ ସୂର୍ଯ୍ୟଘର ଯୋଜନାରେ ସାମିଲ ହୋଇଥିବା ବେଳେ ବିତରଣ କମ୍ପାନୀ ଦ୍ୱାରା ଠକେଇ ଶୀକାର ହେଉଥିବା କଥା ସାମ୍ନାକୁ ଆସିଛି । ଯେଉଁ ହିତାଧିକାରୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି ସେମାନେ ନିଜ ଘର ଛାତ ଉପରେ ସୋଲାର ପ୍ରକଳ୍ପ ମାଧ୍ୟରେ ଯେଉଁ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରନ୍ତି, ତାହା ତୁଳନାରେ କମ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି । ବଳକା ବିଦ୍ୟୁତ୍ ବିତରଣ କମ୍ପାନୀ ଅନ୍ୟକୁ ବିକ୍ରି କରୁଛି। ଏହି ବଳକା ବିଦ୍ୟୁତ୍ ବାବଦରେ ହିତାଧିକାରୀ ଟଙ୍କାଟିଏ ମଧ୍ୟ ଲାଭ ପାଉ ନାହାନ୍ତି।

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

### ଏନ୍‌କାଉଣ୍ଟର ଭୟ

## ଆତ୍ମସମର୍ପଣ କଲେ ୧୨ ମାଓବାଦୀ

■ ମାଲକାନଗିରି,୧୯ ।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦ୍ରି କୋଥାଗୁଡ଼େମ ପୁଲିସ ମୁଖ୍ୟାଳୟରେ ୧୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । କୋଥାଗୁଡ଼େମରେ ଜିଲ୍ଲା ଏସ୍‌ପି ରୋହିତ ରାଜଙ୍କ ସମ୍ମୁଖରେ ୨ ଜଣ ଡିଭିସିଏମ୍, ୪ ଜଣ ଏସିଏମ୍, ୨ ଜଣ ପାର୍ଟି ମେମ୍ବର, ୨ ଜଣ ମିସିଲିଆ ସଦସ୍ୟ ଏବଂ ୨ ଜଣ ଆରପିସି ସଦସ୍ୟଙ୍କ ସମେତ ୧୨ ଜଣ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।ସମସ୍ତ ୧୨ ମାଓବାଦୀ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ । ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ଆଜି ଆସିବେ ପ୍ରଧାନମନ୍ତ୍ରୀ



### ୧୦୦ ବିଦ୍ୟୁତ୍‌ଚାଳିତ ବସ୍‌ର କରିବେ ଶୁଭାରମ୍ଭ

### ବରିଷ୍ଠଙ୍କୁ ବାଣ୍ଟିବେ ବୟୋବନ୍ଦନା କାର୍ଡ

### ବର୍ଷକ ମଧ୍ୟରେ ଷଷ୍ଠ ଗସ୍ତ

■ **ଭୁବନେଶ୍ୱର, ୧୯।୬ (ସମିସ):** ରାଜ୍ୟରେ ବିଜେପି ଶାସନକୁ ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି । ରାଜଧାନୀର ଜନତା ମଇଦାନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ୧୮ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହାସହ କ୍ରୁଟ ଅଧୀନରେ ୧୦୦ଟି ଇଲେକ୍ଟ୍ରିକ ବସର ପତାକା ଦେଖାଇ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଗତ ବର୍ଷକ ମଧ୍ୟରେ ଏହା ପ୍ରଧାନମନ୍ତ୍ରୀଙ୍କର ଷଷ୍ଠ ଥର ଓଡ଼ିଶାକୁ ଗସ୍ତ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବୟୋବନ୍ଦନା କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ସାଙ୍କେତିକ ଭାବେ କାର୍ଯ୍ୟକ୍ରମ ସ୍ଥଳରେ ୫ ଜଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଏହି କାର୍ଡ ବାଣ୍ଟିବା ସହ ଅନ୍ତ୍ୟୋଦୟ ଘର ଯୋଜନାରେ ମଧ୍ୟ ଘର ବାଣ୍ଟିବେ । ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମନ୍ଦିର ପାଇଁ ଡିଜିଟାଲ ହୁଣ୍ଡି ସମେତ ଅନ୍ୟ କେତେକ ଯୋଜନାର ଶୁଭାରମ୍ଭ କରିପାରନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସୂଚନା ଅନୁଯାୟୀ ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ସେଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । କଳିଙ୍ଗ ଷ୍ଟାଡିୟମ ଛକରୁ ଏକ ବିରାଟ ରୋଡ୍ ଶୋ ବାହାରିବାକୁ ଥିବାବେଳେ ଏହା ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବ । ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ ବୋଲି ଜଣାପଡିଛି ।

### ଇରାନ ଆକ୍ରମଣ ପାଇଁ ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା

## ବୋମାବର୍ଷୀ ଜେଟ୍, ବଙ୍କର-ବଷ୍ଟର ପ୍ରସ୍ତୁତ



### ନିଜ ନାଗରିକଙ୍କୁ ଫେରାଇଆଣିବା ପାଇଁ ଭାରତ ସମେତ ବଭିନ୍ନ ଦେଶର ଉଦ୍ୟମ

■ **ତେହରାନ, ୧୯।୬ (ଏଜେନ୍ସି):** ଇରାନ-ଇସ୍ରାଏଲ ଯୁଦ୍ଧରେ ସାମିଲ ହେବାକୁ ପ୍ରସ୍ତୁତ ହେଉଛି ଆମେରିକା । ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ । ଇସ୍ରାଏଲରେ ଯୁଦ୍ଧଜାହାଜ, ବି-୫୨ ବୋମାବର୍ଷୀ ବିମାନ ଏବଂ ବଙ୍କର ବିଧ୍ୱଂସକାରୀ ବି-୨ ବଙ୍କର-ବଷ୍ଟର ଆକ୍ରମଣ ପାଇଁ ମୁତୟନ ହୋଇଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଦେଶକୁ ଅପେକ୍ଷା କରିଛନ୍ତି ଆମେରିକୀୟ ସେନା । ବଙ୍କର-ବଷ୍ଟର୍‌ରେ ୩୦ ହଜାର ପାଉଣ୍ଡ ଓଜନର ବୋମା ଖଞ୍ଜାଯାଇଛି । ଇରାନର ଭୂତଳ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଲାଗି ବଙ୍କର-ବଷ୍ଟରର ପ୍ରୟୋଗ କରିବ ଆମେରିକା । ଇରାନର ଫରଡୋ ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ଲାଗି ଜିବିୟୁ-୫୭ ବୋମାର ବ୍ୟବହାର କରିବ । ସାଉଦୀ ଆରବରେ ଏଫ୍-୧୬ ବିମାନ ମୁତୟନ ହାଇଥିବା ବେଳେ ଡିଆଗୋ ଗାର୍ସିଆରେ ବି-୫୨ ବୋମାବର୍ଷୀ ବିମାନକୁ ପ୍ରସ୍ତୁତ ରଖାଯାଇଛି । ଜେଟ୍ ବିମାନଗୁଡ଼ିକ ଉପସାଗରୀୟ ଅଞ୍ଚଳରେ ପଇଁତରା ମାରୁଛନ୍ତି । ଯୁଦ୍ଧର ସପ୍ତମ ଦିନରେ ମଧ୍ୟ ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛନ୍ତି । ଇରାନର ପରମାଣୁ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନକୁ ଟାର୍ଗେଟ କରି ଇସ୍ରାଏଲ ଗତକାଲି ରାତିରେ ପ୍ରଚଣ୍ଡ ବୋମାମାଡ଼ କରିଛି । ସାମରିକ ପ୍ରତିଷ୍ଠାନ ସମେତ ଜନବସତି ଉପରେ ମଧ୍ୟ ଇସ୍ରାଏଲୀ ଜେଟ୍ ବିମାନ ଆକ୍ରମଣ କରିଛନ୍ତି । ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଏହାର କ୍ଷେପଣାସ୍ତ୍ର ମାଡ଼କୁ ଆହୁରି ତୀବ୍ର କରିଛି । ଗତକାଲି ରାତିରେ ଇରାନର କ୍ଷେପଣାସ୍ତ୍ର ମାଡ଼ରେ ଗୋଟିଏ ହସପିଟାଲ ଏବଂ ଏହାର ଆଖପାଖ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଯୁଦ୍ଧରେ କେବଳ ଇରାନରେ ୬୪୦ ଜଣ ପ୍ରାଣ ହରାଇଥିବା ବେଳେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ଘଟିଛି । ଇସ୍ରାଏଲ ଉପରେ ଇରାନ ବର୍ତ୍ତମାନ ସୁଦ୍ଧା ୪୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ଶତାଧିକ ଡ୍ରୋନ ମାଡ଼ କଲାଣି ।

ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ରଣନୀତିକୁ ଗୋପନୀୟ ରଖିଛନ୍ତି । ଇରାନ ଉପରେ ସେ ଆକ୍ରମଣ କରିପାରନ୍ତି ବୋଲି ଅନୁମାନ କରାଯାଉଛି । ଆସନ୍ତା ତିନି ଚାରି ଦିନ ମଧ୍ୟରେ ଆମେରିକା ଏହି ଯୁଦ୍ଧରେ ସାମିଲ ହେବାନେଇ ସଙ୍କେତ ମିଳିଲାଣି । ଆମେରିକା ଏହାର ଅନେକ ଯୁଦ୍ଧ ଜାହାଜ ଏବଂ ଲଢୁଆ ବିମାନକୁ ମଧ୍ୟପ୍ରାଚ୍ୟରେ ମୁତୟନ କରିସାରିଲାଣି । ଗତକାଲି ଏ ସଂପର୍କରେ ପ୍ରଶ୍ନର ଉତ୍ତର ନେଇ ଟ୍ରମ୍ପ କହିଥିଲେ ଯେ 'ଆମେରିକା ଆକ୍ରମଣ କରିପାରେ, ନ ବି କରିପାରେ । ମୁଁ କ'ଣ କରିବାକୁ ଯାଉଛି ତାହା କେହି ଜାଣନ୍ତି ନାହିଁ ।'

ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଏହି ଦୁଇ ଦେଶରୁ ନିଜନିଜର ନାଗରିକଙ୍କୁ ଫେରାଇ ଆଣିବା ଲାଗି ଭାରତ ସମେତ ଅନେକ ଦେଶ ଉଦ୍ୟମ ଆରମ୍ଭ କରିଛନ୍ତି ।




### ସୁପ୍ରିମ୍‌କୋର୍ଟ କମିଟିର ସୁପାରିସ

## ପଦରୁ ହଟିବେ ଜଷ୍ଟିସ୍ ବର୍ମା

■ **ନୂଆଦିଲ୍ଲୀ, ୧୯ ।୬ (ଏଜେନ୍ସି):** ଘରୁ ଟଙ୍କା ମିଳିବା ଘଟଣାରେ ଜଷ୍ଟିସ ଯଶବନ୍ତ ବର୍ମାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି । ଘରେ ନିଆଁ ଲାଗିବା ପରେ ସେଠାରୁ ଦରପୋଡ଼ା କୋଟି କୋଟି ଟଙ୍କା ବିଡ଼ା ମିଳିଥିଲା । ଏହି ଘଟଣା ପରେ ଜଷ୍ଟିସ ବର୍ମାଙ୍କ କାର୍ଯ୍ୟକଳାପ ଓ ଆଚରଣରୁ ସ୍ପଷ୍ଟ ଜଣାପଡୁଛି ଯେ ବଡ଼ ଧରଣର ଦୁର୍ନୀତିରେ ସେ ଜଡ଼ିତ ଥିଲେ । ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଯାଞ୍ଚ କମିଟି ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ଭ୍ରଷ୍ଟ ଓ ଅନୈତିକ କାର୍ଯ୍ୟ ପାଇଁ ବିଚାରପତି ପଦରୁ ତାଙ୍କୁ ବହିଷ୍କାର ଲାଗି କମିଟି ସୁପାରିସ କରିଛି । ଜଷ୍ଟିସ ବର୍ମାଙ୍କ ସମେତ ୫୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ କମିଟି ଏକ ୬୪ ପୃଷ୍ଠା ବିଶିଷ୍ଟ ରିପୋର୍ଟ ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରିଛି । ସଂସଦର ଆଗାମୀ ଅଧିବେଶନରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ କରାଯିବ ।



ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୪ ତାରିଖରେ ତତ୍କାଳୀନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ବର୍ମାଙ୍କ ସରକାରୀ ବାସଭବନରେ ନିଆଁ ଲାଗିଥିଲା । ଘଟଣାସ୍ଥଳରୁ ପୁଲିସ ଓ ଦମକଳ ବିଭାଗ ୫୦୦ ଟଙ୍କିଆ ନୋଟର ଶହ ଶହ ବିଡ଼ାକୁ ଦଗ୍ଧ ଅବସ୍ଥାରେ ଜବତ କରିଥିଲେ । ସେଠାରୁ ୧୫ କୋଟି ଟଙ୍କା ମିଳିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିଲା । ଜଣେ ବିଚାରପତିଙ୍କ ଘରୁ ଏତେ ଟଙ୍କା ନଗଦ କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠିଥିଲା । ଏହି ମାମଲାରେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା ।

## ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ପରଲୋକ

■ **କଟକ, ୧୯।୬ (ସମିସ):** ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ନିରଞ୍ଜନ ରଥଙ୍କର ଗୁରୁବାର ରାତି ୧୧ଟାରେ ସ୍ଥାନୀୟ ଏକ ଘରୋଇ ନର୍ସିଂହୋମ୍‌ରେ ପରଲୋକ ଘଟିଛି । ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଚାରିଦିନ ତଳେ ପ୍ରବଳ ଜ୍ୱର, କଫ ଓ ବିଭିନ୍ନ ସଂକ୍ରମଣ ଯୋଗୁଁ ତାଙ୍କୁ ଥୋରିଆ ସାହି ସ୍ଥିତ ଶାନ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଭେଣ୍ଟିଲେଟର ଜରିଆରେ ଚିକିତ୍ସା କରାଯାଉଥିଲା । ଚିକିତ୍ସକଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ସ୍ଥିତିରେ ଉନ୍ନତି ଘଟି ନ ଥିଲା । ହୃଦ୍‌ଘାତ ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସକଙ୍କ ସୂତ୍ରରୁ ପ୍ରକାଶ ।




ଆଠଗଡ଼ର ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମିତ ଶ୍ରୀ ରଥ ଆଇନ ଡିଗ୍ରୀ ସହିତ ଇଂରାଜୀ ସାହିତ୍ୟରେ ଏମ୍‌ଏ ପାସ୍ କରିବା ପରେ ସାମ୍ବାଦିକତା ଓ ଓକିଲାତି ବୃତ୍ତି ସହିତ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । 'ନ୍ୟାୟବତୀ' ନାମକ ଏକ ପତ୍ରିକାର ସେ ସଂସ୍ଥାପକ ଓ ସମ୍ପାଦକ ଭାବେ ଦୀର୍ଘକାଳ କାର୍ଯ୍ୟ କରିବା ପରେ ଲୋକସେବକ ମଣ୍ଡଳରେ ଯୋଗ ଦେଇଥିଲେ । ସେ 'ସମାଜ'ର ସମ୍ପାଦକ, ପ୍ରକାଶକ ଓ ମୁଦ୍ରାକର, ଜିମ୍‌ସାରର ଅଧ୍ୟକ୍ଷ, 'ସମାଜ' ରିଲିଫ କମିଟିର ମୁଖ୍ୟ, ସତ୍ୟବାଦୀର ସମ୍ପାଦକ ହେବା ସହିତ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ । ସେ ମଧ୍ୟ ଲୋକସେବକ ମଣ୍ଡଳର ଉପସଭାପତି, ▶ପୃଷ୍ଠା-୭

# ସମ୍ବଲପୁରରେ ପ୍ରତିଷ୍ଠା ହେବ ୪ କୃଷିଭିତ୍ତିକ ବିକାଶ ଓ ଗବେଷଣା କଲେଜ

## ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ସମ୍ବଲପୁର, ୧୯।୬ (ସମିସ)

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଚିପିଲିମାଠାରେ ଚାରୋଟି କୃଷି-ସମ୍ପର୍କିତ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ପ୍ରସ୍ତାବ ଦେଇଛନ୍ତି। ଏହି କଲେଜ ଗୁଡ଼ିକ ହେଉଛି ପ୍ରାଣୀଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ, ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ, ମତ୍ସ୍ୟ ମହାବିଦ୍ୟାଳୟ ଏବଂ କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଲେଖିଛନ୍ତି ଯେ, ସମ୍ବଲପୁରରେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରର ଅପାର ସମ୍ଭାବନା ରହିଛି। ସମ୍ବଲପୁର ଅଞ୍ଚଳର ଅନ୍ତର୍ନିହିତ କୃଷି ବିବିଧତା ଏବଂ କୃଷି-ସମ୍ପର୍କିତ ସମ୍ଭାବନା ସତ୍ତ୍ୱେ କ୍ଷେତ୍ରଗତ ଅଭିବୃଦ୍ଧି ହାସଲ କରିପାରିନାହୁଁ। ଏହି କ୍ଷେତ୍ର ପାଇଁ ଏକ ଦୀର୍ଘକାଳୀନ, ସମାବେଶୀ ଏବଂ ଜ୍ଞାନ-ଚାଳିତ ବିକାଶ ପଥକୁ ଆଗେଇ ନେବା ପାଇଁ କୃଷି-ସମ୍ପର୍କିତ କ୍ଷେତ୍ର ଉପରେ କେନ୍ଦ୍ରିତ ସଂରଚିତ ପ୍ରତିଷ୍ଠାନ ପ୍ରାଥମିକତା ହେବା ଆବଶ୍ୟକ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଥମତଃ ଏଠାରେ ପଶୁଚିକିତ୍ସା ବିଜ୍ଞାନ ଏବଂ ପଶୁପାଳନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଜରୁରୀ। ଏହି ପ୍ରତିଷ୍ଠାନ ତାଲିମପ୍ରାପ୍ତ ପଶୁଚିକିତ୍ସା ବିଶେଷଜ୍ଞ, ଗବେଷକ ଏବଂ ବୃତ୍ତିଗତଙ୍କ ପାଇଁ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବ। ଏହା ପଶୁସ୍ୱାସ୍ଥ୍ୟରେ ଉନ୍ନତି ଆଣିବା, ପଶୁପାଳନ ଉତ୍ପାଦନ ବୃଦ୍ଧି କରିବା ଏବଂ ଜୁନୋଟିକ୍ ରୋଗରୁ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେବାରେ ସିଧାସଳଖ ଯୋଗଦାନ ଦେବ। ଦ୍ୱିତୀୟତଃ ଏଠାରେ ଦୁଗ୍ଧ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ସ୍ଥାପିତ ହେବା ଦରକାର। ଏହା ଦୁଗ୍ଧ ଚାଷର ଗୁରୁତ୍ୱ ପ୍ରଦାନ କରିବା ସହ ଦକ୍ଷ ମାନବସମ୍ବଳ ପ୍ରଦାନ କରିବ। ଦୁଗ୍ଧ ପ୍ରଯୁକ୍ତି ବିଦ୍ୟାରେ ଗବେଷଣାକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ଏହି ଅଞ୍ଚଳରେ ଦୁଗ୍ଧ ଆଧାରିତ ଆର୍ଥିକ ବିକାଶକୁ ସମର୍ଥନ କରିବ। ସେହିପରି ତୃତୀୟତଃ ମତ୍ସ୍ୟ ମହାବିଦ୍ୟାଳୟ ମଧ୍ୟ ଏଠାରେ ପ୍ରତିଷ୍ଠା ହେବା ଦରକାର। ବର୍ତ୍ତମାନ ଦ୍ରୁତତମ ବୃଦ୍ଧି ପାଉଥିବା କୃଷି-ସମ୍ପର୍କିତ ଉପ-କ୍ଷେତ୍ର ମଧ୍ୟରୁ ଏହା ଅନ୍ୟତମ। ମତ୍ସ୍ୟଚାଷ ପାଇଁ କେନ୍ଦ୍ରିତ ଶୈକ୍ଷିକ ଏବଂ ବ୍ୟବହାରିକ ତାଲିମ ଆବଶ୍ୟକ। ଏକ ମତ୍ସ୍ୟଚାଷ ମହାବିଦ୍ୟାଳୟ ଜଳକୃଷି, ମତ୍ସ୍ୟଚାଷ ପରିଚାଳନା ଏବଂ ଅମଳ ପରବର୍ତ୍ତୀ ପ୍ରଯୁକ୍ତିବିଦ୍ୟାରେ କ୍ଷମତା ନିର୍ମାଣ କରିବାରେ ସାହାଯ୍ୟ କରିବ, ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବ। ଚତୁର୍ଥତଃ କୃଷି-ବ୍ୟବସାୟ ପରିଚାଳନା ମହାବିଦ୍ୟାଳୟ ଦ୍ୱାରା କୃଷି କ୍ରମଶଃ ବଜାର-ମୁଖୀ ହେବା ସହିତ, କୃଷି-ବ୍ୟବସାୟ, ଯୋଗାଣ ଶୃଙ୍ଖଳା ପରିଚାଳନା, ମାର୍କେଟିଂ ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ ବିଶେଷଜ୍ଞ ବୃତ୍ତିଗତଙ୍କ ଆବଶ୍ୟକତା ରହିଛି। ଏପରି ଏକ ପ୍ରତିଷ୍ଠାନ ଯୁବପିଢ଼ିଙ୍କୁ କୃଷି ମୂଲ୍ୟ ଶୃଙ୍ଖଳାରେ ନେତୃତ୍ୱ ନେବା ସହ ନବସୃଜନକୁ ସଶକ୍ତ କରିବ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁରର ଚିପିଲିମା ଠାରେ ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ଓୟୁଏଟି) ପାଖରେ ପୂର୍ବରୁ ଜମି, କିଛି ଶିକ୍ଷାଗତ ଓ ଗବେଷଣା ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧା ରହିଛି। ଏହା ସହିତ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପାଖରେ ଅବ୍ୟବହୃତ ଜମି ଅଛି, ଯାହାକୁ ଏହି ଉଦ୍ଦେଶ୍ୟରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଇପାରିବ। ପ୍ରସ୍ତାବିତ କଲେଜଗୁଡ଼ିକ ପ୍ରତିଷ୍ଠା କରିବା ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କେବଳ ବୈଷୟିକ ଏବଂ ଉଦ୍ୟୋଗୀ କ୍ଷମତା ସୃଷ୍ଟି ହେବ ନାହିଁ ବରଂ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରର ଚାଷୀମାନଙ୍କ ପାଇଁ କ୍ଷେତ୍ର-ନିର୍ଦ୍ଦିଷ୍ଟ ଗବେଷଣା ଏବଂ ସମ୍ପ୍ରସାରଣ ସେବା ମଧ୍ୟ ସୁନିଶ୍ଚିତ ହେବ। କୃଷି ସାମଗ୍ରୀ ବୃଦ୍ଧି ସହ ବଜାର ସଂଯୋଗକୁ ଉନ୍ନତ କରିବ ତଥା ମୂଲ୍ୟ ବୃଦ୍ଧିକୁ ପ୍ରୋତ୍ସାହିତ କରିବ। କୃଷକମାନଙ୍କ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ, ଯାହା ଗ୍ରାମୀଣ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ବିଷୟକୁ ଦୃଷ୍ଟିରେ ରଖି ପ୍ରସ୍ତାବଗୁଡ଼ିକର ଅନୁମୋଦନ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।



ଯୋଗ ଦିବସ ପାଇଁ ୩ଦିନ ବାଲିବନ୍ଧା-ସମଲେଶ୍ୱରୀ ମନ୍ଦିର ରିଂରୋଡ ବନ୍ଦ

## ଏସ୍‌ଡିଏ ପ୍ଲାନିଂ ମଞ୍ଜୁରି ଠକେଇ

# ଫେରାର ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୯।୬(ସମିସ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଏସଡିଏ ବିଲ୍ଡିଂ ପ୍ଲାନିଂ ମଞ୍ଜୁରି ଠକେଇରେ ସମ୍ପୃକ୍ତ ଥିବା ଫେରାର ଅଭିଯୁକ୍ତକୁ ଅଇଁଠାପାଲି ପୁଲିସ ଆଜି ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଜୀବନ କୃଷ୍ଣ ବେହେରା। ସମ୍ବଲପୁରବାସୀଙ୍କୁ ବିଲ୍ଡିଂ ପ୍ଲାନିଂ ମଞ୍ଜୁରି କରିବା ନେଇ ଲକ୍ଷାଧିକ ଟଙ୍କା ନିଆଯାଉଥିଲା। ଜାଲିଆତି କରିବା ବାହାନାରେ ଅଧିକାଂଶ ଲୋକଙ୍କୁ ଠକି ଦିଆଯାଇଥିବା ନେଇ ଅନେକ ଗୁଡ଼ିଏ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମୁଖ୍ୟ ଏସଡିଏ ଷ୍ଟାଫ ଲକ୍ଷ୍ମୀନାରାୟଣ ସାମଲ, ବିକାଶ ଜଗତ(ପ୍ଲାନର) ଓ ବନ୍ଦିତା ମହାପାତ୍ର(କମିଟି ମେମ୍ବର)କୁ ପୁଲିସ ପୂର୍ବରୁ ଗିରଫ କରିଛି। ସ୍ୱାଗତ ଦାଶ ଜାଲିଆତି କୋଠା ଯୋଜନା ଅନୁମୋଦନ ସହିତ ଜଡିତ ଠକେଇ ହୋଇଥିବା ନେଇ ଅଇଁଠାପାଲି ଥାନାରେ ଗତ ୨୦୨୩ ଅଗଷ୍ଟ ମାସରେ ଅଭିଯୋଗ କରିଥିଲେ। ଗୃହ ନିର୍ମାଣ ନକ୍ସାକୁ ଅନୁମତି ଦେବା ପାଇଁ ଲକ୍ଷ୍ମୀନାରାୟଣ ସାମଲ, ବିକାଶ ଜଗତ ଏବଂ ଜୀବନ କୃଷ୍ଣ ବେହେରା ୯୨, ୦୦୦ ଟଙ୍କା ନେଇଥିଲେ। କିନ୍ତୁ ପରେ ଅନୁମତି ଦେଇନଥିଲେ।



ଉକ୍ତମାସରେ ଏସଡିଏ କଲେଙ୍କାରି ବାବଦରେ ସେ ଜାଣିବାକୁ ପାଇ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ହେଲେ ଜୀବନ ଫେରାର ରହିଥିଲା। ପୁଲିସ ଆଜି ଅଭିଯୁକ୍ତକୁ ଗିରଫ କରିଛି। ପ୍ରକାଶଥାଉକି ୨୦୨୩ ମସିହା ଅଗଷ୍ଟ ୨୨ ତାରିଖରେ ଗୃହନିର୍ମାଣ ନକ୍ସାକୁ ଜାଲ୍ ଅନୁମତି ଦେଉଥିବା ଏକ ରାକେଟ୍ ଧରାପଡ଼ିଥିଲା। ଏହି ଘଟଣାରେ ୨ଜଣ ଏସ୍‌ଡିଏକର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ପରେ ଅଭିଯୋଗକ୍ରମେ ପ୍ଲାନି ମେମ୍ବର ଓ ଆର୍କିଟେକ୍ଟଙ୍କୁ ସେପ୍ଟେମ୍ବର ୨ ତାରିଖ ଗିରଫ କରାଯାଇଥିଲା।

## ଚାଲିବ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଟ୍ରେନ୍


ସମ୍ବଲପୁର, ୧୯।୬ (ସମିସ) : ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ୨୭୫୦ କୋଟିରୁ ଅଧିକ ମୂଲ୍ୟର ଯୋଜନାଗୁଡ଼ିକର ଶିଳାନ୍ୟାସ, ଉଦଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସରଳା-ଶାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନର ଶିଳାନ୍ୟାସ କରିବେ। ଏହି ପ୍ରକଳ୍ପ ଝାରସୁଗୁଡ଼ା-ସମ୍ବଲପୁର ଭଳି ବ୍ୟସ୍ତତମ ରେଳ ସେକ୍ସନରେ ଟ୍ରାଫିକ ଭାର ହ୍ରାସ କରିବ ଏବଂ ଶିଳ୍ପ ଏବଂ ଯାତ୍ରୀ ପରିବହନକୁ ବୃଦ୍ଧି କରିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କ ପାଇଁ ନୂତନ ରେଳ ସେବାର ଶୁଭାରମ୍ଭ କରିବେ। ନୂତନ ଟ୍ରେନ୍ ସେବା ସହିତ ବୌଦ୍ଧ ଜିଲ୍ଲାର ଅଞ୍ଚଳଗୁଡ଼ିକ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱର ସହିତ ସୁଲଭ ଏବଂ ସୁବିଧାଜନକ ରେଳ ସେବା ପାଇବେ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହେବାକୁ ଥିବା ନୂତନ ଟ୍ରେନଗୁଡ଼ିକ ମଧ୍ୟରେ ରହିଛି ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍। ଏହି ସାପ୍ତାହିକ ଏକ୍ସପ୍ରେସ ରବିବାର ସନ୍ଧ୍ୟା ୭ଘ.୨୫ମି.ରେ ଛାଡ଼ିବ ଏବଂ ସେହିଦିନ ରାତ୍ରି ୧୧ଘ.୫୫ମି.ରେ ବୌଦ୍ଧରେ ପହଞ୍ଚିବ। ଫେରିବା ସମୟରେ ବୌଦ୍ଧରୁ ଏହି ଟ୍ରେନଟି ମଙ୍ଗଳବାର ଦିନ ମଧ୍ୟାହ୍ନ ୧୨ଘ.୧୫ମି.ରେ ଛାଡିବ ଏବଂ ସେହିଦିନ ସନ୍ଧ୍ୟା ୦୭ଘ.୩୦ମି.ରେ ସମ୍ବଲପୁରରେ ପହଞ୍ଚିବ।

## ଜାତୀୟ କବାଡ଼ି ଚାମ୍ପିଅନସିପ୍‌ରେ ସମ୍ବଲପୁରର ୫ ଜଣ



ସମ୍ବଲପୁର, ୧୯।୬ (ସମିସ): ପ୍ରଥମ ୧୮ ବର୍ଷରୁ କମ୍ ଜାତୀୟ କବାଡି ଚମ୍ପିଆନସିପ୍ ଓଡ଼ିଶା ଦଳରେ ସମ୍ବଲପୁରର ୩ ଜଣ ଝିଅ ସମେତ ୫ ଜଣ ମନୋନୀତ ହୋଇଛନ୍ତି। ଆସନ୍ତା ୨୫ ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଶ୍ରୀରାମ ଆଶ୍ରମ ହରିଦ୍ୱାରରେ ହେବାକୁଥିବା କବାଡି ଖେଳରେ ସେମାନେ ଭାଗ ନେବେ। ଗତ ୮ ତାରିଖ ଜିଲ୍ଲା କ୍ରୀଡ଼ା ସଂଘର ଖେଳ ସମ୍ପାଦକ ରାଜେଶ ସେଠଙ୍କ ନେତୃତ୍ୱରେ ୫ ଜଣ ପୁଅ ଏବଂ ୫ ଝିଅ ରାଜ୍ୟସ୍ତରୀୟ ମନୋନୟନ ପାଇଁ କଟକ ଯାଇଥିଲେ। ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାରୁ ଝିଅ ଏବଂ ପୁଅମାନେ ଏହି ଚୟନ ଶିବିରରେ ଭାଗ ନେଇଥିଲେ। ସମ୍ବଲପୁର ଜିଲ୍ଲାର ଶ୍ରାବଣୀ ମହାକୁଡ଼, ପ୍ରିୟଙ୍କା ପଧାନ, ଲକ୍ଷ୍ମୀପ୍ରିୟା ପାଣ୍ଡେ, ସ୍ୱସ୍ତିକ ସ୍ୱରୂପ ମେହେର ଓ ଅମନ ସ୍ୱାଇଁ ମନୋନୀତ ହେଇଛନ୍ତି। ଓଡ଼ିଶା ଦଳ ବାଳକ ଦଳର କୋଚ୍ ଭାବେ ସମ୍ବଲପୁର ପୁଲିସରେ କାର୍ଯ୍ୟରତ ଶ୍ରୀକାନ୍ତ ବାରିକ ମଧ୍ୟ ମନୋନୀତ ହୋଇଛନ୍ତି। ଖେଳାଳି ମାନଙ୍କୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା ଆଜି ଶୁଭେଚ୍ଛା ଜଣାଇଛନ୍ତି। ଜିଲ୍ଲା କ୍ରୀଡ଼ା ସଂଘର ଉପସଭାପତି ଦୁଲାଲ ପ୍ରଧାନ, ସମ୍ପାଦକ ସୁନୀଲ ସାହୁ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ ମଧ୍ୟ ଶୁଭେଚ୍ଛା ଜଣେଇଛନ୍ତି। ସମ୍ବଲପୁର କବାଡି କ୍ଲବ୍ ଯୁଗ୍ମ ସମ୍ପାଦକ ରାମଦାସ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ହିଣ୍ଡାଲ୍‌କୋ ପକ୍ଷରୁ ମହିଳା ସଶକ୍ତିକରଣ ପାଇଁ ପ୍ରକଳ୍ପ ଶକ୍ତି



ହୀରାକୁଦ, ୧୯।୬ (ସମିସ): ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତିକରଣ ପାଇଁ ହିଣ୍ଡାଲ୍‌କୋ ହୀରାକୁଦ ଏବଂ ମହାଶକ୍ତି ଫାଉଡେସନ ମଧ୍ୟରେ 'ପ୍ରକଳ୍ପ ଶକ୍ତି' ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ସୁନିଲ କେରକେଟ୍ଟା, ଓରମାସର ଡେପୁଟି ସିଇଓ ଶ୍ରୀମନ୍ତ ହୋତା, ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ଅଭିଜିତ, ହିଣ୍ଡାଲକୋ ଡାଉନ ଷ୍ଟ୍ରିମ୍ ମାନବ ସମ୍ବଳ ମୁଖ୍ୟ ଟି. ମିନା ପ୍ରକାଶ, ହିଣ୍ଡାଲକୋ, ଓଡ଼ିଶା କ୍ଲଷ୍ଟର ଓ ଖଣି, ମାନବସମ୍ବଳ ମୁଖ୍ୟ ଡ.କ୍ରୀଷ୍ଣା ପାଢ଼ୀ, ପିଆରଏଫ ପ୍ଲାଣ୍ଟ ମୁଖ୍ୟ ସୌମିତ୍ର ରାୟ, ହିଣ୍ଡାଲକୋ ସ୍ମେଲଟର ଓ ପାୱାରର ୟୁନିଟ୍ ହେଡ ଦେବାଶିଷ ମଲ୍ଲିକ, ହୀରାକୁଦ ପିଆର୍‌ପି ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର, ପିଆରଏଫ ଅପରେଶନାଲ ମୁଖ୍ୟ ସୁରଜୀତ ମିତ୍ର, ଓଡ଼ିଶା କ୍ଲଷ୍ଟର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ଶିବ ମହାପାତ୍ର ଓ ମହାଶକ୍ତି ଫାଉଡେଶନର ସିଇଓ ଯୁଗଳ କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରକଳ୍ପର ମୁଖ୍ୟ ଉଦେଶ୍ୟ ହେଉଛି ସ୍ୱୟଂ ସହାୟତା ଗୋଷ୍ଠୀ ମାନଙ୍କୁ ସୀମିତ ଚାହିଦା ଚାଳିତ ଉତ୍ପାଦ ବିକାଶ, ବ୍ୟବସାୟିକ ଇକୋସିଷ୍ଟମ ସୁବ୍ୟବସ୍ଥା, ଉତ୍କୃଷ୍ଟମାନର ପ୍ରଶିକ୍ଷଣ ଦେବା ସହ ସେମାନଙ୍କୁ ନିଜର ରୋଜଗାର ପାଇଁ ଅଗ୍ରସର କରି ବଜାର ସହିତ ସଂଯୋଗ କରାଇବ। ହୀରାକୁଦର ୧୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟତା ଗୋଷ୍ଠୀର ଦୁଇଗୁଣ ଆୟ ସୃଷ୍ଟି କରିବାପାଇଁ ପ୍ରୟାସ କରାଯିବ ତତ୍ସଲଗ୍ନ ସେମାନଙ୍କର ଉତ୍ପାଦନ ହେଉଥିବା ଦ୍ରବ୍ୟର ଉପଯୁକ୍ତ ବଜାର ବ୍ୟବସ୍ଥା କରାଯିବ। କାର୍ଯ୍ୟକ୍ରମରେ ରଜତ ର ଓଜ ମୁଖ୍ୟ ସମୀର ମହାନ୍ତି, ସିଏସଆର୍‌ର ପ୍ରମୁଖ ଜିତେଶ ରଥ, ହିଣ୍ଡାଲକୋ ସିଏସଆର୍ ବିଭାଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ଜୟଶ୍ରୀ ରାଓ, ସରୋଜ କୁମାର ଆଚାର୍ଯ୍ୟ, ମିଲନ କୁମାର ସାହୁ, ସନ୍ତୋଷ ତ୍ରିପାଠୀ ଓ ରିଯଏସ ନାଗ ଏବଂ ହିଣ୍ଡାଲକୋର ବହୁ କର୍ମଚାରୀ, ମହାଶକ୍ତି ଫାଉଡେସନର କାର୍ଯ୍ୟକର୍ତ୍ତା ଉପସ୍ଥିତି ଥିଲେ।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଗୋଶାଳା ନବୀକରଣ

ସମ୍ବଲପୁର, ୧୯।୬(ସମିସ): ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଝାରସୁଗୁଡାରେ ନବୀକରଣ ହୋଇଥିବା ଶ୍ରୀକୃଷ୍ଣ ଗୋଶାଳାର ଉଦ୍‌ଘାଟନ କରାଯାଇଛି। ଝାରସୁଗୁଡାର ବିଧାୟକ ଟଙ୍କଧର ତ୍ରିପାଠୀ, ଜେଏସଡବ୍ଲ୍ୟୁ ବିପିଏସଏଲ ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ନୀଲମ ସିଂହ, ସିଭିଲ୍ ବିଭାଗର ମୁଖ୍ୟ ମିହିର ମିଶ୍ର, ଫାଉଣ୍ଡେସନ ସିଏସଆର ମୁଖ୍ୟ ବିଶାଲ ରାଜ ଏବଂ ଗୋଶାଳାର ସଭାପତି ସନ୍ଦୀପ ଅବସ୍ଥି ପ୍ରମୁଖ ଉପସ୍ଥିତ ଥିଲେ।



## ପ୍ରତିଦିନ ଜାତୀୟ ରାଜପଥ ଜାମ୍



ଜମନକିରା, ୧୯।୬ (ସମିସ): ଜମନକିରା ସମ୍ବଲପୁର ଜାତୀୟ ରାଜପଥ ୫୩ ଉପରେ ଗୁରୁବାର ଅପରାହ୍ନ ପ୍ରାୟ ୪ଟାରୁ ୬ଟା ପର୍ଯ୍ୟନ୍ତ ବଡ଼ରମା ଓ ଘାଟି ମଝିରେ ଏକ ଦୁର୍ଘଟଣା ଗାଡ଼ିକୁ କ୍ରେନ୍ ସାହାର୍ଯ୍ୟରେ ବାହାର କରି ବା ସମୟରେ ୨ଘଣ୍ଟା ଧରି ରାସ୍ତା ଜାମ ରହିଥିଲା। ପୁଲିସ ପାଖରେ କିଛି ଖବର ନ ଥିବା ବେଳେ ଏନଏଚଆଇ ପାଖକୁ ପୁଲିସ ପଚାରି ବୁଝିବାରୁ ଏନ୍‌ଏଚଆଇ ମିଛ କହି ଜଣସାଧାରଣଙ୍କୁ ଭୂଆ ବୁଲାଉଛି। ଯାହାଫଳରେ ଅଞ୍ଚଳରେ ଅସନ୍ତୋଷର ଦାନା ବାନ୍ଧୁଛି। ରାସ୍ତାଜାମ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଏ ଦିଗରେ ପୁଲିସ ସହ ଏନଏଚ୍‌ଆଇ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାଷ୍ଟ୍ରୀୟ ଏକତା ଶିବିରରେ କୁଚିଣ୍ଡା କଲେଜରୁ ୨ ସ୍ୱେଚ୍ଛାସେବୀ

କୁଚିଣ୍ଡା, ୧୯।୬ (ସମିସ): ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ଏକତା ଶିବିରରେ କୁଚିଣ୍ଡା କଲେଜରୁ ଅଂଶଗ୍ରହଣ କରିଲେ ୨ଜଣ ସ୍ୱେଚ୍ଛାସେବୀ। ଏହି ଶିବିର ୬ରୁ ୧୨ତାରିଖ ପର୍ଯ୍ୟନ୍ତ ଚାଲିଥିଲା।ଶିବିରରେ ଓଡ଼ିଶାର ପ୍ରତିନିଧିତ୍ୱରେ ପ୍ରତାପଚନ୍ଦ୍ର ଦାଶ ଓ ମୋଟ ୧୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ତନ୍ମଧ୍ୟରୁ ବିଜ୍ଞାନ ତୃତୀୟ ବର୍ଷର ରୂପାଲୀ ପଣ୍ଡା ଓ କଳା ତୃତୀୟ ବର୍ଷର ମୌସୁମୀ କାଲୋ କୁଚିଣ୍ଡା ମହାବିଦ୍ୟାଳୟର ପ୍ରତିନିଧିତ୍ୱ କରିଥିଲେ।ଶିବିରରେ ଗାନ୍ଧୀଜୀଙ୍କ ନିର୍ମିତ ଗୁଜରାଟ ବିଦ୍ୟାପୀଠରେ ସର୍ବମୋଟ ୯ଟି ୱାର୍କସପ୍ ମଧ୍ୟରୁ ଚରଖରେ ସୂତାବୁଣା, ମୃତ୍ତିକା କଳା, ଫଟୋଗ୍ରାଫି, ସନ୍ତରଣ ଶିକ୍ଷା, ନୃତ୍ୟ ଶିକ୍ଷା, ଅଗ୍ନି ନିର୍ବାପନ ଶିକ୍ଷା, ଆତ୍ମରକ୍ଷା କୌଶଳ ଆଦି ଅନ୍ତର୍ଭୁକ୍ତ। ଶିବିରର ଉଦ୍‌ଘାଟନ ଦିନ ବିଶାଳ ରାଲି ଆୟୋଜିତ ହୋଇଥିଲା, ଯାହାରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରାୟ ୨୦୦ ଜଣ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ, ସ୍ୱେଚ୍ଛାସେବୀ ସୁଶ୍ରୀ ରୂପାଲୀ ପଣ୍ଡାଙ୍କୁ ଗୁଜରାଟ ବିଦ୍ୟାପୀଠର କୁଳପତିଙ୍କୁ ଖାଦିସୂତ୍ର ପିନ୍ଧାଇବା ପାଇଁ ବିଶେଷ ସୁଯୋଗ ମିଳିଥିଲା। ଶିବିର ରେ ତାଙ୍କୁ ଗାନ୍ଧିଜୀଙ୍କ ରହିବାସ୍ଥଳୀ, ଶବରମତୀ ଆଶ୍ରମ, ଶବରମତୀ ନଦୀ ଏବଂ ଅମୁଲ ଡେରୀ ଦେଖିବା ପାଇଁ ସୁଯୋଗ ମିଳିଥିଲା।ଶିବିର ଅନ୍ତର୍ଗତ ଅନେକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତନ୍ମଧ୍ୟରୁ ରୁପାଲୀ ଓ ମୌସମୀ ରଙ୍ଗୋଲି, ସଙ୍ଗୀତ ଏବଂ ନୃତ୍ୟ ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେମାନେ କୁଚିଣ୍ଡା ଏନ୍‌ଏସଏସର ପୋଷ୍ୟଗ୍ରାମ ଡ଼ିମିରିମୁଣ୍ଡାର ହସ୍ତତନ୍ତ ବାମଣ୍ଡା କୁସୁମ ଡ଼.ମଧେଶ ପାରେଖ ଙ୍କୁ ଭେଟି ସ୍ୱରୂପ ଦେବାର ସୁଯୋଗ ମଧ୍ୟ ଲାଭ କରିଥିଲେ। ସମସ୍ତେ ମିଶି ଓଡ଼ିଶା ସଂସ୍କୃତିକୁ ନୃତ୍ୟ ମାଧ୍ୟମ ରେ ଦର୍ଶାଇଥିଲେ ତନ୍ମଧ୍ୟରୁ ସୁଶ୍ରୀ ରୂପାଲୀଙ୍କ ଆଗାମୀ ଭୂମିକା ଥିଲା।



## ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଙ୍କ ଏକ ଦିବସୀୟ କର୍ମଶାଳା

ସମ୍ବଲପୁର, ୧୯।୬ (ସମିସ): ମାନେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଆଜି ପଞ୍ଚାୟତ ସମିତି ଅନ୍ତର୍ଗତ ସମୁଦାୟ ୧୨ଟି ପଞ୍ଚାୟତର ଗ୍ରାମ୍ୟ ସମ୍ବଳ ବ୍ୟକ୍ତିଙ୍କ ଏକ ଦିବସୀୟ କର୍ମଶାଳା ପଞ୍ଚାୟତ ସମିତିର ବିଡିଓ ଚିତ୍ତରଞ୍ଜନ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମନରେଗା ସମେତ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ବନ୍ଧୀୟ ଯୋଜନାର ନୀତି ଏବଂ ଅଧିକାର ବିଷୟରେ ଟ୍ରେନିଂ ଦିଆଯାଇଥିଲା। ତତ୍‌ସହିତ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଗରିବୀ କଲ୍ୟାଣ ଯୋଜନା ଗୁଡିକର ସାମାଜିକ ସମୀକ୍ଷା ନିମିତ୍ତ ଟ୍ରେନିଂ ମଧ୍ୟ ଗ୍ରାମ୍ୟ ସମ୍ବଳ ବ୍ୟକ୍ତି ମାନଙ୍କୁ ଦିଆଯାଇଥିଲା। ପ୍ରଶିକ୍ଷକ ଭାବରେ ଜିଲ୍ଲା ପରିଷଦର ଜିଲ୍ଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ବ୍ଲକ ସାମାଜିକ ସମୀକ୍ଷକ ଉମାଶଙ୍କର ସାହୁ, ସବ୍ୟସାଚୀ ପଣ୍ଡା ଏବଂ ବ୍ଲକର ଯନ୍ତ୍ରୀ ରଞ୍ଜିତ ମହାରଣା ଓ ମନେରେଗା ପ୍ରମୁଖ ଉପସ୍ଥିତ ଥିଲେ।



# ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିନି ବିଜେପି

ସମ୍ବଲପୁର, ୧୯।୬ (ସମିସ)

ଓଡ଼ିଶାରେ ଲୋକଙ୍କୁ ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି ବିଜେପି ସରକାର ପୂରଣ କରିନାହିଁ ବୋଲି ଅଭିଯୋଗ କରିଛି କଂଗ୍ରେସ। ଆଜି ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଏବଂ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଲୋକଙ୍କୁ ଦେଇଥିବା ସବୁ ପ୍ରତିଶ୍ରୁତି ପୁରଣ ନକରି ଏକ ବର୍ଷ ମଧ୍ୟରେ ଲୋକଙ୍କୁ ପ୍ରତାରଣା କରିଛି। ରାଜ୍ୟରେ ଲୋକଙ୍କୁ ମାଗଣାରେ ୩୦୦ ୟୁନିଟ ବିଜୁଳି ହେଉକି ଶ୍ରୀମନ୍ଦିର ରତ୍ନଭଣ୍ଡାର, ସୁଭଦ୍ରା ଯୋଜନା, ଧାନର ଏମଏସପି ବୃଦ୍ଧି, ବର୍ଦ୍ଧିତ ଭତ୍ତା ଲାଗୁ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରସଙ୍ଗ ସବୁ ପ୍ରତିଶ୍ରୁତି ପୁରଣରେ ବିଫଳ ହୋଇଛି ବିଜେପି ସରକାର।



ଏଥିପାଇଁ ବିଜେପି ସରକାରର ବିଫଳତାକୁ ନେଇ 'ବର୍ଷ ଏକ, ପ୍ରତାରଣା ଅନେକ' ପ୍ରଚାରପତ୍ର ସହ କଂଗ୍ରେସ ଜନସାଧାରଣଙ୍କ ଅବଗତ କରିଛି। ବିଜେପି ନିଜର ସମସ୍ତ ନିର୍ବାଚନ ପ୍ରତିଶ୍ରୁତିର କେବଳ ୨ ରୁ ୪ ଟି ପ୍ରତିଶ୍ରୁତି ଅଧା ପାଳନ କରିଛି।

ବିଶେଷକରି ନିର୍ବାଚନ ସମୟରେ ପଶ୍ଚିମ ଓଡ଼ିଶା ପାଇଁ ଦେଇଥିବା ମହାନଦୀ ଜଳବିବାଦ ସମାଧାନ, କେବିକେ ଯୋଜନା, ହାଇକୋର୍ଟ ବେଞ୍ଚ ସ୍ଥାପନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାକୁ ସ୍ଥାନାନ୍ତର, ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପ୍ରସଙ୍ଗରେ ବିଜେପି ଦଳ ନିଜ ପ୍ରତିଶ୍ରୁତି ପୂରଣ କରିନାହିଁ। ଏହାସହ ରାଜ୍ୟରେ ମହାମାରୀ ଭଳି ଡାଇରିଆ ବ୍ୟାପୁଥିବା ବେଳେ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଉତ୍ସବ ପାଳନକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ପୂର୍ବଭଳି ରାଜ୍ୟରେ ଏବେ ମଧ୍ୟ ବିଜେପି ଓ ବିଜେଡି ମିଶି କି କାର୍ଯ୍ୟ କରୁଛନ୍ତି। ଏକମାତ୍ର ଦଳ ଭାବେ କଂଗ୍ରେସ ରାଜ୍ୟରେ ଲୋକଙ୍କ ହକ୍ ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ କହିଛନ୍ତି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ ରାଜ୍ୟରେ ବିଜେପି ଲୋକଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ କୌଣସି ଗୋଟିଏ ପ୍ରତିଶ୍ରୁତିକୁ ଏକ ବର୍ଷ ଶାସନ ମଧ୍ୟରେ ପୂରଣ ନକରି ଲୋକଙ୍କୁ ପ୍ରତାରଣା କରିଛି। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା ପ୍ରତିଶ୍ରୁତି ସହ ସମସ୍ତ ପ୍ରତିଶ୍ରୁତି ପୂରଣ କରିବାରେ ବିଜେପି ବିଫଳ ହୋଇଥିବାବେଳେ ବିଜେପିର ଗୋଟିଏ ବର୍ଷ ଶାସନ ମଧ୍ୟରେ ନାରୀ ନିର୍ଯାତନା ଘଟଣା ବୃଦ୍ଧି ପାଇଛି ବୋଲି ପୂର୍ବତନ ବିଧାୟକ ଶ୍ରୀ ସାଲୁଜା କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ର, ଗିରିଜା ନାୟକ, ଅମିତ ଗୁରୁ, ଶିବ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ବିଜୟାଲକ୍ଷ୍ମୀ ବେହେରା, ସୁତପା ମିତ୍ର, ସୁବାସ ବିଶ୍ୱାଳ, ହରି ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-352 ♦BHUBANESWAR ♦FRIDAY ♦20 JUNE 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୫୨ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୦ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଝାଡ଼ଖଣ୍ଡମୁହାଁ ଲଘୁଚାପ

■ **ଭୁବନେଶ୍ୱର, ୧୯।୬ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଝାଡଖଣ୍ଡ ମୁହାଁ ହେବା ପରେ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିଛି। ଏହି ସ୍ଥିତି ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ୨୩-୨୪ ବେଳରକୁ ଆଉ ଏକ ଲଘୁଚାପ ଯୋଗୁଁ ରାଜ୍ୟରେ ପୁଣି ବର୍ଷା ନେଇ ପାଗ ଅନୁକୂଳ ହେବ। ପରବର୍ତ୍ତୀ ସମୟରେ ୨୮ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଆଶଙ୍କା ରହିଥିବାରୁ ଆସନ୍ତା ୨ ସପ୍ତାହ ରାଜ୍ୟରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠାରୁ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ଚଳିତ ଜୁନ୍ ମାସରେ ମୌସୁମୀ ପ୍ରଭାବରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୧୭୩ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବିଗତ ଜୁନ୍ ମାସ ଆରମ୍ଭରୁ ଏଯାବତ ବର୍ଷାର୍ ପରିମାଣ ଦୁଇଟି ଜିଲ୍ଲା ସୁନ୍ଦରଗଡ଼ ଓ ଦେବଗଡ଼ରେ ମାତ୍ରାଧିକଠୁ ଅଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ୫ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ବୌଦ୍ଧ, ସମ୍ବଲପୁର ଓ ସୋନପୁର ଜିଲ୍ଲାରେ ମାତ୍ରାଧିକ ବର୍ଷା ରେକର୍ଡ ହୋଇଛି। ଏହାସହିତ ୧୫ଟି ଜିଲ୍ଲାରେ ବର୍ଷା ସ୍ୱାଭାବିକ ରହିଥିବା ବେଳେ ୭ଟି ଜିଲ୍ଲା ବରଗଡ଼, ବଲାଙ୍ଗିର, ନୁଆପଡା, ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡିରେ ନିଅଣ୍ଟିଆ ଓ ଗୋଟିଏ ଜିଲ୍ଲା ମାଲକାନଗିରିରେ ଅତ୍ୟଧିକ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି।

# ଏଟିଏମ୍, ଡେବିଟ୍ କାର୍ଡ ଚାର୍ଜ ହେବ ମହଙ୍ଗା

### ଜୁଲାଇ ପହିଲାରୁ ବଦଳିବ ବ୍ୟାଙ୍କିଙ୍ଗ୍ ନିୟମ

### ଆଇଏମ୍‌ପିଏସ୍ କାରବାର ପାଇଁ ନୂଆ ଚାର୍ଜ

■ **ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି):** ଜୁଲାଇ ପହିଲାଠାରୁ ଦେଶର ଘରୋଇ ବ୍ୟାଙ୍କଗୁଡ଼ିକରେ କିଛି ନିୟମ ବଦଳିବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ କିଛି କାରବାର ଉପରେ ଲାଗୁ ହେଉଥିବା ଏହାର ସେବା ଚାର୍ଜରେ ପରିବର୍ତ୍ତନ କରିଛି। ସେହି ସମୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ମଧ୍ୟ ଏହାର କ୍ରେଡିଟ୍ କାର୍ଡ ସମ୍ବନ୍ଧୀୟ ନିୟମ ବଦଳାଇବାକୁ ଯାଉଛି। ଆଇସିଆଇସିଆଇ ବ୍ୟାଙ୍କ ଏହାର ଏଟିଏମ୍ ଏବଂ ତୁରନ୍ତ ଦେୟ ସେବା (ଆଇଏମ୍‌ପିଏସ୍) କାରବାର ଉପରେ ଲାଗୁ ହେଉଥିବା ଚାର୍ଜରେ ପରିବର୍ତ୍ତନ କରିଛି। ଯଦି ଆପଣ ଗୋଟିଏ ବ୍ୟାଙ୍କର ଗ୍ରାହକ ଏବଂ ଅନ୍ୟ ଏକ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରୁଥାନ୍ତି, ତେବେ କିଛି କାରବାର ପରେ ଆପଣଙ୍କୁ ଅତିରିକ୍ତ ଚାର୍ଜ ଦେବାକୁ ପଡିବ। ଏଟିଏମ୍ କାରବାର ଉପରେ ନୂତନ ଚାର୍ଜ ପୂର୍ବକ ମେଟ୍ରୋ ସହରଗୁଡ଼ିକରେ ପ୍ରତି ମାସରେ ୩ କାରବାର ମାଗଣା ହେବ। ଅଣ-ମେଟ୍ରୋ (ଛୋଟ) ସହରଗୁଡ଼ିକରେ ପ୍ରତି ମାସରେ ୫ କାରବାର ମାଗଣା ହେବ। ଏହାପରେ ଯଦି ଆପଣ ଟଙ୍କା ଉଠାନ୍ତି (ଆର୍ଥିକ କାରବାର), ତେବେ ଆପଣଙ୍କୁ ପ୍ରତି କାରବାର ପାଇଁ ୨୩ ଟଙ୍କା ଦେବାକୁ ପଡିବ, ପୂର୍ବରୁ ଏହା ▶ପୃଷ୍ଠା-୭

### ଫରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ରିପୋର୍ଟ ୨୦୨୩-୨୪

# ଦେଶରେ ଓଡ଼ିଶାକୁ ୫ମ ସ୍ଥାନ

■ **ଭୁବନେଶ୍ୱର, ୧୯।୬ (ସମିସ):** କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷର ଫରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ) ରିପୋର୍ଟ ପ୍ରକାଶ ପାଇଛି। ତହିଁରେ ଓଡ଼ିଶା ପଞ୍ଚମ ସ୍ଥାନ ହାସଲ କରିଛି। ପ୍ରଥମ ସ୍ଥାନରେ ଚଣ୍ଡିଗଡ଼ ଥିବାବେଳେ ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ୨୦୨୨-୨୩ ତୁଳନାରେ ୨୦୨୩-୨୪ ଶିକ୍ଷାବର୍ଷରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି। ସମୁଦାୟ ହଜାରେ ପଏଣ୍ଟ ମଧ୍ୟରୁ ୨୦୨୨-୨୩ରେ ୫୮୪.୫ ସ୍କୋର ଥିବାବାଳେ ୫୯୫.୬କୁ ବୃଦ୍ଧି ପାଇବା ସହ ପ୍ରଚେଷ୍ଟା-୩ ଗ୍ରେଡ୍‌ରେ ନିଜର ସ୍ଥାନ ବଜାୟ ରଖିଛି।

ବିଦ୍ୟାଳୟ ଶିକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାମାନଙ୍କ ମଧ୍ୟରେ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ପୂର୍ବପରି ସର୍ବାଗ୍ରେ ରହିଛି। ୨୦୨୨-୨୩ରେ ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ଥିବା ଏହି ଜିଲ୍ଲା ଏକମାତ୍ର ଜିଲ୍ଲାଭାବେ ୨୦୨୩-୨୪ରେ ଉତ୍ତମ-୩ ଗ୍ରେଡ୍‌କୁ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ୨୦୨୨-୨୩ରେ ମାତ୍ର ୧୨ଟି ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ସ୍ଥାନ ପାଇଥିବାବେଳେ ୨୦୨୩-୨୪ରେ ୨୪ ଜିଲ୍ଲା ଏହି ବର୍ଗରେ ସ୍ଥାନ ପାଇଛନ୍ତି। ଅର୍ଥାତ୍ ଜିଲ୍ଲାଗୁଡ଼ିକ ମଧ୍ୟ ଦୁଇଗୁଣା ଭଲ ପ୍ରଦର୍ଶନ କରିଛନ୍ତି। ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ପ୍ରଚେଷ୍ଟା-୨ରେ ରହିଥିବାବେଳେ ଅବଶିଷ୍ଟ ଜିଲ୍ଲା ପ୍ରଚେଷ୍ଟା-୧ ଗ୍ରେଡ୍‌ରେ ରହିଛନ୍ତି। ପୂର୍ବବର୍ଷ ପରି ସର୍ବନିମ୍ନ ପ୍ରଦର୍ଶନ ସହ ରାୟଗଡ଼ା ଜିଲ୍ଲା ଶେଷ ସ୍ଥାନରେ ରହିଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ ବ୍ୟାପିଲା ଡାଇରିଆ

## ୧୩ ଦିନ ଧରି କଲବଲ ଅଧା ଓଡ଼ିଶା

■ **ଭୁବନେଶ୍ୱର, ୧୯।୬ (ସମିସ):** ଜୁନ୍ ପ୍ରଥମ ସପ୍ତାହରୁ ଯାଜପୁର ଜିଲ୍ଲାରେ ଆରମ୍ଭ ହୋଇଥିବା ଡ଼ାଇରିଆ ଉପକୂଳ ଡ଼େଇଁ ଏବେ ପଶ୍ଚିମ ଓଡ଼ିଶା ମୁହାଁ ହୋଇଛି। ପୂର୍ବରୁ ବରଗଡ଼ରେ କିଛି ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି; ମାତ୍ର ବଲାଙ୍ଗୀରରେ ଆଜି ୨୦ରୁ ଉର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କୁହାଯାଉଛି। ଏମିତିକି ଅଧିକାଂଶ ସଂକ୍ରମିତଙ୍କ ଶରୀରରେ ଜଳୀୟ ଅଂଶର ପରିମାଣ ସଂପୂର୍ଣ୍ଣ କମି ଯାଇଥିବା କୁହାଯାଉଛି। ଦୀର୍ଘ ୧୩ ଦିନ ଧରି ଅଧା ଓଡ଼ିଶା ଝାଡ଼ାବାନ୍ତିରେ କଲବଲ ହେଉଥିବାବେଳେ ସରକାରଙ୍କ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇପାରୁନି। ଗୋଟିଏ ପରେ ଗୋଟେ ଜିଲ୍ଲାରେ ଆକ୍ରାନ୍ତ ବଢ଼ିବାରେ ଲାଗିଛନ୍ତି। ମୃତ୍ୟୁ ସଂଖ୍ୟା ବି ବୃଦ୍ଧି ପାଉଛି।

ନିଜ ଜିଲ୍ଲା ବଲାଙ୍ଗୀରରେ ସ୍ଥିତି ଅଣାୟତ୍ତ ହୋଇଥିଲେ ହେଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଏହାପ୍ରତି ନିଘା ନାହିଁ। କେନ୍ଦ୍ରୀୟ ଟିମ୍ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ଦଳ କେବଳ ଯାଜପୁର, ଭଦ୍ରକ ଆଦି ଜିଲ୍ଲାରେ ଡାଇରିଆ ରୋକିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟ ଜିଲ୍ଲା ପ୍ରତି ସେମିତି କେହି ବିଶେଷ ଦୃଷ୍ଟି ଦେଉନାହାନ୍ତି। ଏମିତିକି କେନ୍ଦ୍ରୀୟ ଟିମ୍ ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟରୁ ଡାଇରିଆ ▶ପୃଷ୍ଠା-୭

## କେନ୍ଦ୍ରାପଡ଼ାରେ ଦ୍ୱିତୀୟ ମୃତ୍ୟୁ

■ **କେନ୍ଦ୍ରାପଡ଼ା, ୧୯।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଡାଇରିଆ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ହେଲାଣି। ତଥାପି ପ୍ରଶାସନର ନିଦ ଭାଙ୍ଗୁନି। ଏବେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୁରୁବାର ଡାଇରିଆରେ ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଚକ୍ରୋଡ଼ା ପଞ୍ଚାୟତର ମଞ୍ଜୁଲତା ଜେନା (୪୬)। ମଞ୍ଜୁଲତାଙ୍କ ଲଗାତର ଝାଡ଼ାବାନ୍ତି ହେବାରୁ ସେ



ଡାଇରିଆର ଶିକାର ହୋଇଥିବା ଡାକ୍ତର ରିପୋର୍ଟ ଦେଇଥିଲେ। ତାଙ୍କୁ ଡାଇରିଆ ହେବା ପରେ ତାଙ୍କ ବଡ଼ପୁଅ ମଧ୍ୟ ଆକ୍ରାନ୍ତ ହୋଇଥିଲେ। ଉଭୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମଞ୍ଜୁଲତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ଗୁରୁବାର ମୃତ୍ୟୁ ଘଟିଛି। ଏହି ଘଟଣା ପ୍ରଚାରିତ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚକ୍ରୋଡା ଗ୍ରାମରେ ପହଞ୍ଚି ଗାଁକୁ ସାନିଟାଇଜ କରିଛନ୍ତି। ଏହାକୁ ନେଇ ଏ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ଭୟ ନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଟିମ ଗ୍ରାମବାସୀଙ୍କୁ ସଚେତନ କରିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ସଚିଦାନନ୍ଦ ମିଶ୍ର ଗଣମାଧ୍ୟମକୁ କହିଛନ୍ତି, ଏ ଘଟଣା ଘଟିବା ପରେ ଗାଁରେ ସ୍ୱାସ୍ଥ୍ୟ ସେବା ଦଳ ପହଞ୍ଚି ଗାଁକୁ ସାନିଟାଇଜ କରିଛି। ଲୋକଙ୍କୁ ପାଣି ଫୁଟାଇ ପିଇବାକୁ ସଚେତନ କରାଯାଇଛି। ଶନିବାର ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସଜନୀ ମଲ୍ଲିକ ନାମ୍ନୀ ମହିଳାଙ୍କ ଡାଇରିଆରେ ମୃତ୍ୟୁ ଘଟିଥିଲା।

## ହାଇକୋର୍ଟଙ୍କ ଉଦ୍‌ବେଗ

■ **କଟକ, ୧୯।୬ (ସମିସ):** କିଛି ଦିନ ହେବ ଝାଡ଼ାବାନ୍ତି ଓ ହଇଜା ରୋଗ ବ୍ୟାପୁଥିବା ବେଳେ କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ବିଶେଷକରି ସହରର ବିପର୍ଯ୍ୟସ୍ତ ପରିମଳ ସହ ଦୂଷିତ ଖାଦ୍ୟ ବିକ୍ରି ଓ ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଆଡଭୋକେଟ କମିଟି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ହାଇକୋର୍ଟ କଟକ ମହାନଗର ନିଗମ(ସିଏମସି) ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ତଲବ କରିଛନ୍ତି। ଝାଡ଼ାବାନ୍ତି ଓ ହଇଜା ନିରାକରଣ ପାଇଁ କଣ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ସତ୍ୟପାଠ ଦାଖଲ କରିବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କଟକ ସହର ସମସ୍ୟା ପ୍ରସଂଗରେ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡାବାନ୍ତି ବ୍ୟାପୁଥିବା ବେଳେ କଟକ ଜିଲ୍ଲାର ମଧ୍ୟ କେତେକ ଅଞ୍ଚଳରେ ଏହି ରୋଗ ବ୍ୟାପୁଥିବା ଜଣାପଡିଛି। ଏଭଳି ସ୍ଥିତିରେ କଟକ ସହରରେ ମଧ୍ୟ ଦୂଷିତ ଜଳ ଓ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ରୋଗ ▶ପୃଷ୍ଠା-୭



### ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ପାଇଁ ନିର୍ଦ୍ଦେଶ

## ଆଗକୁ ରଥଯାତ୍ରା

## ବଢ଼ିଲା ଝାଡ଼ାବାନ୍ତି ଭୟ

■ **ପୁରୀ, ୧୯।୬ (ସମିସ):** ରାଜ୍ୟରେ ଡାଇରିଆ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ଡେଇଁବାରେ ଲାଗିଛି ଝାଡ଼ାବାନ୍ତି। ଏଥିରେ କିପରି ବ୍ରେକ୍ ଲାଗିବ ସେ ନେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଆକ୍ତାମାକ୍ତା ହୋଇପଡ଼ିଲେଣି। ଏଭଳି ସ୍ଥିତିରେ ଆଗକୁ ଆସୁଛି ରଥଯାତ୍ରା। ଲକ୍ଷ ଲକ୍ଷ ଭକ୍ତଙ୍କର ସମାଗମ ହେବ ପୁରୀରେ। ଏହା ପୂର୍ବରୁ ରାଜ୍ୟରେ ଯଦି ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସି ନ ଥାଏ ପୁରୀ ପାଇଁ ବଡ଼ ବିପଦ ସାଜିବା ନେଇ ଆଶଙ୍କା କଲେଣି ଶ୍ରୀକ୍ଷେତ୍ରବାସୀ। ରଥଯାତ୍ରା ପାଇଁ ଏବେ ଡାଇରିଆ ଟେନ୍‌ସନ ବଢ଼ାଇ ଦେଲାଣି। ଏମିତି ବି ପୁରୀରେ ଭକ୍ତ, ପର୍ଯ୍ୟଟକଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଖାଦ୍ୟ ପରସା ଯାଉଥିବାର ଅଭିଯୋଗ ହୋଇଆସୁଛି। ତା' ସାଙ୍ଗକୁ ବର୍ଷା ମଧ୍ୟ ଆସିଲାଣି। ତେଣୁ ରଥଯାତ୍ରାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଗଲାଣି।

ରଥଯାତ୍ରାକୁ ଆଉ ମାତ୍ର ୭ ଦିନ ରହିଲା। ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଦେଖିବା ଲାଗି ଦେଶ ବିଦେଶରୁ ଭକ୍ତଙ୍କ ସମାଗମ ହେବ ପୁରୀରେ। ପ୍ରାୟ ୧୨ରୁ ୧୫ ଦିନ ଧରି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ ଶ୍ରୀକ୍ଷେତ୍ରରେ। ହଇଜା ବ୍ୟାପିଥିବା ଅଞ୍ଚଳରୁ ବି ଭକ୍ତ ଆସିପାରନ୍ତି। ଏ ସବୁକୁ ଦେଖିଲେ ଆଗକୁ ପୁରୀ ପାଇଁ ସମ୍ଭାବ୍ୟ ବିପଦ ଘନଉଥିବା ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରଥଯାତ୍ରା ସମୟରେ ପୁରୀର ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ। ରଥଯାତ୍ରା ଅବସରରେ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀମାନେ ଖାଦ୍ୟ, ପାନୀୟ ଆଦି ବଣ୍ଟନ କରିଥା'ନ୍ତି। ଲୋକେ ସେଠାରୁ ଖାଦ୍ୟ ଗ୍ରହଣ ▶ପୃଷ୍ଠା-୭



### ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଛି ଖାଦ୍ୟ

### ମନ୍ତ୍ରୀଙ୍କୁ ଡାଇରିଆ ଡର

## ଜିଲ୍ଲାପାଳଙ୍କ ହାତକୁ ଟେକିଦେଲେ ସ୍କୁଲ୍ ଖୋଲିବା ନିଷ୍ପତ୍ତି

### ଡାଇରିଆ ପାଇଁ ଯାଜପୁରରେ ୨୪ ଓ ଭଦ୍ରକରେ ୨୧ ଯାଏଁ ଛୁଟି

### ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଓ କଟକରେ ସ୍କୁଲ୍ ବନ୍ଦ

■ **ଭୁବନେଶ୍ୱର, ୧୯।୬ (ସମିସ):** ଖରାଛୁଟି ପରେ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ରାଜ୍ୟରେ ଆଂଶିକ ଭାବେ ବିଦ୍ୟାଳୟ ଖୋଲିବ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ଟ୍ରାଫିକ୍ ସମସ୍ୟା ଉପୁଜିବ ଆଶଙ୍କା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମର ସମସ୍ତ ବିଦ୍ୟାଳୟକୁ ଶୁକ୍ରବାର ପାଇଁ ଛୁଟି ଘୋଷଣା କରାଯାଇଛି। ଶନିବାର ଏହି ଦୁଇ ସ୍ଥାନରେ ପାଠପଢ଼ା ଆରମ୍ଭ ହେବ। ସେହିପରି ଡାଇରିଆ ପ୍ରବଣ ଯାଜପୁର ଓ ଭଦ୍ରକ୍ ଜିଲ୍ଲାରେ ମଧ୍ୟ ବିଦ୍ୟାଳୟ ଖୋଲିବ ନାହିଁ। ଯାଜପୁରରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିବା ସହ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ମଧ୍ୟ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅନୁରୂପ ଭାବେ ଭଦ୍ରକ ଜିଲ୍ଲାରେ ▶ପୃଷ୍ଠା-୭

## ଘରେ ପଶି ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ

### ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

■ **କେନ୍ଦ୍ରାପଡ଼ା/ଡେରାବିଶ, ୧୯।୬ (ସମିସ):** ଗତ ୪ ଦିନ ମଧ୍ୟରେ ଚାରିଟି ଦୁଷ୍କର୍ମ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଗୋପାଳପୁର ଗଣଦୁଷ୍କର୍ମ ଜାତୀୟ ପ୍ରସଙ୍ଗରେ ପରିଣତ ହୋଇଛି। ଏହି ସମୟରେ କେନ୍ଦ୍ରାପଡ଼ରେ ଜଣେ ଯୋଗ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସାରା ଜିଲ୍ଲାରେ ହଇଚଇ ସୃଷ୍ଟି କରିଛି। ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ଏକାକୀ ଥିବାବେଳେ ଅଭିଯୁକ୍ତ କବାଟ ଭାଙ୍ଗି ଘରେ ପଶି ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ସମ୍ପୃକ୍ତ ଯୋଗ ଶିକ୍ଷୟିତ୍ରୀ ସ୍ଥାନୀୟ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରନ୍ତି। ସେ ମୁଣ୍ଡାଳ ଗାଁରେ ଏକ ଘର ଭଡ଼ା ନେଇ ରହୁଥିଲେ। ବୁଧବାର ମଧ୍ୟରାତ୍ରିରେ ଜଣେ ଯୁବକ ଘର ଭିତରକୁ ▶ପୃଷ୍ଠା-୭



## ମାମୁ ଘର ଗାଁ ପୋଖରୀରେ ବୁଡ଼ିଗଲେ ୨ ଭଉଣୀ

■ **ଭଦ୍ରକ/ବାସୁଦେବପୁର, ୧୯।୬ (ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ଗାଁରେ ନିଜ ମାମୁ ଘରକୁ ବୁଲି ଆସିଥିବା ୨ଶିଶୁ କନ୍ୟା ପୋଖରୀର ପଡି ମୃତ୍ୟୁବରଣ କରିଛନ୍ତି। ମୃତା ଦୁଇ ଭଉଣୀ ବାପା ଓ ମାଆଙ୍କ ସହିତ ମାମୁ ଘରକୁ ଆସିଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଚାନ୍ଦବାଲି ବ୍ଲକ କରଣପଲ୍ଲୀ ପଞ୍ଚାୟତ ନାଳିଛକର ରତନ ମଣ୍ଡଳ ନିଜ ପତ୍ନୀ ସହିତ ୪ ବର୍ଷର କନ୍ୟା ନନ୍ଦିନୀ ଓ ୩ ବର୍ଷର କନ୍ୟା ଚାନ୍ଦିନୀକୁ ନେଇ ଶଶୁର ଘର କିସ୍ମତ କୃଷ୍ଣପୁରକୁ ବୁଲି ଆସିଥିଲେ। ରତନ ନିଜ ଶାଳକକୁ ଧରି କଟକ ମେଡିକାଲ ଯାଇଥିଲେ। ଦୁଇ ଭଉଣୀ ଅପରାହ୍ନରେ ଖେଳୁଥିବା ବେଳେ ପୋଖରୀରେ ପଡ଼ି ବୁଡ଼ି ଯାଇଥିଲେ। ମାଆ ସେମାନଙ୍କୁ ▶ପୃଷ୍ଠା-୭


SIKSHA 'O' ANUSANDHAN
SAAT-2025
Empowering students for a brighter future
COMPUTER APPLICATIONS PROGRAMMES
■ Bachelor of Computer Applications (BCA)
■ Master of Computer Applications (MCA)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2024
■ 14th Best in University Category
■ 26th Best in Engineering Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT,
Please visit: www.soa.ac.in



Org.By.
gem
2nd BRAHAMPUR
INTERNATIONAL
trade fair
13 - 23 JUNE 2025
Time : 2:30 PM to 10:00 PM
UCP ENGINEERING SCHOOL GROUND, BRAHMAPUR
UPTO 70% OFF
100000+ NATIONAL & INTERNATIONAL PRODUCTS
A/C PAVILION
20 STATES & 8 COUNTRIES

ସକାଳ
THE SAKALA

# ସମ୍ପାଦକୀୟ



ପ୍ରତ୍ୟେକ ଯଥାର୍ଥ କଳାକୃତିରେ ଦିବ୍ୟ ଈଶ୍ୱରୀୟ ସତ୍ତାର ସ୍ପର୍ଶ ଦେଖିବାକୁ ମିଳିଥାଏ।
-ମାଇକେଲ୍ ଆଞ୍ଜେଲୋ

## ବ୍ୟୋମସଙ୍କଟ

ଭାରତର ପ୍ରମୁଖ ବ୍ୟୋମଯାନ ବା ଉଡ଼ାଜାହାଜ ସେବା ପ୍ରଦାନକାରୀ ସଂସ୍ଥା ଏୟାର ଇଣ୍ଡିଆ ଦୁର୍ଦ୍ଦିନ ଦେଇ ଗତି କରୁଛି। ଅହମ୍ମଦାବାଦ୍‌ରେ ଡ୍ରିମ୍‌ଲାଇନ୍‌ର ଏଆଇ୧୭୧ ବୋଇଂ ବିମାନର ମର୍ମନ୍ତୁଦ ଦୁର୍ଘଟଣା ପଛର ଅସଲ କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅପରପକ୍ଷରେ ଏହି ଦୁର୍ଘଟଣା ପରଠାରୁ ଏୟାର ଇଣ୍ଡିଆର ଆନ୍ତର୍ଜାତିକ ବିମାନ ସେବା ବୈଷୟିକ ତ୍ରୁଟି କାରଣରୁ ବାତିଲ୍ ହୋଇଚାଲିଛି। ଗତ ସାତ ଦିନ ମଧ୍ୟରେ ୮୬ଟି ବିମାନ ଉଡ଼ାଣ ଶେଷମୁହୂର୍ତ୍ତରେ ବାତିଲ୍ ହେବା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ଭାରତୀୟ ବିମାନ ସେବାର ଭାବମୂର୍ତ୍ତି ଓ ଯାତ୍ରୀମାନଙ୍କର ଭରସା କ୍ଷୁଣ୍ଣ ହେଉଛି। ବିମାନଯାତ୍ରୀ ମଧ୍ୟ ଏୟାର ଇଣ୍ଡିଆର ଯାତ୍ରୀ ସୁବିଧା ସେବା(କଷ୍ଟମର କେୟାର)ର ମାନ ଦିନକୁ ଦିନ ନିମ୍ନମୁଖୀ ହେଉଥିବା ଅଭିଯୋଗ କରୁଛନ୍ତି। ଏହି ପୃଷ୍ଠଭୂମିରେ ଭାରତର ଏହି ସର୍ବବୃହତ୍ ବିମାନସେବା ସଂସ୍ଥା ତା'ର ଆନ୍ତର୍ଜାତିକ ଉଡ଼ାଣରେ ୧୫% ହ୍ରାସ କରିବାକୁ ଘୋଷଣା କରିଛି। ଏହାପଛର ଆଭ୍ୟନ୍ତରୀଣ କାରଣ ଜଣାପଡ଼ିନାହିଁ; କିନ୍ତୁ ଡ୍ରିମ୍‌ଲାଇନର ଦୁର୍ଘଟଣା ପରେ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂସ୍ଥା ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଇତିମଧ୍ୟରେ ଏୟାର ଇଣ୍ଡିଆ ମାଲିକାନାରେ ଥିବା ୩୩ଟି ବୋଇଂ ୭୮୭ ବିମାନ ମଧ୍ୟରୁ ୨୬ଟିର ସୁରକ୍ଷା ଯାଞ୍ଚ ସରିଥିବା ବେଳେ ବୋଇଂ ୭୭୭ର ଯାଞ୍ଚ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବା କମ୍ପାନୀ ସୂଚନା ଦେଇଛି।

ପରିଚାଳନାରେ ଅପାରଗତା କାରଣରୁ ବଢ଼ିଚାଲିଥିବା କ୍ଷତି ପରିମାଣ ୭୦ ହଜାର କୋଟି ଟଙ୍କା ଟପିବା ପରେ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଲେ ଏବଂ ୨୦୨୨, ଜାନୁଆରୀ ୨୭ରେ ଏହାର ମାଲିକାନା ପୁନର୍ବାର ଟାଟା ହାତକୁ ଗଲା। ସେବା ଓ ଉତ୍ପାଦ ଗୁଣବତ୍ତାରେ ସାଲିସ୍ କରୁନଥିବା ଏବଂ ଗ୍ରାହକ ଭରସାଯୋଗ୍ୟ ସଂସ୍ଥା ଭାବରେ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଟାଟା ଗ୍ରୁପ୍ ଅଧୀନକୁ ଯିବା ପରେ ଏୟାର ଇଣ୍ଡିଆର ଦୁରବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। ଆଶାନୁରୂପ ପାଖାପାଖି ଗତ ତିନିବର୍ଷ ଭିତରେ ଏୟାର ଇଣ୍ଡିଆର ରାଜସ୍ୱରେ ୨୫% ବୃଦ୍ଧି ଘଟିଥିବା ବେଳେ କ୍ଷତି ପରିମାଣ ୫୦% ଯାଏଁ ହ୍ରାସ ପାଇଛି। ବଜାର ଅଂଶରେ ମଧ୍ୟ ୯.୭%କୁ ବୃଦ୍ଧି ଘଟିଛି। କିନ୍ତୁ ବ୍ୟବସାୟିକ ଲାଭ-କ୍ଷତିରୁ ଊର୍ଦ୍ଧ୍ୱରେ ତର୍ଜମା କଲେ ସମ୍ପ୍ରତି ଏୟାର ଇଣ୍ଡିଆର ଯାତ୍ରୀ ସେବା ମାନରେ ଯେଉଁଭଳି ଅବକ୍ଷୟ ପରିଲକ୍ଷିତ ହେଉଛି ଏବଂ ଅଭିଯୋଗମାନ ଆସୁଛି ତାହା ସାମଗ୍ରିକ ଭାବେ ଟାଟାର ନୈତିକତା ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। ଏପରିକି ଟାଟା ହାତକୁ ଯିବା ପରେ ଯାତ୍ରୀ ଅଭିଯୋଗମାନ ବଢ଼ିବାରେ ଲାଗିଛି। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏକ ଭଙ୍ଗା ଚୌକିରେ ବସି ଯାତ୍ରା କରିବା ଭଳି ଘଟଣାରୁ ଆରମ୍ଭ କରି, ବାତାନୁକୂଳିତ ବ୍ୟବସ୍ଥା କାମ ନ କରିବା, ଟିଭି ନ ଚାଲିବା ଏବଂ ଯାତ୍ରୀମାନଙ୍କ ପ୍ରତି ପରିଚାରିକାମାନେ ସେତେଟା ଦୃଷ୍ଟି ନ ଦେବା ଆଦି ଅତିନିମ୍ନସ୍ତରର ଅଭିଯୋଗମାନ ଏକ ଆନ୍ତର୍ଜାତିକ ସଂସ୍ଥାର ଭାବମୂର୍ତ୍ତି ସହିତ ଯୋଡ଼ି ହୋଇଯିବା ଶୁଭଙ୍କର ନୁହେଁ। ଏହାଛଡ଼ା ୨୦୨୪ରେ ବୈଷୟିକ ତ୍ରୁଟି(ହାଇଡ୍ରାଲିକ୍ ଫେଲ୍ୟୁର) ପାଇଁ ଦିଲ୍ଲୀ-ସାନ୍‌ଫ୍ରାନ୍‌ସିସ୍କୋ ବିମାନ ଅଧାଆକାଶରୁ ଫେରିବା, ଟଏଲେଟ୍ ଜାମ କାରଣରୁ ଚିକାଗୋରୁ ଦିଲ୍ଲୀ ଅଭିମୁଖେ ଆସୁଥିବା ବିମାନ ପୁଣି ଲେଉଟିବା, ଗତ ଜାନୁଆରୀ ୫ ତାରିଖରେ ବେଙ୍ଗାଲୁରୁରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବିମାନର ଇଞ୍ଜିନ କାମ ନ କରିବାରୁ ମଧ୍ୟାକାଶରୁ ବାହୁଡ଼ାଇ ଆଣିବା, ସମୟାନୁବର୍ତ୍ତିତାରେ କ୍ରମାଗତ ଅବହେଳା ଭଳି ଘଟଣାରେ ଟାଟାର ପରିଚାଳନା ଦକ୍ଷତାର ସୁନାମ ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ପରିସ୍ଥିତି ଏପରି ହୋଇଛି ଯେ ଟାଟା କମ୍ପାନୀ ଯାହା କିଛି ସୁନାମ ଅର୍ଜନ କରିଥିଲା, କେବଳ ଏୟାର ଇଣ୍ଡିଆ ତାହାକୁ ବୁଡ଼ାଇ ଦେବା ପାଇଁ ଯଥେଷ୍ଟ ବୋଲି ମତ ପ୍ରକାଶ ପାଇଛି। ଏପରିକି ଏବେ ଏହାର ଘରୋଇକରଣ ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ସେଥିରେ ଡ୍ରିମ୍‌ଲାଇନର ଦୁର୍ଘଟଣା ଭଳି ଅପବାଦ ଯୋଡ଼ି ହୋଇଯାଇଛି। ବିମାନ ଉଡ଼ାଣ ବାତିଲ୍ ହେଲେ କେବଳ ଟାଟା କିମ୍ବା ଏୟାର ଇଣ୍ଡିଆର ଅର୍ଥନୈତିକ କ୍ଷତି ହେଉନାହିଁ, ଏହାର ପ୍ରତିକୂଳ ପ୍ରଭାବ ଯାତ୍ରୀଙ୍କ ବ୍ୟବସାୟ, ଲାଭ-କ୍ଷତି, ସମୟ ଉପରେ ମଧ୍ୟ ପଡ଼ୁଛି। ସର୍ବୋପରି ଦେଶର ଅର୍ଥନୀତି ଓ ବାଣିଜ୍ୟିକ ପ୍ରତିଷ୍ଠା ମଧ୍ୟ ପ୍ରଭାବିତ ହେଉଛି।

ଏୟାର ଇଣ୍ଡିଆର ପରିଚାଳନା ଆଗରେ ଏବେ ବହିଃସମସ୍ୟା ତୁଳନାରେ ଆଭ୍ୟନ୍ତରୀଣ ଆହ୍ୱାନ ଅଧିକ। ସଂସ୍ଥା ଅଧୀନରେ ଥିବା ଅଧିକାଂଶ ବିମାନ ପୁରୁଣା ହୋଇଯାଇଥିବା ବେଳେ ପାଇଲଟ୍, କ୍ୟାବିନ୍ କ୍ରୁ, ବୈଷୟିକ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଧୁନିକ ଓ ସମୟୋପଯୋଗୀ ବୈଷୟିକ ଜ୍ଞାନକୌଶଳ ତାଲିମ୍ ଦିଆଯାଉନାହିଁ। ଏହାଛଡ଼ା ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଘରୋଇ ଉଦ୍ୟୋଗ ହାତକୁ ପରିଚାଳନା ଆସିଥିବାରୁ ଅଦରକାରୀ ଓ ଅନୁପଯୋଗୀ କର୍ମଚାରୀଙ୍କୁ ହଠାତ୍ ଛଟେଇ କରିବା ସମ୍ଭବ ନୁହେଁ। ତେଣୁ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ସମସ୍ୟା ସହିତ ସଂଘର୍ଷ କରୁଥିବା ଏୟାର ଇଣ୍ଡିଆ ଆଗକୁ ଆହୁରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ଥରେ ଗ୍ରାହକ ଭରସା ତୁଟିଲେ ତାହା ଫେରିପାଇବା ଏତେ ସହଜ ନୁହେଁ। ବିଶେଷକରି ଆନ୍ତର୍ଜାତିକ ସେବା ପ୍ରଦାନକାରୀ ସଂସ୍ଥା ଭାବରେ ଗ୍ରାହକ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦିଆଯିବାର ଯେଉଁ ଉତ୍ତରଦାୟିତ୍ୱ ରହିଛି, ସେଥିପ୍ରତି ଟାଟା ଏୟାର ଇଣ୍ଡିଆ କାହିଁକି ଅଗ୍ରାଧିକାର ଦେଉ ନାହିଁ, ତାହା ବୁଝାପଡୁନାହିଁ।

ଏୟାର ଇଣ୍ଡିଆ କେବଳ ଏକ ଗମନାଗମନ କିମ୍ବା ପରିବହନକାରୀ ସଂସ୍ଥା ନୁହେଁ। ଏହି ବ୍ୟବସାୟିକ ଲକ୍ଷ୍ୟରୁ ଊର୍ଦ୍ଧ୍ୱରେ ଏଥିସହିତ ଯୋଡ଼ି ହୋଇଯାଇଛି ଭାରତୀୟତାର ଗର୍ବ ଓ ପ୍ରତୀକ। ତେଣୁ ଦୀର୍ଘକାଳୀନ ଭିତ୍ତିରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ଭରସା ଫେରିପାଇବା ସହିତ ଟାଟାର ସୁନାମକୁ ଏଥିସହିତ ସବୁଦିନ ପାଇଁ ଯୋଡ଼ି ଦେବା ଲକ୍ଷ୍ୟରେ ଏୟାର ଇଣ୍ଡିଆ ବିମାନ ସେବାରେ ସାମୟିକ ବାତିଲ୍ ନିଷ୍ପତ୍ତି ଯଦି ହୋଇଥାଏ, ତେବେ ତାହା ସ୍ୱାଗତଯୋଗ୍ୟ। କାରଣ ଯାତ୍ରା ବିଳମ୍ବ କିମ୍ବା ବାତିଲ୍ ହେଉ ପଛକେ ସୁରକ୍ଷିତ ଯାତ୍ରା ସମସ୍ତଙ୍କ କାମ୍ୟ। ଏବେ ମଧ୍ୟ ଭାରତୀୟ ଅନ୍ତର୍ଜାତୀୟ ଉଡ଼ାଣ ପଥର ଏକଚାଟିଆ ମାଲିକାନା ଏୟାର ଇଣ୍ଡିଆ ହାତରେ ରହିଛି। କେବଳ ପରିଚାଳନାରେ ସୁଧାର, ଶୃଙ୍ଖଳା ଓ ସେବା ପ୍ରତି ଅଙ୍ଗୀକାରବଦ୍ଧତା ବଜାୟ ରହିଲେ ଏହି ସଂସ୍ଥା ସଙ୍କଟରୁ ମୁକୁଳି ବିଶ୍ୱ-ବ୍ୟୋମସେବାରେ ସିଂହଭାଗ ଦଖଲ କରିବାରେ ବିଶେଷ କଷ୍ଟ ହେବ ନାହିଁ। ●

# ମାନବର ସେବା ଓ ଅଙ୍ଗୀକାରବଦ୍ଧତା

**ମନୋରଞ୍ଜନ ମହାନ୍ତି**

ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେହି କେହି କହୁଛନ୍ତି, 'ଆମେ ଗୋଟେ ମର୍ଯ୍ୟାଦାଜନକ ଇଂଜିନିୟରିଂ ଶିକ୍ଷା ଅନୁଷ୍ଠାନରୁ ପାସ୍ କଲାପରେ ବଡ଼ ସରକାରୀ ଇଂଜିନିୟରିଂ ସଂସ୍ଥାରେ ଚାକିରି କରୁଥିଲୁ। ତା'କୁ ଛାଡ଼ିଦେଲୁ। ପ୍ରାଦେଶିକ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲୁ, କିନ୍ତୁ ସେଥିରେ ଯୋଗଦେଲୁ ନାହିଁ। ଏବେ ଜାତୀୟ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ, ଏଥିରେ ଯୋଗଦେବୁ, ଲୋକଙ୍କ ସେବା କରିବୁ।' ତେବେ ସେମାନେ ଯେ ଲୋକଙ୍କ ସେବା କରିବେ, ଏହାର ସତ୍ୟତା ଆମେ ଏବେ ତାଙ୍କ କଥାରୁ ଜାଣିପାରିବା ନାହିଁ, ଭବିଷ୍ୟତରେ ତାଙ୍କ କାମରୁ ଜାଣିବା। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ସେମାନେ ଉଚ୍ଚତର ପଦରେ ବସିବାକୁ, ଅଧିକତର କ୍ଷମତା ଭୋଗ କରିବାକୁ ଭାରି ଇଚ୍ଛୁକ।

ପୃଥିବୀରେ ଯେଉଁମାନେ ଭିନ୍ନଭିନ୍ନ କ୍ଷେତ୍ରରେ ରହି ମାନବଜାତିର ସେବା କରିଛନ୍ତି ବା କରୁଛନ୍ତି, ସେମାନଙ୍କ କର୍ମରେ ତାହା ପ୍ରତିଫଳିତ ହୋଇଥାଏ, କଥାରେ ନୁହେଁ। ଆମେରିକାର ନର୍ଥ୍ କ୍ୟାରୋଲିନାରେ ଏକ କୃଷକ ପରିବାରରେ ଜନ୍ମ ହୋଇଥିବା ବିଲି ଗ୍ରାହାମ୍‌ଙ୍କର ଦେହାନ୍ତ ହେଲା ୨୦୧୮ ମସିହାରେ ୯୯ବର୍ଷ ବୟସରେ। ତାଙ୍କର ସମଗ୍ର ଜୀବନ ଲୋକମାନଙ୍କୁ ଧର୍ମତତ୍ତ୍ୱ ବୁଝାଇବାରେ ଏବଂ ଦେହାନ୍ତ ହେବାର କିଛିବର୍ଷ ପୂର୍ବରୁ ପ୍ରୋଷ୍ଟେଟ୍ କ୍ୟାନ୍‌ସର୍, ହାଇଡ୍ରୋସେଫାଲସ୍ (ମସ୍ତିଷ୍କରେ ତରଳ ପଦାର୍ଥ ଜମାଟ ବାନ୍ଧିବା), ପାର୍କିନ୍‌ସନ୍ ରୋଗ ଇତ୍ୟାଦି ବିରୋଧରେ ସଂଗ୍ରାମ କରିବାରେ ଅତିବାହିତ ହୋଇଥିଲା। ଆତ୍ମଚରିତରେ ସେ ଲେଖିଛନ୍ତି, 'ଈଶ୍ୱର ମହତ ଉଦ୍ଦେଶ୍ୟରେ ମଣିଷକୁ ସୃଷ୍ଟି କରନ୍ତି, ମଣିଷ ମହତ କର୍ମ କଲେ ଈଶ୍ୱର ପ୍ରୀତ ହୁଅନ୍ତି। ମୁଁ ଜାଣେ ନାହିଁ ଈଶ୍ୱର ମୋ ଭଳି ଜଣେ କୃଷକ-ସନ୍ତାନ ଉପରେ ଧର୍ମତତ୍ତ୍ୱ ବୁଝାଇବାର ଦାୟିତ୍ୱ କାହିଁକି ନ୍ୟସ୍ତ କଲେ? ଯା'ର ଉତ୍ତର କେବଳ ତାଙ୍କୁ ହିଁ ଜଣା।' ଇଂଲଣ୍ଡର ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍ ୨୧ବର୍ଷ ବୟସରେ 'ଆମିଓଟ୍ରଫିକ୍ ଲ୍ୟାଟେରାଲ୍ ସ୍କେଲରୋସିସ୍' ରୋଗାକ୍ରାନ୍ତ ହୋଇ ପକ୍ଷାଘାତ-ପୀଡ଼ିତ ହେଲେ। କିନ୍ତୁ ଆହୁରି ୫୫ବର୍ଷ ବଞ୍ଚିରହି ବିଜ୍ଞାନରେ ଗବେଷଣା ଜାରି ରଖିଲେ ଏବଂ ମହାଶୂନ୍ୟ, ସମୟ, ବ୍ଲାକ୍ ହୋଲ୍ ବା କୃଷ୍ଣଗର୍ତ୍ତର ରହସ୍ୟକୁ ଆଧାର କରି 'ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଟାଇମ୍' ଶୀର୍ଷକ ବହିଟିଏ ଲେଖିଲେ, ଯାହା ତାଙ୍କୁ ଆଇନ୍‌ଷ୍ଟାଇନ୍‌ଙ୍କ ପରବର୍ତ୍ତୀ ସମୟରେ ଶ୍ରେଷ୍ଠ ବୈଜ୍ଞାନିକର ମାନ୍ୟତା ଦେଲା। ଆମେରିକାର ଯୋଗ-ଶିକ୍ଷକ, ଅଧ୍ୟାପକ, ଲେଖକ ଏଡ୍ଡି ଷ୍ଟର୍ଣ୍ଣ ୩୦ବର୍ଷ ହେଲା ଅଷ୍ଟାଙ୍ଗ ଯୋଗ ସାଧନା କରୁଛନ୍ତି। ୧୯୮୭ ମସିହାରେ ଯୋଗ ଶିକ୍ଷା ତାଲିମ୍ ନେବା ପାଇଁ କେରଳକୁ ଆସିଥିଲେ। ତା'ପରେ ମହୀଶୂର ଆଶ୍ରମରେ ଅଷ୍ଟାଙ୍ଗ ଯୋଗ ଶିକ୍ଷା କଲେ। ବହିଟିଏ ଲେଖିଲେ 'ୱାନ୍ ସିମ୍ପଲ୍ ଥିଙ୍ଗ୍ : ଏ ନିଉ ଲୁକ୍ ଆଟ୍ ଦି ସାଇନ୍ସ ଅଫ୍ ଯୋଗ ଆଣ୍ଡ ହାଓ ଇଟ୍ କ୍ୟାନ୍ ଟ୍ରାନ୍ସଫର୍ମ ଇଓର୍ ଲାଇଫ୍'। ଏଥିରେ ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟ ସ୍ଥାପନ କଲେ। ନିଉୟର୍କରେ ସେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା କରିଛନ୍ତି, ବେଦ ଉପନିଷଦର ଶ୍ଳୋକଗୁଡ଼ିକୁ ପ୍ରାଞ୍ଜଳ ଭାବରେ ଆବୃତ୍ତି କରିପାରୁଛନ୍ତି। ମାଡୋନ୍ନା, ଗ୍ୱିନେଥ୍ ପାଲ୍‌ଟ୍ରୋ, କ୍ରିସ୍ ମାର୍ଟିନ୍, ୱିଲେମ୍ ଡାଫୋଙ୍କ ଭଳି ସେଲିବ୍ରିଟିମାନଙ୍କୁ ଯୋଗ ଶିକ୍ଷା ଦେଇଛନ୍ତି। ତାଙ୍କ ମତରେ ଅଷ୍ଟାଙ୍ଗ ଯୋଗ ସାଧନ ଦ୍ୱାରା ଶାନ୍ତ, ଶୃଙ୍ଖଳିତ ଜୀବନଟିଏ ବଞ୍ଚିହେବ।

ମାଇକେଲ୍ ଆଞ୍ଜେଲୋ ୧୪୯୮ ମସିହାରେ ମେରୀ, ଯୀଶୁଙ୍କୁ ଆଧାର କରି 'ପିଏଟା' କଳାକୃତି ନିର୍ମାଣ ଆରମ୍ଭ କଲେ ଓ ୧୫୦୦ ମସିହାରେ ଶେଷ କଲେ, ଯାହା ରୋମ୍‌ର ସେଣ୍ଟ ପିଟର୍ସ ବାସିଲିକାରେ ସ୍ଥାପିତ ହେଲା। ଏବେ ବି ପ୍ରତିବର୍ଷ ୭୦ଲକ୍ଷ ପର୍ଯ୍ୟଟକ 'ପିଏଟା'କୁ ଦେଖିବା ପାଇଁ ରୋମ୍‌କୁ ଆସୁଛନ୍ତି ଓ ଶହଶହ ବର୍ଷ ପରେ ମଧ୍ୟ ରେନେସାଁ କଳାକୃତିର ଉତ୍କୃଷ୍ଟ ନିଦର୍ଶନ ହୋଇ ତାହା ରହିଛି। ୧୯୭୩ ମସିହାରେ ପାବ୍‌ଲୋ ପିକାଶୋଙ୍କ ଦେହାନ୍ତ ବେଳକୁ ୪୫, ୦୦୦ କଳାକୃତି ସେ ସର୍ଜନା କରିସାରିଥିଲେ, ଯାହା ତାଙ୍କ ଜନ୍ମସ୍ଥାନ ମାଲାଗାରେ ପ୍ରତିଷ୍ଠିତ 'ମ୍ୟୁଜିଓ ପିକାଶୋ' ନାମକ ସଂଗ୍ରହାଳୟରେ ସୁରକ୍ଷିତ ହୋଇ ରହିଛି। ତାଙ୍କର ସର୍ବଶ୍ରେଷ୍ଠ କଳାକୃତି ହେଉଛି 'ଗୁଏର୍ନିକା', ଯାହା ସମ୍ପର୍କରେ ତାଙ୍କ ନାତି ବର୍ଣ୍ଣାଡ୍‌ର୍ ରୁଇଜ୍ କହନ୍ତି, 'ଯେତେବେଳେ ମୁଁ ମାଦ୍ରିଦ୍‌କୁ ଯାଏ, ସେହି ଚିତ୍ର ସମ୍ମୁଖରେ ଠିଆ ହୁଏ, ମୁଁ ଭାବପ୍ରବଣ ହୋଇଯାଏ, କାନ୍ଦେ, କାରଣ ବିଂଶ ଶତାବ୍ଦୀ ଓ ମଣିଷ-ପ୍ରକୃତିର ଭୟାନକ ବାସ୍ତବତାର ପ୍ରତିନିଧିତ୍ୱ କରୁଛି ସେହି ଚିତ୍ରଟି। ମଣିଷର ଅବସ୍ଥା ଓ ମଣିଷମାନେ ପରସ୍ପର ବିରୋଧରେ କ'ଣ କରିପାରନ୍ତି, ସେଥିରେ ରୂପାୟିତ ହୋଇଛି।'

ଓଡ଼ିଶାର ଗୋଟେ ଆଦିବାସୀ ପରିବାରର ସନ୍ତାନ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆ ସାଇକେଲ୍ ଯାତ୍ରାରେ ସ୍ୱିଡେନ୍ ଯାଇ ଚିତ୍ରଶିଳ୍ପୀ ଭାବରେ ଖ୍ୟାତି ଅର୍ଜନ କରି ସ୍ୱିଡେନ୍ ସରକାରଙ୍କ କଳା, ସଂସ୍କୃତି ବିଭାଗର ପରାମର୍ଶଦାତା ଭାବରେ କାର୍ଯ୍ୟ ନିର୍ବାହ କରିଛନ୍ତି। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ପିତାମହ ପଣ୍ଡିତ ଯଶରାଜ୍‌ଙ୍କ ନାମରେ ଆମେରିକା ଗୋଟେ ଗ୍ରହର ନାମକରଣ କରିଛି, ଯେଉଁ ଗ୍ରହର ଅବସ୍ଥିତି ମଙ୍ଗଳ ଓ ବୃହସ୍ପତି ମଝିରେ। ୯୦ବର୍ଷ ବୟସରେ ଦେହତ୍ୟାଗ କରିଥିବା ଯଶରାଜ୍ ଏକ ସାକ୍ଷାତକାରରେ କହିଥିଲେ, 'ସଙ୍ଗୀତ ସହିତ ମୋର ସମ୍ବନ୍ଧ ଅନେକ ଜନ୍ମର। ମୁଁ ସବୁବେଳେ ନିଜକୁ ଛାତ୍ର ଭଳି ଅନୁଭବ କରେ, ଅଧିକରୁ ଅଧିକ ଶିକ୍ଷା କରିବାର ଭୋକ ମତେ ହୁଏ।' ଯେଉଁଥିପାଇଁ ଆଜୀବନ ଦୈନିକ ୧୪ଘଣ୍ଟା ସେ ସଙ୍ଗୀତ-ଅଭ୍ୟାସ (ରିଆଜ୍) କରୁଥିଲେ। ୧୯୮୭ ଏପ୍ରିଲ୍ ମାସରେ ଲକ୍ଷ୍ନୌର ସଂକଟମୋଚନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଉପଲକ୍ଷେ ତୁଳସୀ ଦାସଙ୍କ 'ବିନୟ ପତ୍ରିକା'ର କେତୋଟି ଧାଡ଼ିକୁ ତୋଡ଼ି ରାଗରେ ଗାନ କରୁଥିଲେ ଯଶରାଜ୍। ଶ୍ରୋତାମାନେ ଶୁଣୁଥିଲେ ଭାବବିହ୍ୱଳ ହୋଇ। ଏହି ସମୟରେ ହରିଣଟିଏ କେଉଁଠାରୁ ଆସି ଷ୍ଟେଜ୍ ନିକଟରେ ମନ୍ତ୍ରମୁଗ୍ଧ ହୋଇ ଠିଆ ହେଲା। ଯଶରାଜ ତାକୁ ଚାହିଁଲେ, ହସିଲେ, ହାତ ଯୋଡ଼ିଲେ, 'ଜୟ ହୋ' କହିଲେ। ହିନ୍ଦୁସ୍ଥାନୀ ସଙ୍ଗୀତର ଶକ୍ତି, ଯଶରାଜ୍‌ଙ୍କ ଗାୟନ ଶୈଳୀ ଗୋଟିଏ ହରିଣକୁ ଟାଣିଆଣିପାରିଲା। ମୋଗଲ ଯୁଗରେ ତାନ୍‌ସେନ୍ ଗୀତ ଗାଉଥିଲା ବେଳେ ଆକବରଙ୍କ ଦରବାରକୁ ପଶୁପକ୍ଷୀମାନେ ଚାଲିଆସୁଥିଲେ।

ଇନ୍‌ଫୋସିସ୍ କମ୍ପାନୀର ପ୍ରତିଷ୍ଠା ଦିବସ ୧୯୮୧ ମସିହା ଜୁଲାଇ ୭ ତାରିଖ। ଠିକ୍ ସେହି ଦିନ କ୍ରିକେଟର୍ ମହେନ୍ଦ୍ର ସିଂହ ଧୋନିଙ୍କ ଜନ୍ମଦିନ। ଇନ୍‌ଫୋସିସ୍ ଲିମିଟେଡ୍ ଏମିରେଟସ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଏନ୍. ଆର୍. ନାରାୟଣ ମୂର୍ତ୍ତି ତାଙ୍କର ଏକ ଲେଖା 'ଲାଇଫ୍ ଲେସନ୍ସ ଫ୍ରମ୍ ଧୋନି'ରେ ଲେଖିଛନ୍ତି, ଧୋନି ହେଉଛନ୍ତି ଭାରତର ସର୍ବାଧିକ ସଫଳ କ୍ରିକେଟ୍ କ୍ୟାପ୍‌ଟେନ୍, ଶ୍ରେଷ୍ଠ ୱିକେଟ୍‌କିପର୍, ଦକ୍ଷ ବ୍ୟାଟ୍ସମ୍ୟାନ୍ ଯାହାଙ୍କର କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକୁ ଦେଖି ତାଙ୍କର ବିପୁଳ ଦୃଷ୍ଟି, ପରିପୂର୍ଣ୍ଣ ଓ ଗୁଣାତ୍ମକ ନେତୃତ୍ୱ, ଉତ୍କର୍ଷ ପ୍ରତି ପ୍ରତିଶ୍ରୁତିବଦ୍ଧତା, ସହକର୍ମୀମାନଙ୍କ ଭିତରେ ଆଶା, ଆକାଂକ୍ଷା, ଉତ୍ସାହ, ବିଶ୍ୱାସ, ସ୍ୱାଭିମାନ ଜାଗ୍ରତ କରିବାର ସାମର୍ଥ୍ୟରୁ କର୍ପୋରେଟ୍-ଜଗତ ସହିତ ସଂପୃକ୍ତ ଆମେ ସମସ୍ତେ ଅନେକ ମହତ ଶିକ୍ଷା ଲାଭ କରିପାରିବା।' ଏପରିକି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସୁନିଲ୍ ଗାଭାସ୍କର୍ କହନ୍ତି, '୨୦୧୧ ବିଶ୍ୱକପ୍ ଫାଇନାଲ୍‌ରେ ଧୋନିଙ୍କର ବ୍ୟାଟିଂ ଦୃଶ୍ୟକୁ ମୋ ଜୀବନର ଶେଷ କେତୋଟି ମୁହୂର୍ତ୍ତରେ ପୁନର୍ବାର ଦେଖି ମୁଁ ଆନନ୍ଦରେ ସଂସାରରୁ ବିଦାୟ ନେବାକୁ ଚାହେଁ।'

ଉପରୋକ୍ତ କିଛି ବ୍ୟକ୍ତିଙ୍କ ଉଦାହରଣ ଦେବାର ଉଦ୍ଦେଶ୍ୟ ହେଉଛି, ସେମାନେ ଅଧ୍ୟାତ୍ମ, ବିଜ୍ଞାନ, ଯୋଗସାଧନ, ଚିତ୍ରକଳା, ସଙ୍ଗୀତ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଦକ୍ଷତା ପ୍ରକଟ କରି ମାନବ-ଜାତିର ସେବା କରିବାକୁ ସମର୍ଥ ହୋଇଛନ୍ତି। ଯେଉଁମାନେ ଜାତୀୟ ସ୍ତରର ସିଭିଲ୍ ସର୍ଭିସ୍ ପଦରେ ରହି ଲୋକଙ୍କ ସେବା କରିବେ ବୋଲି କହୁଛନ୍ତି ସେମାନଙ୍କୁ ଦକ୍ଷ ହେବାକୁ ପଡ଼ିବ, ଦକ୍ଷତା ଅର୍ଜନ ପାଇଁ ପଦ, କ୍ଷମତାର ଅମଲାତାନ୍ତ୍ରିକ ଅହଂକାରରୁ ମୁକ୍ତ ଏବଂ ଲୋକସାଧାରଣଙ୍କ ସହିତ ଯୁକ୍ତ ହେବାକୁ ପଡ଼ିବ। ବୁଦ୍ଧଦେବ ଦେହ ତ୍ୟାଗ କରିବା ପୂର୍ବରୁ ଶିଷ୍ୟମାନେ ତାଙ୍କୁ ଅନ୍ତିମ ଉପଦେଶ ଦେବାକୁ ନିବେଦନ କରିବାରୁ ବୁଦ୍ଧ ଗୋଟିଏ ଜଳପାତ୍ରକୁ ଓଲଟାଇ ରଖିଦେଲେ, ଯାହାର ପ୍ରତୀକାତ୍ମକ ଅର୍ଥ ହେଉଛି, ପାତ୍ରଟି ଜଳଶୂନ୍ୟ ହେଲା ଭଳି ତୁମେ ଅହଂଶୂନ୍ୟ ହୁଅ। ପରବର୍ତ୍ତୀ ସମୟରେ ଓଲଟିପଡ଼ିଥିବା ପାତ୍ର ଆକାରରେ ବୌଦ୍ଧସ୍ତୂପଗୁଡ଼ିକ ନିର୍ମିତ ହୋଇଛି, ଯାହା ଆମକୁ ଅହଂଶୂନ୍ୟତାର ଆହ୍ୱାନ ଦେଉଛି। ଅହଂକାରରୁ ମୁକ୍ତ ମଣିଷ ଯେକୌଣସି ମହତ କ୍ଷେତ୍ରରେ କାର୍ଯ୍ୟ କରି ମାନବଜାତିର ସେବକ ହୋଇପାରିବ; ଏହା ସତ୍ୟ। ●


(ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

# ଔଷଧ ମୁକ୍ତ ଜୀବନ ସମ୍ଭବ

**ରାକେଶ ପଣ୍ଡା**

ଆଜିର ସମୟରେ ପ୍ରଦୂଷିତ ପରିବେଶ, ଦୂଷିତ ବାୟୁ, ଦୂଷିତ ଜଳ ଓ ରାସାୟନିକ ପଦାର୍ଥ ଉପଯୋଗରେ ଉତ୍ପନ୍ନ ହେଉଥିବା ଶସ୍ୟ ଏବଂ ଖାଦ୍ୟ ପଦାର୍ଥ ଗ୍ରହଣ କରି ପ୍ରାୟ ପ୍ରତିଟି ମଣିଷ ବିଭିନ୍ନ ପ୍ରକାରର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାଛଡ଼ା ଆଧୁନିକ ଜୀବନଶୈଳୀର ଅଭ୍ୟାସ, ଚାପଗ୍ରସ୍ତ ଦାୟିତ୍ୱବୋଧତା ଓ ଆଳସ୍ୟ ଯୋଗୁଁ ମଣିଷ ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ। ପୁଣି ସେଥିରୁ ମୁକୁଳିବା ପାଇଁ ପ୍ରଥମ ସାହାରା ହେଉଛି ଔଷଧ। ଏପରିକି ଔଷଧ ବର୍ତ୍ତମାନ ମଣିଷ ପାଇଁ ଏକ ଅଭ୍ୟାସଗତ ଓ ସ୍ୱାଭାବିକ ଖାଦ୍ୟରେ ପରିଣତ ହୋଇଯାଇଛି। ଏପରିକି, ତାହା ଗୋଟିଏ ପରିବାରର ମାସିକ ଖର୍ଚ୍ଚ ସାରଣୀର ଏକ ଅଂଶ ପାଲଟିଛି।

ଔଷଧ ସେବନର ଅନେକ ଖରାପ ଓ ପାର୍ଶ୍ୱ ପ୍ରତିକ୍ରିୟା ରହିଥାଏ। ଫଳରେ ଗୋଟିଏ ରୋଗକୁ ଭଲ କରିବାକୁ ଯାଇ, ତାହା ଶରୀରରେ ଏକ ନୂଆ ରୋଗ ସୃଷ୍ଟି କରିଥାଏ। ଅତୀତରେ ସାଧାରଣତଃ ଲୋକମାନେ ଏଲୋପାଥି ଔଷଧ କ'ଣ ଜାଣୁ ନଥିଲେ। ସେତେବେଳର ପାଣି, ପବନ, ପରିବେଶ ଓ ଖାଦ୍ୟପଦାର୍ଥ ଶୁଦ୍ଧ ଥିଲା ଏବଂ ସେମାନେ ଆସନ୍ତା କାଲି କଥା ଚିନ୍ତା କରୁ ନ ଥିଲେ। ଫଳସ୍ୱରୂପ ମାନସିକ ସ୍ତରରେ ଚିନ୍ତାମୁକ୍ତ ଥିଲେ। ଅପରପକ୍ଷରେ, ଅଧିକ ଶାରୀରିକ ପରିଶ୍ରମ କରିବା ସହ ସାଧାରଣ ଦେହ ଖରାପ ହେଲେ ଦେଶୀ ପଦ୍ଧତିରେ ପ୍ରସ୍ତୁତ ହୋଇଥିବା ପ୍ରାକୃତିକ ଜଡ଼ିବୁଟି ଆଦି ବ୍ୟବହାର କରି ରୋଗମୁକ୍ତ ହେଉଥିଲେ।



କିଛିଦିନ ତଳେ ଏକ ଅଞ୍ଚଳରେ ଉଲ୍ଲେଖନୀୟ ଦୃଶ୍ୟ ଦେଖିବାର ସୁଯୋଗ ମିଳିଲା। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ରାଜପ୍ରାସାଦ ପରି ଘର ପଛ ଭାଗରେ ରହିଛି ଏକ ଭଲ ବଗିଚା ଏବଂ ଆଟୁ ଥିବା ଛଣ ଘରଟିଏ। ସେ ଘରେ ଥିଲା, ଶିଳ, ଶିଳପୁଆ, ଚକି, ଢିଙ୍କି, ବଡ଼ ହେମଦସ୍ତା, ଧାନଉଁସା କଡ଼େଇ ଏବଂ ଅତୀତରେ ବ୍ୟବହୃତ ହେଉଥିବା କିଛି ଉପକରଣ। ପଚାରି ଜାଣିଲି ସେ ପରିବାର ଲୋକେ ଏବେ ମଧ୍ୟ ଶିଳରେ ମସଲା ଓ ବିରି ବାଟୁଛନ୍ତି ଏବଂ ଚକି ଓ ଢିଙ୍କିକୁ ଧାନ, ଚାଉଳ ଓ ଗହମ ଆଦିର ବିଭିନ୍ନ ଖାଦ୍ୟପଦାର୍ଥ ତିଆରି ପାଇଁ ବ୍ୟବହାର କରୁଛନ୍ତି। ଘର ଖାଇବା ପାଇଁ ନିଜେ ଧାନ ଉଁସାଇ ଚାଉଳ ଉତ୍ପନ୍ନ କରୁଛନ୍ତି। ଛୋଟ ବାଡ଼ିରେ ନିଜେ ଖାଇବା ମୁତାବକ ଜୈବିକ ଖତ ବ୍ୟବହାର କରି ବିଭିନ୍ନ ପରିବା ଓ ଫସଲ ଉତ୍ପାଦନ କରୁଛନ୍ତି। ଗାଧୋଇବା, ହାତରେ ପୋଷାକ ସଫା କରିବା ଓ ଗଛରେ ପାଣି ଦେବା ନିମନ୍ତେ ହାତ ନଳକୂପ ବ୍ୟବହୃତ ହେଉଛି। ଅଧିକାଂଶ ସମୟରେ ଚୁଲିରେ ରୋଷେଇ ମଧ୍ୟ ହେଉଛି।

ପରିବାରର ମୁରବିଙ୍କ ଦର୍ଶନ ହେଲା ବିଦ୍ୟୁତ ଚାଳିତ ଯନ୍ତ୍ରରେ ନିଜର କାର୍ଯ୍ୟ କଲେ, ମଣିଷ ଅଳସୁଆ ଓ କୋଢ଼ିଆ ହେଇଯିବ। ବିଭିନ୍ନ ପ୍ରକାରର ରୋଗ ଧୀରେଧୀରେ ମାଡ଼ି ବସିବ। ଯଦି ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ନିଜେ ସମ୍ପାଦନ କରିବ ଏବଂ ସେଥିନିମନ୍ତେ କୌଣସି ଆଧୁନିକ ଯନ୍ତ୍ରପାତି କିମ୍ବା ବୈଦ୍ୟୁତିକ ଉପକରଣ ବ୍ୟବହାର ନ'କରି ପାରମ୍ପରିକ ଶୈଳୀକୁ ଆପଣେଇବ ତେବେ ଟଙ୍କା ଖର୍ଚ୍ଚ କରି ପ୍ରଭାତରେ ପ୍ରତ୍ୟହ କରୁଥିବା ଆଧୁନିକ ବ୍ୟାୟାମ କରିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ।

ପରିବାରର ପ୍ରତି ସଦସ୍ୟ ପ୍ରତ୍ୟହ ରାତ୍ରିରେ ଶୀଘ୍ର ଶୋଉଛନ୍ତି, ସକାଳେ ଶୀଘ୍ର ଶଯ୍ୟାତ୍ୟାଗ କରୁଛନ୍ତି। ପୁରୁଣା ଢଙ୍ଗରେ ଘର କାର୍ଯ୍ୟ କରୁଛନ୍ତି ଏବଂ ତା'ସହ ସନ୍ତୁଳିତ ଖାଦ୍ୟ ଖାଉଛନ୍ତି। ତେଣୁ ନିରାମୟ ଜୀବନଯାପନ କରିବା ସହିତ ଏଲୋପାଥି ଔଷଧରୁ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି।

ଆଜିର ଏହି ଆଧୁନିକ ଓ ପ୍ରଦୂଷିତ ପରିବେଶ ମଧ୍ୟରେ ଆମେମାନେ ସ୍ୱାସ୍ଥ୍ୟକୁ ସବୁଠାରୁ ବଡ଼ ସମ୍ପଦ ଭାବରେ ମନେ କରି ନିଜର ଜୀବନଶୈଳୀକୁ ପ୍ରାକୃତିକ, ସାଧାରଣ ଓ ନିର୍ଦ୍ଧାରିତ ଢଙ୍ଗରେ ନିର୍ବାହ କରିବା ଉଚିତ। ଆଳସ୍ୟ ତ୍ୟାଗ କରି ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରିବା, ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା, ପ୍ରଭାତରେ ସୂର୍ଯ୍ୟଙ୍କର କଅଁଳ କିରଣରେ କିଛି ସମୟ ବିତାଇବା, ବାହାରର ଦୂଷିତ ଓ ପରିତ୍ୟକ୍ତ କ୍ୟାଲୋରି ଯୁକ୍ତ ଖାଦ୍ୟ ପଦାର୍ଥକୁ ତ୍ୟାଗ କରି ଘରେ ପ୍ରସ୍ତୁତ ସନ୍ତୁଳିତ ଖାଦ୍ୟ ଗ୍ରହଣ, ଯୋଗ, ବ୍ୟାୟମ ଆଦି ପ୍ରତ୍ୟହ କରିବା, ସକାଳୁ କିଛି ସମୟ ଶାରୀରିକ ଶ୍ରମରେ ନିୟୋଜିତ ରଖିବା, ପୁରାତନ ଘରୋଇ ଯନ୍ତ୍ର ଯଥା ଶିଳ, ଶିଳପୁଆ, ଚକି, ଢିଙ୍କିରେ ଘରର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ, ଅଧିକ ସଞ୍ଚୟ କରିବାର ମାନସିକ ଚାପରୁ ନିବୃତ୍ତ ରହି ବର୍ତ୍ତମାନଙ୍କୁ ଅନୁସରଣ କରି କାର୍ଯ୍ୟ କରିବା, ବନ୍ଧୁ ଓ ପଡ଼ୋଶୀଙ୍କର ଧନ, ସମ୍ପତ୍ତି ଓ ରୋଜଗାରରେ ଅତ୍ୟଧିକ ପ୍ରେରିତ ନ'ହୋଇ ନିଜର ଇଚ୍ଛା, ଅଭିଳାଷକୁ ସୀମିତ ରଖିବା, ରାତ୍ର ସମୟରେ ଭୋଜନ କମ୍ ଗ୍ରହଣ କରିବା ଏବଂ ପର୍ଯ୍ୟାପ୍ତ ସମୟ ୭-୮ ଘଣ୍ଟା ଶୋଇବା ଆଦି ପ୍ରାକୃତିକ ଢଙ୍ଗରେ ନିଜର ଜୀବନ ନିର୍ବାହ କରିବା ଉଚିତ। ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କୁ ପ୍ରାୟତଃ ଡାକ୍ତର ଓ ଡାକ୍ତରଖାନାକୁ ଯିବାକୁ ପଡ଼ିବ ନାହିଁ ଏବଂ ଏଲୋପାଥି ଔଷଧ ମଧ୍ୟ ନିରନ୍ତର ଗ୍ରହଣ କରିବାକୁ ହେବ ନାହିଁ। ●

ବନ୍ଧାଲୋ(କଟକ)ମୋ: ୯୩୩୭୮୯୭୬୫୦

# ନେତ୍ରଜ୍ୟୋତି ବରଦାୟିନୀ

**ବିଶ୍ୱାସ ଓ ବିଜ୍ଞାନ**

**ଓଜସ୍ୱିନୀ**

ପ୍ରାରବ୍ଧ ବା ପୂର୍ବଜନ୍ମ କୃତକର୍ମ ଯୋଗୁଁ କେତେକ ହତଭାବା ଜନ୍ମରୁ ଦୃଷ୍ଟିବାଧିତ ହୋଇଥିବା ବେଳେ ଆଉ କେତେଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହିତ ନେତ୍ରଜ୍ୟୋତି କ୍ଷୀଣ ହୋଇଯାଏ ବା ଦୃଷ୍ଟିଶକ୍ତି ହରାଇ ଥା'ନ୍ତି। ଆଉ କେତେଜଣଙ୍କ କ୍ଷେତ୍ରରେ ଚକ୍ଷୁରେ କେତେକ ସମସ୍ୟା ଯୋଗୁଁ ମଧ୍ୟ ସେମାନେ ଦୃଷ୍ଟିହୀନ ହୋଇଯାଆନ୍ତି। ଅଧୁନା ଆଧୁନିକ ଚିକିତ୍ସା ପଦ୍ଧତି ଯୋଗୁଁ ଦୃଷ୍ଟିଶକ୍ତି ସମ୍ପର୍କିତ ଅନେକ ସମସ୍ୟାର ନିଦାନ ହୋଇପାରୁଛି। କିନ୍ତୁ ଶତ ପ୍ରତିଶତ ଦୃଷ୍ଟିଶକ୍ତି ଫେରାଇବାରେ ଏ ପର୍ଯ୍ୟନ୍ତ ବିଶେଷଜ୍ଞମାନେ ସମ୍ପୂର୍ଣ୍ଣ ସଫଳତା ହାସଲ କରିପାରିନାହାନ୍ତି। ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରାଇବାରେ ଅସମର୍ଥ ବିଜ୍ଞାନଠାରୁ ବିଜୟ ହାସଲ କରିଛି ଭଗବତ୍ ବିଶ୍ୱାସ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଦୃଷ୍ଟିହୀନ ବ୍ୟକ୍ତିମାନେ ବିଶ୍ୱାସ ବଳରେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇବାର କୃପା ଲାଭ କରିଛନ୍ତି।

ଉତ୍ତର ପ୍ରଦେଶର ଗୋଣ୍ଡ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟର୍ ଦୂର ମୁକୁନ୍ଦପୁରରେ ମା' ବାରାହୀଙ୍କ ମନ୍ଦିର ଅଛି। ୫୧ ଶକ୍ତିପୀଠ ମଧ୍ୟରେ ୩୪ ତମ ଶକ୍ତପୀଠ ହେଉଛନ୍ତି ମା' ବାରାହୀ। ପୌରାଣିକ ଆଖ୍ୟାନ ଅନୁଯାୟୀ ଏଠାରେ ମାତା ସତୀଙ୍କର ମାଢ଼ି ପତିତ ହୋଇଥିଲା। ଏଠାରେ ମା' ଜ୍ୟୋତିର୍ପିଣ୍ଡ ଭାବେ ପୂଜା ପାଉଛନ୍ତି। ମାନ୍ୟତା ରହିଛି ଯେ ମା' ବାରାହୀଙ୍କ ଏହି ଶକ୍ତିପୀଠରେ ଭକ୍ତମାନେ ସେମାନଙ୍କର ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ମନ୍ଦିର ପରିସରକୁ ଆଚ୍ଛାଦିତ କରି ରଖିଥିବା ୧୮୦୦ ବର୍ଷ ପୁରୁଣା ଏକ ବିରାଟ ବରଗଛର କ୍ଷୀର ଏବଂ ମା'ଙ୍କ ପାଦୁକା ନୀରକୁ ମା' ବାରାହୀଙ୍କୁ ସ୍ମରଣ କରି ଆଖିରେ ପକାଇବା ଦ୍ୱାରା ଦୃଷ୍ଟିହୀନ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଫେରି ପାଇଥା'ନ୍ତି। ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ବାରାହୀଙ୍କ ଆଳତି ଏବଂ ମନ୍ଦିରରେ ପ୍ରଜ୍ୱଳନ ହେଉଥିବା ଦୀପର କଳାକୁ ଆଣି ଅଞ୍ଜନ ଭଳି ଆଖିରେ ଲଗାଇବା ଦ୍ୱାରା ଦୃଷ୍ଟିଶକ୍ତି ଫେରି ଆସିଥାଏ। ତେଣୁ ବିଶେଷ ଭାବେ ନବରାତ୍ରି ସମୟରେ ମା' ବାରାହୀଙ୍କ ପୀଠରେ ଭକ୍ତମାନଙ୍କ ସମାଗମ ଅଧିକ ପରିଲକ୍ଷିତ ହୁଏ। ମା' ବାରାହୀଙ୍କ ଏହି ମନ୍ଦିର ଉତ୍ତରୀ ଭବାନୀ ମନ୍ଦିର ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି।

ବରାହ ପୁରାଣ କଥା ଅନୁଯାୟୀ, ହିରଣ୍ୟକଶିପୁର ଭାଇ ହିରଣାକ୍ଷଠାରୁ ବସୁଧାଙ୍କୁ ଉଦ୍ଧାର କରିବାକୁ ଶ୍ରୀବିଷ୍ଣୁ ବରାହ ଅବତାର ଧାରଣ କରିଥିଲେ। ଶ୍ରୀବିଷ୍ଣୁ ପାତାଳ ଲୋକକୁ ଯାଇ ହିରଣାକ୍ଷକୁ ସଂହାର କରିବା ପାଇଁ ମା' ବାରାହୀଙ୍କୁ ଆରାଧନା କଲେ। ଶ୍ରୀବିଷ୍ଣୁଙ୍କ ଆରାଧନାରେ ସନ୍ତୁଷ୍ଟ ହୋଇ ମା' ବାରାହୀ ମୁକୁନ୍ଦପୁରର ସୁଖନୋଇ ନଦୀ ତଟରେ ଆବିର୍ଭୂତା ହେଲେ। ମନ୍ଦିର ଭିତରେ ଥିବା ସୁଡ଼ଙ୍ଗ ମଧ୍ୟ ଦେଇ ଶ୍ରୀବିଷ୍ଣୁ ପାତାଳପୁରକୁ ଗମନ କରି ହିରଣାକ୍ଷକୁ ସଂହାର କରିଥିଲେ। ଆଜି ମଧ୍ୟ ଉକ୍ତ ସୁଡ଼ଙ୍ଗ ମନ୍ଦିର ଭିତରେ ଅଛି। ତେଣୁ ଭଗବତ୍ ବିଶ୍ୱାସ ରହିଛି ଯେ, ଏଠାରେ ମା' ବାରାହୀ ଭକ୍ତମାନଙ୍କ ସମସ୍ତ ମନସ୍କାମନା ଅବିଳମ୍ବେ ପୂରଣ କରିଥା'ନ୍ତି।

କିମ୍ବଦନ୍ତୀରୁ ଆହୁରି ମଧ୍ୟ ଶୁଣିବାକୁ ମିଳେ ଯେ ମନ୍ଦିର ଭିତରେ ଯେଉଁ ସୁଡ଼ଙ୍ଗ ଅଛି, ମାତା ସତୀଙ୍କ ଦୁଇଟି ଦାନ୍ତ ଦ୍ୱାରା ନିର୍ମିତ। ଏଠାରେ ମାତା ସତୀଙ୍କ ଦୁଇଟି ଦାନ୍ତ ପତିତ ହୋଇଥିଲା, ଯାହାକି ପାତାଳଲୋକ ପର୍ଯ୍ୟନ୍ତ ଗର୍ତ୍ତ ହୋଇଯାଇଥିଲା। ଲୋକକଥା ଅନୁସାରେ କୌତୁହଳବଶତଃ ଜଣେ ବ୍ୟକ୍ତି ଏହି ଗର୍ତ୍ତର ଗଭୀରତା ମାପିବା ପାଇଁ ଆସିଥିଲେ। କିନ୍ତୁ ଦେବୀଙ୍କ ପ୍ରକୋପରୁ ସେ ତାଙ୍କର ଦୃଷ୍ଟିଶକ୍ତି ହରାଇ ବସିଲେ। ପ୍ରାୟ ୪୦୦୦ ମିଟର ପର୍ଯ୍ୟନ୍ତ ଲମ୍ବ ଦଉଡ଼ିରେ ପଥର ବାନ୍ଧି ଏହି ଗର୍ତ୍ତ ଭିତରକୁ ଛଡ଼ାଯାଇଥିଲା। କିନ୍ତୁ ଗର୍ତ୍ତର ସଠିକ୍ ଗଭୀରତା ଜଣା ପଡ଼ି ନଥିଲା। ତେଣୁ ଆଜିପର୍ଯ୍ୟନ୍ତ ଏହି ଗର୍ତ୍ତର ସଠିକ୍ ଗଭୀରତା କେହି ଆକଳନ କରିପାରି ନାହାନ୍ତି।

ଈଶ୍ୱରୀୟ କୃପା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଥିବା ମନୁଷ୍ୟ ପାଇଁ ଏ ସଂସାରରେ ସବୁକିଛି ସମ୍ଭବ। ଏହାର ପ୍ରତ୍ୟକ୍ଷ ଉଦାହରଣ ହେଉଛି ମା' ବାରାହୀଙ୍କ କୃପାରୁ ନେତ୍ରଜ୍ୟୋତି ଫେରି ପାଇଥିବା ଭକ୍ତମାନଙ୍କ ନିଜସ୍ୱ ଦିବ୍ୟ ଅନୁଭୂତି ଓ ଆନନ୍ଦାଶ୍ରୁ। ଏଭଳି ଦୈବୀକୃପା ପାଖରେ ସବୁବେଳେ ଚିକିତ୍ସା ବିଜ୍ଞାନ ହାର୍ ମାନିଛି ଏବଂ ମାନୁଥିବ ମଧ୍ୟ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I.E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟି କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

■ ଶ୍ରୀମନ୍ଦିରରେ ପାଟବୋଲା ସେବା ମାମଲା

# ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୯ ।୬(ସମିସ): ଅଣସର ସମୟରେ ଶ୍ରୀମନ୍ଦିରରେ ପାଟବୋଲା କାର୍ଯ୍ୟରେ ଦୁଇ ଜଣ ପାଟରାବିଶୋୟୀ ସେବକଙ୍କୁ ନିୟୋଜିତ ପ୍ରସଙ୍ଗ ନେଇ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଜାରି ୨୦୨୫, ଜୁନ ୧୨ର ନିର୍ଦ୍ଦେଶନାମାକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଟରାବିଶୋୟୀ ସେବକ ସନ୍ତୋଷ କୁମାର ପାତ୍ର ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ସେହିଭଳି ଏବେ ଚାଲିଥିବା ଉକ୍ତ ସେବାପୂଜାରୁ ପ୍ରତିପକ୍ଷ ନମ୍ବର ୩ ଓ ୪ (ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କା)ଙ୍କୁ ବାଦ ଦେବା ପ୍ରସଙ୍ଗରେ ବିଚାର କରିବାକୁ ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ବାଦ ଦେଲେ ସେବା ଯେପରି ବାଧାପ୍ରାପ୍ତ ନ ହୁଏ ତାହା ସୁନିଶ୍ଚିତ କରିବାକୁ ହାଇକୋର୍ଟ କହିଛନ୍ତି। ଜୁନ ୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ଉଲ୍ଲଂଘନ କରି ୨୦୨୫, ଜୁନ ୧୨ରେ ପାଟରାବିଶୋୟୀ ସେବକ ଭିକାରୀ ପୃଷ୍ଟି ଓ ଗୋପୀନାଥ ଲେଙ୍କାଙ୍କୁ ପାଟବୋଲା କାର୍ଯ୍ୟରେ ନିୟୋଜିତ କରାଯାଇଛି ବୋଲି ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ମାନେ ପାଟରାବିଶୋୟୀ ସେବକ ଓ ଶ୍ରୀଜଗନ୍ନାଥ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ସେମାନଙ୍କ ବଂଶଜଙ୍କ ନାଁ ରହିଛି। ବଂଶାନୁକ୍ରମିକ ଭାବେ ପାଟବୋଲା ସେବା ଆବେଦନକାରୀମାନେ କରି ଆସୁଛନ୍ତି। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ନୀତି ସଂପାଦନ ପାଇଁ ଶ୍ରୀମନ୍ଦିର ପ୍ରଶାସକ ପଦକ୍ଷେପ ନେବା କଥା। ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ପ୍ରତିପକ୍ଷ ନମ୍ବର ୩ ଓ ୪ ପାଟବୋଲା ସେବା ପାଇଁ ଯୋଗ୍ୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଭିଜିତ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି।

# ନବ ଦାସଙ୍କ ଘର ସମେତ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢ଼ଉ

ଝାରସୁଗୁଡ଼ା/ସମ୍ବଲପୁର,୧୯ ।୬(ସମିସ): ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ସ୍ୱର୍ଗତ ନବକିଶୋର ଦାସଙ୍କ ବାସଭବନ ସମେତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଆୟକର ଚଢ଼ଉ ହୋଇଛି। ଝାରସୁଗୁଡ଼ା ଜିଲ୍ଲା ସରବାହାଲସ୍ଥିତ ସ୍ୱର୍ଗତ ନବ ଦାସଙ୍କ ବାସଭବନରେ ଗୁରୁବାର ଭୋରୁ ଆୟକର ବିଭାଗ ଚଢ଼ଉ କରିଛି। ସେହିପରି ସମ୍ବଲପୁରରେ ଥିବା ତାଙ୍କ ପୁରୁଣା ବାସଭବନ, ଭିଏସଏସ ମାର୍ଗସ୍ଥିତ ହୋଟେଲ ଏବଂ ଭାଲୁପାଲିସ୍ଥିତ ହୋଟେଲରେ ମଧ୍ୟ ଚଢ଼ଉ ହୋଇଛି।

ଏହି ଚଢ଼ଉରେ ଆୟକର ବିଭାଗ ସହିତ କିଛି ସିଆର୍‌ପିଏଫ୍ ଯବାନ ମଧ୍ୟ ସାମିଲ ରହିଥିଲେ। ଆୟକର ବିଭାଗ ଚଢ଼ଉ ବେଳେ ଆଉ କୌଣସି ଲୋକଙ୍କୁ ଭିତରକୁ ଛଡା ଯାଇ ନଥିଲା। କେବଳ ଆୟକର ବିଭାଗର ଅଧିକାରୀ କର୍ମଚାରୀମାନେ ହିଁ ଯିବାଆସିବା କରିଥିଲେ। ମଝିରେ ଆୟକର ବିଭାଗର ୨ ଅଧିକାରୀ ବାହାରକୁ କିଛି ସମୟ ପାଇଁ ଯାଇ ପୁଣି ଫେରି ଆସିଥିଲେ। ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ଘରେ ନଥିବା ବେଳେ ଚଢ଼ଉ ହୋଇଛି। ବର୍ତ୍ତମାନ ଦୀପାଳି ଦାସ ଭୁବନେଶ୍ୱରରେ ଥିବା ବେଳେ ବିଶାଳ ଦାସ ଦିଲ୍ଲୀରେ ଥିବା ସୂଚନା ମିଳିଛି।

# ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ ଗାନ୍ଧୀ

## ଭୁବନେଶ୍ୱରରେ ବିରାଟ ଜନସମାବେଶ ପାଇଁ କଂଗ୍ରେସର ଯୋଜନା

ଭୁବନେଶ୍ୱର,୧୯।୬(ସମିସ): ଆସନ୍ତା ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଜୁଲାଇ ୭ରୁ ୧୦ ତାରିଖ ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ଆସି ଏକ ବିରାଟ ଜନସଭାକୁ ସମ୍ବୋଧିତ କରିବେ। ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ସୂଚନା ଦେଇଛନ୍ତି।

## ଅବଶିଷ୍ଟାଂଶ...

### ଜୁଲାଇରୁ ଏଟିଏମ୍...

ପାଇଁ ୨.୫୦ ଟଙ୍କା,୧୦୦୦ ଟଙ୍କାରୁ ୧ ଲକ୍ଷ ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୫ଟଙ୍କା,୧ ଲକ୍ଷ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରତି କାରବାର ପାଇଁ ୧୫ ଟଙ୍କା ଚାର୍ଜ ଦେବାକୁ ହେବ। ତେବେ ଏହି ସମସ୍ତ ଶୁଳ୍କ ଟିକସ ବିନା, ଅର୍ଥାତ୍, ଏଥିରେ ଟିକସ ପୃଥକ ଭାବରେ ଯୋଡାଯିବ। ପ୍ରତି ମାସରେ ତିନିଥର ମାଗଣା ନଗଦ ଉଠାଣ ପରେ, ପ୍ରତ୍ୟେକ ନଗଦ ଉଠାଣ ପାଇଁ ୧୫୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଯଦି ଗୋଟିଏ ମାସରେ ୧ ଲକ୍ଷରୁ ଅଧିକ ଟଙ୍କା ଉଠାଇଥାନ୍ତି, ତେବେ ଆପଣଙ୍କୁ ପ୍ରତି ୧୦୦୦ ଟଙ୍କା ପାଇଁ ୩.୫ ଟଙ୍କା କିମ୍ବା ୧୫୦ ଟଙ୍କା (ଯେଉଁଟି ଅଧିକ ହେବ) ଶୁଳ୍କ ଦେବାକୁ ପଡିବ। ଡେବିଟ୍ କାର୍ଡରେ ଶୁଳ୍କ ବାବଦ ଏକ ସାଧାରଣ ଡେବିଟ୍ କାର୍ଡ ପାଇଁ ବାର୍ଷିକ ଶୁଳ୍କ ୩୦୦ ଟଙ୍କା ରଖାଯାଇଛି। ଗ୍ରାମାଞ୍ଚଳର ଗ୍ରାହକମାନଙ୍କ ପାଇଁ, ଏହି ବାର୍ଷିକ ଶୁଳ୍କ ୧୫୦ ଟଙ୍କା। ଯଦି କାର୍ଡ ହଜିଯାଏ କିମ୍ବା ନଷ୍ଟହୁଏ, ତେବେ ନୂତନ କାର୍ଡ ପାଇବା ପାଇଁ ୩୦୦ ଟଙ୍କା ଶୁଳ୍କ ଦେବାକୁ ପଡିବ।

ଆଇସିଆଇସିଆଇ ବ୍ୟାଙ୍କରେ ନଗଦ ଜମା, ଚେକ୍ ଜମା, ଡିମାଣ୍ଡ ଡ୍ରାଫ୍ଟ କିମ୍ବା ପେ ଅର୍ଡର କଲେ ପ୍ରତି ୧୦୦୦ ଟଙ୍କା ପାଇଁ ୨ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ଏଥିରେ, ଗୋଟିଏ କାରବାରରେ ସର୍ବନିମ୍ନ ୫୦ ଟଙ୍କା ଏବଂ ସର୍ବାଧିକ ୧୫ ହଜାର ଟଙ୍କା ଶୁଳ୍କ ଲାଗିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ଡ୍ରିମ୍ ୧୧, ଏମ୍‌ପିଏଲ୍ ଭଳି ଗେମିଂ ଆପ୍ ପାଇଁ ପ୍ରତି ମାସରେ ୧୦,୦୦୦ରୁ ଅଧିକ ଖର୍ଚ୍ଚ କଲେ ୧% ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏହି ଶୁଳ୍କ ପ୍ରତି ମାସରେ ୪,୯୯୯ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ ଏବଂ ଏହି କାରବାର ପାଇଁ ପୁରସ୍କାର ପଏଣ୍ଟ ଦିଆଯିବ ନାହିଁ। ସେହିପରି, ଯଦି ଗ୍ରାହକ ପେଟିଏମ୍,ମୋବିକ୍ୱିକ୍, ଫ୍ରିଚାର୍ଜ,ଓଲା ମନି ଭଳି ତୃତୀୟ ପକ୍ଷ ୱାଲେଟରେ ମାସକୁ ୧୦ ହଗାର ଟଙ୍କାରୁ ଅଧିକ ରଖନ୍ତି, ତେବେ ସେଥିରେ ମଧ୍ୟ ୧% ଶୁଳ୍କ ଲାଗୁ ହେବ, ଯାହାର ସର୍ବାଧିକ ସୀମା ମଧ୍ୟ ପ୍ରତି ମାସରେ ୪,୯୯୯ ଟଙ୍କା ହେବ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାକୁ...

ରାଜ୍ୟ ସରକାରଙ୍କର ନିଦ ଭାଙ୍ଗୁନାହିଁ। କେବଳ ଯାଜପୁର ଜିଲ୍ଲାରେ ବିଭିନ୍ନ ଅପମିଶ୍ରିତ ଜଳ ଉତ୍ତୋଳନ ସ୍ଥାନ ଚିହ୍ନଟ କରାଯାଇଛି। ପାନୀୟ ଜଳ ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇଛି। ମାତ୍ର ଅନ୍ୟ ଜିଲ୍ଲାଗୁଡ଼ିକରେ ବିହିତ ପଦକ୍ଷେପ ନ ନେବାରୁ ଅବସ୍ଥା ଧୀରେ ଧୀରେ ସଂଗୀନ ହେବାରେ ଲାଗିଛି। ସେହିଭଳି ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନାବାଡ଼ି କର୍ମୀ ଓ ଆଶା ଦିଦିମାନେ ତୃଣମୂଳସ୍ତରରେ ସଚେତନ କରୁଥିବା କଥା ସରକାର କହୁଥିଲେ ହେଁ ଏହାର ପ୍ରଭାବ ଲୋକେ ଅନୁଭବ କରୁନାହାନ୍ତି।

### ହାଇକୋର୍ଟଙ୍କ ଉଦ୍‌ବେଗ...

ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ଏହାର ପ୍ରତିକାର ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। କଟକ ଅତିରିକ୍ତ ଜିଲ୍ଲାପାଳ, ସିଏମସି କମିସନର, ସିଟି ଇଞ୍ଜିନିୟର ଓ ୱାଟକୋର ଅଧିକାରୀ ଭର୍ଚୁଆଲରେ ଉପସ୍ଥିତ ରହି ସହରରେ ମୋଟ ୩ହଜାର ନଳକୂପରୁ ୨ ହଜାରଟି ବିଶୋଧନ କରାଯାଇଛି ଓ ବିଭିନ୍ନ ରାସ୍ତାକଡ ଖାଦ୍ୟ ସାମଗ୍ରୀ ପ୍ରତିଷ୍ଠାନରେ ଚଢ଼ଉ କରାଯାଉଛି ବୋଲି କୁହାଯାଇଥିଲା। ଅନ୍ୟପଟରେ ରାସ୍ତାକଡ ଖାଦ୍ୟ ପସରାକୁ ୭ଦିନ ବନ୍ଦ ରଖାଯିବା ଉଚିତ ବୋଲି ଆଡଭୋକେଟ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବେଳେ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ବିଚାର କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩କୁ ଧାର୍ଯ୍ୟ କରାଯାଇଛି।

### ଆଗକୁ ରଥଯାତ୍ରା...

କରି ଖାଇବା ପରେ ପ୍ଲେଟ୍ ଏଣେତେଣେ ପକାଇଥା'ନ୍ତି। ସେହିପରି ବହୁ ଲୋକ ବଡ଼ଦାଣ୍ଡ, ବେଳାଭୂମି ସମେତ ସହରର ବିଭିନ୍ନ ସ୍ଥାନରେ ଖୋଲା ଆକାଶ ତଳେ ଶୁଅନ୍ତି। ଏଠିସେଠି ଝାଡ଼ା, ପରିସ୍ରା ମଧ୍ୟ କରିଥା'ନ୍ତି। ଏଥିପାଇଁ ରଥଯାତ୍ରାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର ପ୍ରଭୃତି ଅଞ୍ଚଳରେ ଦୁର୍ଗନ୍ଧରେ ନାକ ଫାଟିପଡ଼େ। ସେହିପରି ବିଭିନ୍ନ ସାହିଗଳିର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼େ। ପ୍ରଶାସନ ଏ ସବୁ ପ୍ରତି ସଜାଗ ଏବଂ ସତର୍କ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ପରିମଳ ବ୍ୟବସ୍ଥାକୁ ସୁଧାରିପାରି ନଥାଏ। ଏହି ସମୟରେ ଝାଡ଼ାବାନ୍ତି ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ।

ସେହିପରି ଆଉ ଏକ ସବୁଠୁ ବଡ଼ ଚିନ୍ତାଜନକ ବିଷୟ ହେଉଛି ରଥଯାତ୍ରା ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ଏହି ସମୟରେ ବିଭିନ୍ନ ସ୍ଥାନରେ ଉଠାଦୋକାନୀମାନେ ଖାଦ୍ୟ ପସରା ମେଲାଇଥା'ନ୍ତି। କିଏ ଡ୍ରେନ୍ ଉପରେ ତ ଆଉ କେହି ନାଳ କଡ଼ରେ ଠେଲା ଲଗାଇ ଯାତ୍ରୀଙ୍କୁ ଖାଦ୍ୟ ଦିଅନ୍ତି। ଅଧିକାଂଶ ଉଠାଦୋକାନୀ ବ୍ୟବହାର କରୁଥିବା ପାଣିର ଶୁଦ୍ଧତାକୁ ନେଇ ବି ଅନେକ ସମୟରେ ପ୍ରଶ୍ନ ଉଠିଛି। ରାସ୍ତାକାଡ଼ ଟ୍ୟାପ୍ ପାଣି ବ୍ୟବହାର କରି ସେମାନେ ଖାଦ୍ୟ ପ୍ରସ୍ତୁତ କରିଥା'ନ୍ତି। ତେବେ ଅନେକ ସମୟରେ ଟ୍ୟାପ୍ ପାଣି ପ୍ରଦୂଷିତ ହେବାର ନଜିର ରହିଛି। ବିଗତ ବର୍ଷରେ ମାଟିତଳେ ପାଇପ୍ ଫାଟି ଯାଇଥିବାବେଳେ ସେହି ପାଇପରୁ ଜଳ ବ୍ୟବହାର କରି ପୁରୀ ସହରରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏପରିକି ଏଥିରେ କିଛି ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ସେହିପରି ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କାର ଆଉ ଏକ କାରଣ ହେଉଛି କିଛି ହୋଟେଲ ଏବଂ ରେସ୍ତୋରାଁରେ ବାସିଖାଦ୍ୟ ଦିଆଯାଏ। ପରୋକ୍ଷରେ ଏହା ଝାଡ଼ାବାନ୍ତିର ମଧ୍ୟ କାରଣ ସାଜିଥାଏ। ତେଣୁ ସାମଗ୍ରିକ ଭାବେ ଦେଖିଲେ ରଥଯାତ୍ରା ସମୟ ପୁରୀ ପାଇଁ ଗୁରୁତ୍ୱପୂର୍ଣ୍ଣ। ଯଦି ପରିମଳ ବ୍ୟବସ୍ଥା ବିଗିଡ଼ିଯାଏ ତେବେ ପୁରୀରେ ଯେ ଝାଡ଼ାବାନ୍ତି ନ ବ୍ୟାପିବ ତାହାକୁ ଏଡ଼ାଇ ଦେଇହେବ ନାହିଁ।

### ମନ୍ତ୍ରୀଙ୍କୁ ଡାଇରିଆ...

୨୧ ତାରିଖ ଯାଏଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ରାଜ୍ୟର ୧୧ ଜିଲ୍ଲାକୁ ଡାଇରିଆ ବ୍ୟାପିଥିବାରୁ ବିଦ୍ୟାଳୟ ଖୋଲିବା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଡାଇରିଆ ଡରରେ ବିଭାଗୀୟ ମନ୍ତ୍ରୀ ସ୍କୁଲ ଖୋଲିବା ନିଷ୍ପତ୍ତିରୁ ଏକପ୍ରକାର ଓହରିଯାଇ ଜିଲ୍ଲାପାଳଙ୍କ ହାତକୁ ଏହି ଦାୟିତ୍ୱ ଟେକି ଦେଇଛନ୍ତି। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ଡାଇରିଆରେ ଅଧିକ ପ୍ରଭାବିତ ଯାଜପୁର ସମେତ ଭଦ୍ରକ ଓ କଟକ ଜିଲ୍ଲାରେ ସ୍ଥିତି ଦେଖି ଜିଲ୍ଲାପାଳମାନେ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ନେବେ। ସ୍ଥିତି ଅଣାୟତ୍ତ ଥିଲେ ସ୍କୁଲ୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରିବେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଯାଜପୁର ଓ ଭଦ୍ରକ ଜିଲ୍ଲାରେ ବିଦ୍ୟାଳୟ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କଟକ ଜିଲ୍ଲାପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। ଅର୍ଥାତ୍ କଟକ ମହାନଗର ନିଗମ ବ୍ୟତୀତ ଜିଲ୍ଲାରେ ପାଠପଢ଼ା ଆରମ୍ଭ ହେବ।

ବିଦ୍ୟାଳୟ ଖୋଲିବା ପୂର୍ବରୁ ପୂର୍ଣ୍ଣ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ବିଦ୍ୟାଳୟ ଓ ଶ୍ରେଣୀଗୃହ ସଫାସୁତୁରା, ପାଣି ଟାଙ୍କି, ରାସ୍ତାଘାଟ ଓ ଡ୍ରେନେଜ୍ ପରିଷ୍କାର ପରିଚ୍ଛନ୍ନ କରାଯିବ। ମଧ୍ୟାହ୍ନ ଭୋଜନ ପୂର୍ବରୁ ଚାଉଳ ଓ ଆନୁସଙ୍ଗିକ ରୋଷେଇ ସାମଗ୍ରୀ ଯାଞ୍ଚ କରିବା, ସୁରକ୍ଷିତ ପିଇବା ପାଣି ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଆଜି ଶିକ୍ଷକମାନେ ବିଦ୍ୟାଳୟକୁ ଯାଇ ସଫାସୁତୁରା କରିବା ସହ ପାଠପଢ଼ା ପାଇଁ ବିଦ୍ୟାଳୟକୁ ପ୍ରସ୍ତୁତ କରିଛନ୍ତି।

### ଘରେ ପଶି ଯୋଗ...

ପଶି ଥିଲେ। କବାଟ ଭାଙ୍ଗିବା ଶବ୍ଦରେ ଶିକ୍ଷୟିତ୍ରୀଙ୍କ ନିଦ ଭାଙ୍ଗିଯାଇଥିଲା। ଜଣେ ଯୁବକ ଜଣଙ୍କ ମୁହଁରେ କଳା କପଡା ବାନ୍ଧି, ହାତରେ ଧାରୁଆ ଅସ୍ତ୍ର ଧରି ଘରେ ପଶିଥିବା ଦେଖି ସେ ପାଟି କରିଥିଲେ। ମାତ୍ର ସମ୍ପୃକ୍ତ ଯୁବକ ଜଣଙ୍କ ଶିକ୍ଷୟିତ୍ରୀଙ୍କୁ କାବୁ କରି ନେଇଥିଲା ଓ ତାଙ୍କ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ଏପରିକି ପାଟି ଖୋଲିଲେ ଜୀବନରେ ମାରିଦେବା ପାଇଁ ଯୁବକ ଧମକ ଦେବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ କରିଥିଲା। ପୀଡ଼ିତା ବଳପ୍ରୟୋଗ କରି ସମ୍ପୃକ୍ତ ଯୁବକଙ୍କ କବ୍‌ଜାରୁ ମୁକୁଳିବାକୁ ଉଦ୍ୟମ କରିଥିଲେ ହେଁ ସକ୍ଷମ ହୋଇ ନ ଥିଲେ। ଦୁଷ୍କର୍ମ ପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ସମ୍ପୃକ୍ତ ଯୁବକ ଧମକ ଦେଇ ଚାଲି ଯାଇଥିଲା। ଏ ସମ୍ପର୍କରେ ପୀଡ଼ିତାଙ୍କ ପକ୍ଷରୁ ସଦର ଥାନାରେ ଏତଲା ଦିଆଯାଇଛି। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ଘଟଣାର ତଦନ୍ତ କରିବା ସହ ମୁଣ୍ଡାଳ ଗାଁର ବାପି ମଲିକ(୨୨) ନାମକ ଜଣେ ଯୁବକକୁ ଅଟକ ରଖିଛନ୍ତି। ଡ଼ାକ୍ତରଖାନାରେ ଚିକିତ୍ସାଧୀନ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

### ମାମୁ ଘର ଗାଁ...

ଖୋଜାଖୋଜି କରିଥିଲେ। ତେବେ ବହୁ ସମୟ ପରେ ପୋଖରି ମଧ୍ୟରୁ ସଂଜ୍ଞାହୀନ ଅବସ୍ଥାରେ ଦୁଇ ଶିଶୁଙ୍କୁ ଉଦ୍ଧାର କରାଯାଇ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ଲୋକସେବକ ମଣ୍ଡଳର...

କୋଷାଧ୍ୟକ୍ଷ, ସମ୍ପାଦକ ଭାବେ କାମ କରି ବେଶ୍ ସୁନାମ ଅର୍ଜନ କରିଥିଲେ। ଏବେ ନିକଟରେ ସେ ପୁନର୍ବାର ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଜିମ୍‌ସାର ପ୍ରତିଷ୍ଠାରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା। ତାଙ୍କ ପରଲୋକରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର, ଉପସଭାପତି ଦୀପକ ମାଳବ୍ୟ, କୋଷାଧ୍ୟକ୍ଷ ରାଜେନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଭୀମସେନ୍ ଯାଦବ, 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ମଣ୍ଡଳ ସଦସ୍ୟା ନିମିଶା ଅମିନ୍, ଅନୀତା ଗୋଏଲ, ନୈନା ବେନ୍ ଭେକାରିଆ, ମଣ୍ଡଳ ସଭାପତିଙ୍କ ପରାମର୍ଶଦାତା ରାମନାଥ ଝା, 'ସମାଜ' ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି।

**AFFIDAVIT**

By virtue of an affidavit executed by before the court of Executive Magistrate Athgarh on Dt. 18.06.2025. I Rita Naik D/o Nodha Naik of Vill-Dhurukudia Po-Megha Ps-Athgarh Dist-Cuttack declared that my actual name is Rita Naik but it was wrongly recorded as Soma Naik in my Aadhar Card. In School certificate and birth certificate my name recorded as Rita Naik. Hence I will be known as Rita Naik in all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & K.I Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, on dated 16.04.2025, I, Khirode Prasad Rout, S/o Basanta Rout, and son-in-law of Mrs. Draupadi Swain, resident of Bhubaneswar, Khordha, do hereby declare that the name of my Mother-in-law Mrs. Draupadi Swain has been incorrectly recorded as Doupadi Swain in her Aadhaar Card due to a typographical error. The correct name is Draupadi Swain. It is hereby clarified that Doupadi Swain and Draupadi Swain refer to one and the same person. This public notice is issued for the information of all concerned and for necessary correction in official records.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By virtue of an affidavit No. 52, dtd. 18.06.2025 in the court of the Executive Magistrate, Nandapur, Dist- Koraput, I, Jogeswari Burudi have changed my name from Jogeswai Burudi to Jogeswari Burudi. Henceforth I shall be known as Jogeswari Burudi for all purposes.
Sd/- Jogeswari Burudi

**AFFIDAVIT**

I, Savita Agrawal, aged about 51 years, W/o- Kamal Kishor Agrawal, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1202, dtd. 19/06/2025 that now onwards I shall be known as SABITA AGRAWAL for all future purposes.

**AFFIDAVIT**

I, Swetarani Rath, aged about 30 years, W/o- Satyajit Joshi, resident of Malpada, Balangir, Po- Balangir, Ps- Balangir Town, Dist- Bolangir, Pin- 767001, Odisha declare by this affidavit No. 1201, dtd. 19/06/2025 that now onwards I shall be known as SWETA JOSHI for all future purposes.

**BANAPHOOL ENGLISH MEDIUM SCHOOL**
At- Dandusmunda, Telkoi, Keonjhar
(Candidate are DeLed or CT can apply)
WANTED TEACHERS
P- 1 (TGT) -Odia, Computer (M /F)
P - 1 (+2 or +3) - Math ( F) for kg class
Contact - 9658043303, 9337954800
Email- jkodisha@gmail.com

**AFFIDAVIT**

I, Bikram Kumar Tayal, aged about 28 years, S/O- Shreeram Tayal, resident of Dhobapada, Khariar, Po- Khariar, Ps- Khariar, Dist- Nuapada, Pin- 766107, Odisha declare by this affidavit No. 1203, dtd. 19/06/2025, that now onwards I shall be known as BIKRAM TAYAL for all future purposes.

**AFFIDAVIT**

By virtue of an affidavit before the Notary Public, Titlagarh, on dated- 19/06/2025, I, Bajarang Lal Goel, formerly known as Bajarang Lal Agrawal, S/o- Late Ramchandra Goel, permanent resident of At- Bargiguda, Ward No.2, Po/Ps- Titlagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from Bajarang Lal Agrawal To Bajarang Lal Goel. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as Bajarang Lal Goel (new name).
Bajarang Lal Goel

**OFFICE OF THE PRINCIPAL**
**SIDDHARTHA DEGREE COLLEGE, BINKA,**
**DIST- SUBARNAPUR**
No. 385/ Dt. 18.6.25
WALK-IN-INTERVIEW
Walk-in-interview for engagement of Guest Faculties in Botany, Chemistry and Political Science and for one PET will be held on dt. 30.06.2025 at 11.00 A.M. Interested candidates having 55% marks at P.G level for Lecturer and B.P.Ed for PET may attend the same with all relevant document with Rs. 200/- by cash.
Sd/-Principal-Cum-Secretary
PRINCIPAL
Siddhartha Degree College, Binka

**AFFIDAVIT**

I, Rashmita Rout, W/o- Sambit Mohapatra, resident of Kheras, Brahmansailo, Kheras, Dist- Cuttack, PIN- 754018, Odisha declared by this affidavit CF No. 65, dtd- 18/06/2025 that now onwards I shall be known as RASMITA ROUT for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Niali on dtd. 10/02/2025. I Gagan Chandra Singh, F/O- Sai Prasad Singh, resident of Village-Pubakhanda, Po/Ps- Niali, Dist- Cuttack, Odisha have changed my minor son Name and date of birth from SAID PRASAD SINGH to SAI PRASAD SINGH, and DOB- 18/11/2015 to 18/11/2012. Henceforth, my minor son name shall be known as SAI PRASAD SINGH and his actual DOB is 18/11/2012 for all future purposes.
Gagan Chandra Singh

**SAMAGRA SHIKSHA, BARGARH**
NOTICE INVITING TENDER (NIT) for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III"
No. 2279 Dated 19.06.25
Sealed tenders are invited from the reputed & credible Printers / firms / agencies for Supply of "TEACHING LEARNING MATERIAL 2025-26 FOR SISHU VATIKA, GRADE I, II & III" in two bid systems (Technical & Financial Bid) as detailed below.
The detailed BID document is available in the website http://bargarh.odisha.gov.in & http://osepa.odisha.gov.in. Interested and eligible printer / agency / firm may download BID DOCUMENTS from the above website and apply accordingly. Corrigendum / addendum, if required, will be uploaded in the above web site.
Last date & time for submission of bid is up to 1.30 PM Dt. 30.06.2025.
Opening time & Date is 4.00 PM Dt. 30.06.2025. The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.
By the order of Collector-Cum-Chairman
District Project Coordinator
SS, BARGARH

**AFFIDAVIT**

By virtue of an affidavit sworn before the Executive Magistrate, Bissamcuttack, Dist-Rayagada, Odisha, Vide Affidavit Sl.No 1605/2025, Dated 13/06/2025, that Sri SARANGADHARA PALAKA of Village- LAKHABHATA, Po-DUKUM, P.S.- BISSAMCUTTACK, Dist- RAYAGADA Changed the name of his minor son as SHUBHAM PALAKA, date of birth is 18.04.2020 instead of SUVAMO PALAKA, date of birth 14.05.2020 which is wrongly recorded in Aadhaar Card. Hence forth the minor son shall be known as SHUBHAM PALAKA, date of birth is 18.04.2020 as per birth record for all purposes.
Sd/- Deponent

**AFFIDAVIT**

By virtue of an affidavit before the Notary Public, Titlagarh, on dated- 19/06/2025, I, Kanta Devi Goel, formerly known as Kanta Devi Agrawal, W/o- Bajarang Lal Goel, permanent resident of At- Bargiguda, Ward No.2, Po/Ps- Titlagarh, Dist- Balangir (Odisha), PIN- 767033 now residing at the same place affirm that I have changed my name from Kanta Devi Agrawal To Kanta Devi Goel. Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as Kanta Devi Goel (new name).
Kanta Devi Goel

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
C-558
**OFFICE OF THE MUNICIPAL COUNCIL: JEYPORE**
Phone No.: 06854-231098, email: ulbjeypore@gmail.com
Letter No. 2591 / Date 18.06.2025
Quotation call notice
Sealed Quotations are invited for Supply of ... Jeypore Municipality. [illegible]

| Sl. NO. | Description | Unit | Quantity | Rate in Rs. |
|---|---|---|---|---|
| 1 | Supply of ... [illegible] | | | |

Executive Officer
Jeypore Municipality
OIPR-13079/11/0046/2526

**OFFICE OF THE NOTIFIED AREA COUNCIL, KOTPAD**
Address:- At/Po:- KOTPAD, Dist.:- KORAPUT, ODISHA, Pin:- 764058
Phone No.: 06860-295543, E.mail.I.D.:- [illegible]
Letter No. 1177/NAC Date 18.06.2025
QUOTATION CALL NOTICE FOR SELECTION OF ADVERTISING AGENCY FOR THE ADVERTISEMENT SPACE RIGHTS ON LED BASED DISPLAY BOARD AT TRAFFIC SQUARE LOCATION IN GANDHICHHAKA, KOTPAD
Kotpad NAC invites tender for selection of Advertising Agency for Advertisement Space Rights on LED based Display Board at Traffic Square in Gandhi Chhak, Kotpad.
1. The detailed tender document can be down loaded from www.kotpadnac.in or can be availed from office and the Bid Document Cost of Rs. 2,000/- (Rupees Two thousand) only can be paid in shape of Bank Draft drawn in favour of Executive Officer, NAC Kotpad.
2. Bids should be submitted through Registered / Speed post addressed to the Executive Officer, NAC Kotpad.
3. Published Date and time 20.06.2025
4. Bid Document submission Start Date 21.06.2025
5. Bid Submission End Date and time 03.07.2025 at 3.00 PM
6. Bid Opening Date and time 04.07.2025 at 11.00 AM in the office of the undersigned.
Executive Officer
NAC Kotpad
OIPR-13182/11/0030/2526 C-552

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated 18.06.2025 I, Debendra Mahapatra of Village – Sarangadharpur, P.O. – Raj-Ranpur, P.S.- Ranpur, Dist – Nayagarh, Pin code-752026, Odisha currently residing at HIG-10, 7 Acre Area, OSHB, Phase-1, Chandrasekharpur, P.O./P.S.- Chandrasekharpur, Bhubaneswar-751016, Odisha declare that I have changed the name of my minor daughter from Snegha Mahapatra to Snegdha Mahapatra. Henceforth, she shall be known as Snegdha Mahapatra for all purposes.
(Debendra Mahapatra)

**LOST**

I, Sri Prakash Chandra Mahapatra, aged about 60 years, Son of Late Rajkishore Mahapatra, resident of Village: Subudhipada, P.O.: Mangalpur, P.S.: Pipili, Dist.: Puri, Odisha, at present residing at Plot No.: 831/2518, Kharavel Vihar, Sishupalgarh, P.S.: Dhauli, Bhubaneswar-751002, Dist.: Khordha, Odisha, do hereby solemnly affirm that, I have purchased a piece of Land from Ex-Service Mens' Multi-Purpose Co-operative Society Ltd. Bhubaneswar, Dist.: Khordha a Registered Society bearing Regd. No.: 141, dtd. 04.01.1992 under Orissa Co-operative Societies Act, 1962 (Act 2, 1963) rep. by its Secretary Sri Debadas Mansingh vide Doc. No.: 2197, dtd. 29th April, 1997. That, while I was coming from my village to present residential address by my bike on 16.06.2025 on the way the said original Regd. Sale Deed and other relevant documents has been lost/misplaced and inspite of my best efforts I could not trace it out. If anyone found the above Sale Deed and other documents please contact on my Mob No.: 9393488195

# ଜିଲ୍ଲାପାଳ କାର୍ଯ୍ୟାଳୟ ଅଧିକାରୀଙ୍କ ଉପରେ ଗର୍ଜିଲେ ଚାଷୀ

## କାର୍ଯ୍ୟାଳୟରେ ପଖାଳ ଖାଇବା ସହ ଗଜା ଧାନ ବସ୍ତା ରଖି ଅଭିନବ ପ୍ରତିବାଦ



ବରଗଡ଼,୧୯।୬(ସମିସ)

ମୌସୁମୀ ବର୍ଷାରେ ବରଗଡ଼ ଜିଲ୍ଲା ଚାଷୀଙ୍କର କଷ୍ଟ ଉପାର୍ଜିତ ଧାନ ଭାସି ନ ଯାଉ ବୋଲି ପ୍ରତେକ ଦିନ ଅନେକ ଆଶା ଓ ବିଶ୍ୱାସ ନେଇ ନିଜ ନିଜ ସମସ୍ୟାର ସମାଧାନ ପାଇଁ ଚାଷୀ ଜିଲ୍ଲାପାଳଙ୍କୁ ଭେଟିବାକୁ ଧାଉଁଛନ୍ତି। କିନ୍ତୁ ଖାଲି ଶୁଖିଲା ପ୍ରତିଶ୍ରୁତି ଛଡ଼ା ଚାଷୀକୁ କିଛି ମିଳୁନାହିଁ। ଫଳରେ ଆଜି ଶହଶହ ଚାଷୀ ଏକାଠି ହୋଇ ଅଭିନବ ପ୍ରତିବାଦ କରିଛନ୍ତି। ବରପାଲି ବ୍ଲକ୍ ତୁଳଣ୍ଡି ମଣ୍ଡିରୁ ଧାନ ଭିଜି ଗଜା ହୋଇ ଯାଇଥିବା ବସ୍ତା ଆଣି ଜିଲ୍ଲାପାଳ କାର୍ଯାଳୟ ଭିତରେ ରଖି ଧାରଣାରେ ବସିଥିଲେ। ତା'ସହ ପଖାଳ ଆଣି ଖାଇ ପ୍ରତିବାଦ କରିଥିଲେ। ଖବର ପାଇ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ସିଏସଓ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଆସି ବୁଝାସୁଝା କରିଥିଲେ। ହେଲେ ଚାଷୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହିତ ଆଲୋଚନା କରିବାକୁ ଜିଦ ଧରିଥିଲେ। କାରଣ ବର୍ତ୍ତମାନ ସୁଦ୍ଧା ମାତ୍ର ୯୦୫୬ କ୍ୱିଣ୍ଟାଲ ଧାନ କିଣା ହୋଇଛି। ବର୍ଷା ଆସିଯାଇ ଥିବା ବେଳେ ବଳକା ଧାନ ବିକ୍ରି କରିବାକୁ ଚାଷୀ ଭାଇମାନେ ଅଧିକାରୀ ମାନଙ୍କୁ ବାରମ୍ବାର କହିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ସେଥିପାଇଁ କର୍ମଚାରୀଙ୍କୁ ସେମାନେ ବିଶ୍ୱାସ କରି ନଥିଲେ। ପରେ ଜିଲ୍ଲାପାଳ ଆସି ମଣ୍ଡିରେ ପଡ଼ିଥିବା ୨୩,୯୩୩ କ୍ୱିଣ୍ଟାଲ ଧାନ କଣିବାର ନିର୍ଭର ପ୍ରତିଶ୍ରୁତି ଦେଲାପରେ ଧାରଣାରୁ ଉଠିଥିଲେ। ଧାରଣାର ନେତୃତ୍ୱ ନେଇଥିଲେ ବନବାସ ସାହୁ, ପଞ୍ଚାନନ ସାହୁ, ସୁଦାମ ଶତପଥୀ, ମାନସରଞ୍ଜନ ବଡାଇ, କ୍ଷିରେଶ୍ୱର ନାୟକ, ଲକ୍ଷ୍ମଣ ବାବୁ ସମେତ ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର ସମର୍ଥନ କରିଥିଲେ। ପରେ ସମାନ ସମସ୍ୟାକୁ ନେଇ ବକଟି, ରାୟଶୋଭା, ମେଲଛାମୁଣ୍ଡା, ଅର୍ଜୁଣ୍ଡା, କମଗାଁ, କନବାର, ଡ଼ୁଙ୍ଗପାଲି ମଣ୍ଡି ମାନଙ୍କରୁ ମଧ ଶହଶହ ଚାଷୀ ଟୋକନ ଲାପ୍ସ, ବର୍ଷାରେ ଧାନ ଯେମିତି ନଷ୍ଟ ନ ହେବ ଏବଂ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ ଶୀଘ୍ର କିଣିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। କାହାରି ଟୋକନ ଲାପ୍ସ ହେବ ନାହିଁ, ଧାର୍ଯ୍ୟ ସମୟ ମଧରେ ସମସ୍ତ ଟୋକନ ଧାରୀଙ୍କ ଧାନ କିଣା ଯିବ ଏବଂ କେହି ଧାନ ବିକ୍ରୀରୁ ବଞ୍ଚିତ ହେବେ ନାହିଁ ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।



# ଭିନ୍ନକ୍ଷମ ତାଲିମ କେନ୍ଦ୍ରରେ ବ୍ୟୁଟିପାର୍ଲର ଉଦ୍‌ଘାଟିତ



ବରପାଲି,୧୯।୬(ସମିସ): ବରପାଲି ସରସ୍ୱତୀ ଭିନ୍ନକ୍ଷମ ତାଲିମ କେନ୍ଦ୍ର ପରିସରରେ ସଂଘ ଉଦ୍‌ଯୋଗୀ ସଭ୍ୟା ମାନଙ୍କ ସହାୟତାରେ ଏକ ବ୍ୟୁଟିପାର୍ଲର ଉଦ୍‌ଘାଟିତ ହୋଇଯାଇଛି। ନାରୀଙ୍କୁ ସ୍ୱାବଲମ୍ବୀ କରିବା ଏହାର ଉଦ୍ଦେଶ୍ୟ ରହିଛି। ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ଲୀଳାବତୀ ତ୍ରିପାଠୀଙ୍କ ସଭାପତିତ୍ୱରେ ତଥା ଉପସଭାପତି ପ୍ରତିଭା ବାରିକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ପାର୍ଲରରେ ବ୍ୟୁଟିସିଆନ ଭାବେ ଚାନ୍ଦିନୀ ମେହେର କାର୍ଯ୍ୟ କରିବା ସହ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ସଂଘ ସମ୍ପାଦିକା ସୁନିତା ମୁଣ୍ଡ ସୂଚନା ପ୍ରଦାନ କରିଥିଲେ।


ସ୍ନିଗ୍ଧାରାଣୀ ଦେବତା, ପୁଷ୍ପା ତ୍ରିପାଠୀ, ବେଦମତୀ ପରିଡା, ଅଯୋଧ୍ୟା ଦାଶ, ଅନୁପମା ପଧାନ, ଅନୁପମା ମିଶ୍ର ପୂର୍ଣ୍ଣିମା ମେହେର, ବିଜୟ ଲକ୍ଷ୍ମୀ ତ୍ରିପାଠୀ, ସଞ୍ଜୁ ବେହେରା, ସୌଦାମିନୀ ଖଟୁଆ, ଡ.କଲ୍ୟାଣୀ କାଲସି, ନିବେଦିତା ସ୍ୱାଇଁ, ଅଞ୍ଜଳିକା ପଧାନ, ଅଞ୍ଜଳିକା ସାହୁ, ଡ.ସସ୍ମିତା ପଣ୍ଡା, ସୁମନା ଦାଶ ପ୍ରମୁଖଙ୍କ ସହଯୋଗ ଓ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା।

# ଦୁର୍ଗାପୂଜା କାର୍ଯ୍ୟକାରୀ କମିଟିର ବୈଠକ



ସୋହେଲା,୧୯।୬(ସମିସ): ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆୟୋଜନ ପାଇଁ ଶ୍ରୀଶ୍ରୀ ମାଁ ଗୋରୀ ଦେବୀ ଟ୍ରଷ୍ଟ କାର୍ଯ୍ୟାଳୟରେ ସାର୍ବଜନୀନ ଦୁର୍ଗାପୂଜା କାର୍ଯ୍ୟକାରୀ କମିଟି ଏବଂ ଶ୍ରୀଶ୍ରୀ ମାଁ ଗୋରୀଦେବୀ ଟ୍ରଷ୍ଟ ସଦସ୍ୟଙ୍କ ପ୍ରାକ ପ୍ରସ୍ତୁତି ବୈଠକ ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାପତି ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ଦୁର୍ଗାପୂଜା କମିଟି ଉପ ସଭାପତି ପୂର୍ବତନ ବିଧାୟକ ମହମ୍ମଦ ରଫିକ, ପୂର୍ବତନ ସମ୍ପାଦକ କେଶବ ଲାଲ ଅଗ୍ରୱାଲ, କାର୍ଯ୍ୟକାରୀ କମିଟି ସଦସ୍ୟ ବିଜୟ କାଣ୍ଡଙ୍କ ଅକାଳ ବିୟୋଗରେ ଶୋକ ପ୍ରସ୍ତାବ ଆଗତ ପରେ ଦିବଙ୍ଗତ ଆତ୍ମାର ସଦଗତି କାମନାରେ ନିରବ ପ୍ରାର୍ଥନା କରା ଯାଇଥିଲା। ସହସମ୍ପାଦକ ମୁକେଶ ଅଗ୍ରୱାଲ କମିଟିର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଦୁର୍ଗାପୂଜା ଅବସରରେ ଆୟୋଜିତ ହେଉଥିବା ମନୋରଞ୍ଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକ ଶେଷରେ ସମ୍ପାଦକ ପ୍ରମୋଦ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ଡ.ଶିଶିର ସାହୁ, ନାଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ବଲବୀର ସିଂ ଠାକୁର, କୋଷାଧ୍ୟକ୍ଷ ଲଳିତ ଅଗ୍ରୱାଲ, ସହ ସମ୍ପାଦକ ସଂଜୀବ ଝାଙ୍କର, ଗିରିଜେଶ ଖାଡଙ୍ଗା, ରମାକାନ୍ତ ସାହୁ, ପ୍ରମୋଦ ସାହୁ, ଦିନେଶ ଠାକୁର, ସୁଞ୍ଜାନ୍ତ ପାଣିଗ୍ରାହୀ, ଅଶ୍ୱିନୀ ପାତ୍ର, ଜୟ ପ୍ରକାଶ ପଧାନ, ଦୈତାରୀ ଭୋଇ, ଜିତେନ୍ ଭୋଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଇମ୍ପେରିୟଲ କଲେଜରେ ଗ୍ରାଜୁଏସନ ଉତ୍ସବ



ବରଗଡ଼,୧୯।୬(ସମିସ): ଇମ୍ପେରିୟଲ କଲେଜରୁ ସ୍ନାତକ ଡିଗ୍ରୀ ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରାଜୁଏସନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱନ୍ଦିତା ସରାଫଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିସିଏ ଓ ବିଏ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଇମ୍ପେରିୟଲ କଲେଜର ଚେୟାରମ୍ୟାନ ଦୀପକ ଗୋୟଲ, ଅତିଥି ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଗୁରୁ, ଜୟପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସ୍ନାତକ ପରୀକ୍ଷାରେ ଉତ୍କୃଷ୍ଟ ସଫଳତା ଲାଭ କରିଥିବା ବିସିଏର ମାନସୀ ହିଣ୍ଡୋଲଚା, ଦେବପ୍ରିୟ ମେହେର, ସଞ୍ଚିତା ତ୍ରିପାଠୀ, ବିଏ ରାଜନୀତି ବିଜ୍ଞାନର ମିନାକ୍ଷୀ ଭୋଇ ଓ ଶିକ୍ଷା ବିଭାଗର ପୁନମ ଦୋରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଭେଷମଣି ମେହେର ଓ ଅଭିଷେକ ବେହେରା ପରିଚାଳନା କରିଥିବା ବେଳେ ପୂଜା ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଉଦ୍ୟାନକୃଷି କର୍ମଶାଳା ଏବଂ ତେଲ ତାଳ ତାଲିମ ଶିବିର

ବରଗଡ଼,୧୯।୬(ସମିସ): ବରଗଡ଼ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଏବଂ ତେଲ ତାଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ଗାବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏବଂ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଇପ୍ସିତା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇ ଉପସ୍ଥିତ ଚାଷୀଙ୍କୁ ଅଣ ଧାନ ଫସଲ ଯଥା ତେଲ ତାଳ (ଅଏଲ ପାମ) ଚାଷ କରିବା ପାଇଁ ମାର୍ଗଦର୍ଶନ କରିଥିଲେ।



ସମ୍ମାନିତ ଅତିଥି ଭାବେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋଏଲ କାର୍ଯ୍ୟକ୍ରମରେ ଯୋଗ ଦେଇ ଅଏଲ ମିଲ ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ସଫଳ ଏବଂ ରାଜ୍ୟସ୍ତରରେ ପୁରସ୍କୃତ ଚାଷୀଙ୍କୁ ସମ୍ବର୍ଦ୍ଧନା ପତ୍ର ଦିଆ ଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ସୌଭାଗିନୀ ବେହେରା, ବରାହଗୁଡା ରେଞ୍ଜ ଅଫିସର ଆରତୀ ନେଗୀ, କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଶେଷଜ୍ଞ ଡ.ରାହୁଳଦେବ ବେହେରା ପ୍ରମୁଖ ବିଭିନ୍ନ ଯୋଜନା ଏବଂ ଜୈବିକ ଚାଷ ବିଷୟରେ ଆଲୋଚନା କରିଥିଲେ। ବିଶେଷଜ୍ଞ ସୁବାଷ ଜେନା ଯୋଗ ଦେଇ ଚାଷୀଙ୍କୁ ତେଲ ତାଳ ଚାଷ ବିଷୟରେ ବୁଝାଇଥିଲେ। ପଦ୍ମପୁର ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ଗୋବିନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲା ଆକାଶରେ ପଡ଼ିଛି ୩୦ ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ



ଅମ୍ବାଭୋନା,୧୯।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଭୁକ୍ତା ମାର୍କେଟ ୟାର୍ଡ ପରିସରରେ ଖୋଲା ଆକାଶ ତଳେ ଭୁକ୍ତା ଓ କଣ୍ଡପଲା ପାକ୍ସର ୨୩୩ ଜଣ ଚାଷୀଙ୍କ ୩୦,୦୦୦ରୁ ଊର୍ଦ୍ଧ୍ୱ ପ୍ୟାକେଟ ଧାନ ପଡିରହିଛି। ମୌସୁମୀ ବର୍ଷା ଯୋଗୁ ଖୋଲା ଆକାଶ ତଳେ କେବଳ ପଲିଥିନ ଘୋଡା ଯାଇଥିବାରୁ ତଳ ପଟୁ ଧାନ ଓଦା ହୋଇ ଗଜା ହୋଇଥିବା ଆଶଙ୍କା କରାଯାଉଛି। ଏ ନେଇ ଚାଷୀ ଚିନ୍ତାରେ ରହିଛନ୍ତି। ଅଦିନିଆ ବର୍ଷାର କ୍ଷତି ସହିବା ପରେ ମୌସୁମୀ ଜନିତ ବର୍ଷା ବୋଝ ଉପରେ ନଳିତା ବିଡା ଭଳି ହୋଇଛି। ପ୍ରକାଶ ଥାଉ କି ଭୁକ୍ତା ପାକ୍ସରେ ଏପର୍ଯ୍ୟନ୍ତ ୮୫ ଜଣ ଚାଷୀଙ୍କ ୧୦,୦୧୧ ପ୍ୟାକେଟ ଧାନ ବିକ୍ରି ହୋଇ ନ ଥିବା ବେଳେ କଣ୍ଡପଲା ପାକ୍ସର ୧୪୮ ଜଣ ଚାଷୀଙ୍କ ୧୮,୫୪୧ ପ୍ୟାକେଟ ଧାନ ବିକ୍ରି ହୋଇ ନଥିବା ସୂଚନା ମିଳିଛି। ଭୁକ୍ତା

## ପଲିଥିନ ସାହାରାରେ ଭୁକ୍ତା ମାର୍କେଟ ୟାର୍ଡ

ପାକ୍ସରେ ଏପର୍ଯ୍ୟନ୍ତ ଆହୁରି ୧୫,୦୦୦ ପ୍ୟାକେଟ ଧାନ ଓ କଣ୍ଡପଲା ପାକ୍ସର ୪,୬୦୦ ପ୍ୟାକେଟ ଧାନ ଭୁକ୍ତା ମାର୍କେଟ ୟାର୍ଡକୁ ଏ ପର୍ଯ୍ୟନ୍ତ ଆସିପାରିନାହିଁ। ଏପରି ସ୍ଥଳେ ଟାର୍ଗେଟ ନ ବଢ଼ିଲେ ବକେୟା ଚାଷୀ କିପରି ଭାବେ ଧାନ ବିକ୍ରି କରିବେ ଏ ନେଇ ଚିନ୍ତାରେ ଅଛନ୍ତି। ବର୍ଷାକୁ ଆଖି ଆଗରେ ଦେଖି ଭୁକ୍ତା ମଣ୍ଡିରେ ଧାନ ଗଜା ହେଉଥିବା ଆଶଙ୍କା କରାଯାଇଛି। ସୀମାନ୍ତରେ ଥିବା ବିଭିନ୍ନ ରାସ୍ତା ଦେଇ ଛତିଶଗଡରୁ ଓଡ଼ିଶାକୁ କ୍ୱିଣ୍ଟାଲ ପିଛା ୧୬୦୦-୧୭୦୦ ଟଙ୍କାରେ ଦଲାଲଙ୍କ ସାହାଯ୍ୟରେ ଧାନ ମିଲର୍ସଙ୍କ ପାଖକୁ ପହଞ୍ଚି ଯାଉଥିବା ବେଳେ ବିଭିନ୍ନ ମଣ୍ଡି ମାନଙ୍କରୁ ଧାନ ଉଠିପାରୁନାହିଁ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମୌସୁମୀ ବର୍ଷା ଯୋଗୁଁ ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିଥିଲେ ସୁଦ୍ଧା ଯଦି ଧାନ ଓଦା ହୁଏ ଧାନର ମାନ ହ୍ରାସ ପାଇବା ଆଶଙ୍କା ରହୁଛି। ଏଭଳି ପରିସ୍ଥିତିରେ ଚାଷୀର ଯଦି କ୍ଷତି ହୁଏ ତାହେଲେ ଦାୟୀ ରହିବ କିଏ? ମିଲ ମାଲିକଙ୍କ ମନମାନୀ ଓ ଦଲାଲଙ୍କ ଯୋଗୁଁ ସବୁବେଳେ କ୍ଷତି ସହୁଛି ଚାଷୀ। ଆଗକୁ ଟାର୍ଗେଟ ନ ଆସିଲେ ଓ ମଣ୍ଡିରେ ଧାନ ପଡିରହିଲେ ଭୟଙ୍କର ଆନ୍ଦୋଳନ ହେବ ବୋଲି ଶୁଣିବାକୁ ମିଳୁଛି। ପ୍ରକାଶ ଯେ, ମାସେ ପୂର୍ବରୁ ମଣ୍ଡିକୁ ଆସିଥିବା ଧାନ ବର୍ତ୍ତମାନ ସୁଦ୍ଧା ଉଠି ପାରିନାହିଁ। ମିଲର୍ସ ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକାରେ ପେଶି ହେଉଛନ୍ତି ସାଧାରଣ ଚାଷୀ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜିଲ୍ଲାପାଳଙ୍କ ଜନଶୁଣାଣିରେ ସରପଞ୍ଚ ସଂଘର ଅଭିଯୋଗ



ଅମ୍ବାଭୋନା,୧୯।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ପଞ୍ଚାୟତ ସମିତି ସଭା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଗତ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି।

ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନାରେ ନିର୍ବାଚିତ ସରପଞ୍ଚଙ୍କୁ ଅଣଦେଖା କରାଯାଉଥିବା ହେତୁ ଅମ୍ବାଭୋନା ବ୍ଲକ୍‌ର ସମସ୍ତ ସରପଞ୍ଚ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଭିନ୍ନ ପ୍ରକଳ୍ପ ଗୁଡିକୁ ଗାଁ ସଭା ମାଧ୍ୟମରେ ଚୟନ କରାଯାଉଥିଲେ ମଧ ସେହି ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରାଯାଉ ନାହିଁ। ନିର୍ବାଚିତ ସରପଞ୍ଚ ମାନଙ୍କର କୌଣସି ପ୍ରକଳ୍ପ ଚୟନରେ ପରାମର୍ଶ ନିଆ ଯାଉନାହିଁ। ବିଭିନ୍ନ ପଞ୍ଚାୟତରେ ହେଉଥିବା କାର୍ଯ୍ୟଗୁଡିକର ତଦାରଖ କ୍ଷମତା ମଧ ସରପଞ୍ଚଙ୍କୁ ଦିଆ ଯାଉନାହିଁ ବୋଲି ଜିଲ୍ଲପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଯାହା ଫଳରେ ବ୍ୟାପକ ଅନିୟମିତତା ହେବାର ଆଶଙ୍କା ରହିଛି ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ବିଭିନ୍ନ ଯୋଜନାର କାର୍ଯ୍ୟ କରାଯିବା ଓ ପ୍ରକଳ୍ପ ଚୟନରେ ତଦାରଖ ପାଇଁ ସହଭାଗିତା କରାଯିବା ନେଇ ମଧ ଜଣାଇଛନ୍ତି। ଅମ୍ବାଭୋନା ସରପଞ୍ଚ ସଂଘର ସଭାପତି ହୀରାଧର ସାହୁଙ୍କ ନେତୃତ୍ୱରେ ଭୁକ୍ତା ସରପଞ୍ଚ ବଳରାମ ବିସର, ଦ୍ୱାରୀ ସରପଞ୍ଚ ଜ୍ଞ୍ୟାନରଞ୍ଜନ ଭୋଇ, ଲଖନପୁର ସରପଞ୍ଚ ସତ୍ୟ ଭୂଷଣ ସାହୁଙ୍କ ସମେତ ସମସ୍ତ ସରପଞ୍ଚ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ଭେଟି ସମାଧାନ ପାଇଁ ଅନୁରୋଧ କରିଥିଲେ। ଆବଶ୍ୟକ ହେଲେ ସମାଧାନ ପାଇଁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯିବେ ବୋଲି ସରପଞ୍ଚ ମାନଙ୍କ ତରଫରୁ କୁହାଯାଇଛି।

# ବରପାଲି ରଥଯାତ୍ରା ପ୍ରସ୍ତୁତି

ବରପାଲି,୧୯।୬(ସମିସ): ବରପାଲି ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଟ୍ରଷ୍ଟ ସଭାପତି ଜମିଦାର ଲାଲ୍ ବିକ୍ରମ ସିଂ ଦେଓଙ୍କ ସଭାପତିତ୍ୱରେ ଜଗନ୍ନାଥ ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ରାଜେନ୍ଦ୍ର ପୁଝାରୀ ପ୍ରାରମ୍ଭିକ ସୂଚନା ଦେବା ସହ ସ୍ୱାଗତ ଜଣାଇଥିଲେ। ପୂଜକ ବାଳକୃଷ୍ଣ ପୂଝାରୀ ରଥଯାତ୍ରା ପରିଚାଳନା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଗଙ୍ଗାଧର କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ପାଇଁ ମାଉସୀମାଁ ମନ୍ଦିର ଅସ୍ଥାୟୀ ଭାବେ କରିବାକୁ ଗୃହିତ ହୋଇଥିଲା। ରୀତିନୀତି ଅନୁସାରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପହଣ୍ଡି ବିଜେ ସହ ମାଉସୀମାଁ ମନ୍ଦିର ଯାଏଁ ରଥଟଣା ପର୍ବ ଯିବ। ମାଉସୀମାଁ ମନ୍ଦିରରେ ଠାକୁର ମାନଙ୍କ ନବମୀ ତିଥି ପର୍ଯ୍ୟନ୍ତ ଦଶ ଅବତାର ବେଶ ସହ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଧାର୍ଯ୍ୟ କରାଯାଇଥିଲା। ଏହାଛଡ଼ା ପ୍ରତିଦିନ ମହାପ୍ରସାଦ ଭୋଗ ଲାଗି କରାଯିବା ସହ ସମସ୍ତ ନୀତି ପାଳନ କରାଯିବ। ଦଶମୀରେ ବାହୁଡ଼ା ଯାତ୍ରା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ରଥ ଟଣା ସୂଚାରୁ ରୂପେ ସମ୍ପାଦନ ପାଇଁ କୁଷ୍ଠା ପଡ଼ା ଯୁବ ଭକ୍ତ ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି, ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ସମ୍ପନ୍ନ ପାଇଁ ବିଭିନ୍ନ ପ୍ରାଶାସନିକ ବିଭାଗକୁ ସହାୟତା ଯୋଗାଇବା ନିମନ୍ତେ ପତ୍ର ମାଧ୍ୟମରେ ଜଣାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଆଲୋଚନାରେ ଉପେନ୍ଦ୍ର ପୂଝାରୀ, ସଞ୍ଜୟ ମିଶ୍ର, ବିଭୂତି ମିଶ୍ର, ବାଳକିଶୋର ଖଡ଼ଙ୍ଗା, ନୀର ମିଶ୍ର, ଜୟନ୍ତ ତ୍ରିପାଠୀ, ପ୍ରଶାନ୍ତ ସାହୁ, ଧର୍ମରାଜ ସିଂ ବରିହା, ପଦ୍ମଲୋଚନ ସାହୁ, ଚିତ୍ତରଞ୍ଜନ ସାହୁ, ଗୋକୁଳାନନ୍ଦ ସ୍ୱାଇଁ, କ୍ଷେତ୍ର ମୋହନ ମେହେର, ହରିଶ ଅଗ୍ରୱାଲ, ଲଳିତ ମେହେର, ବିକ୍ରମ ମେହେର, ତୁଳସୀରାମ ମେହେର, ପସନ୍ନ ମେହେର, ପ୍ରଶାନ୍ତ ମେହେର, ସତ୍ୟବାଦୀ ମେହେର, ଅଜିତ ମେହେର, ମୁକ୍ତି ମେହେର ପ୍ରମୁଖ ଭାଗ ନେଇଥିଲେ। ଶେଷରେ ବିନୋଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗଦଲପୁରରେ ବିକାଶ ବାହନର ଶୁଭାରମ୍ଭ



ପଦ୍ମପୁର,୧୯।୬(ସମିସ): ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ୍ ଜଗଦଲପୁର ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ଗୁରୁବାର ଜଗଦଲପୁର ପଞ୍ଚାୟତରେ ପହଞ୍ଚିଛି। ବ୍ଲକ୍‌ରୁ ଆଲୋକରଞ୍ଜନ ଚୌଧୁରୀ ସଂଯୋଜକ ଭାବେ ଯୋଗ ଦେଇ ଥିବା ବେଳେ ଜଗଦଲପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଚାଳନ କରିଥିଲେ। ସେହିପରି ସରପଞ୍ଚ ଗୋବର୍ଦ୍ଧନ ନାୟକ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ସାଂସଦ ପ୍ରତିନିଧି ଭାବେ ମଦନ ମୋହନ ପଟେଲ, ସମ୍ମାନିତ ଅତିଥି ଭାବେ ହରେକୃଷ୍ଣ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାର ସୂଚନା ପ୍ରଦାନ କରିଥିଲେ। ଝାରବନ୍ଧ ବ୍ଲକ୍‌ରୁ ରାଜସ୍ୱ ବିଭାଗ, ସମନ୍ୱିତ ଶିଶୁ ବିକାଶ ଓ ସୁଭଦ୍ରା ଯୋଜନା, ପ୍ରାଣୀ ସମ୍ପଦ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱଚ୍ଛ ଭାରତ ମିଶନ ତରଫରୁ ସରକାରୀ ପ୍ରତିନିଧି ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଭତ୍ତା, ନୂତନ ରାଶନ୍ କାର୍ଡ, ଅନ୍ତୋଦୟ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରା ଯାଇଥିଲା। ଜଙ୍ଗଲ ବିଭାଗ ଦ୍ୱାରା ଡାକ୍ତରଖାନାରେ ଚାରାରୋପଣ ମଧ କରାଯାଇଥିଲା।

# ବିନା ସୂଚନା ଫଳକରେ ଚାଲିଛି ସରକାରୀ କୋଠା

ଅମ୍ବାଭୋନା,୧୯।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ବିନା ସୂଚନା ଫଳକରେ ସରକାରୀ କୋଠା ନିର୍ମାଣ କାମ ଚାଲିଛି। ତାହା ବି ଅତି ନିମ୍ନମାନର ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଜ୍ୱଳନ୍ତ ଉଦାହରଣ ଭାବେ ଅମ୍ବାଭୋନା ଗଂଗେଇ ଛକ ସ୍ଥିତ ଧାନମଣ୍ଡି ନିକଟରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ ହେଉଥିବା ନୂତନ କୋଠା ସୋସାଇଟି କାର୍ଯ୍ୟାଳୟ ବୋଲି ଲୋକଙ୍କ ସୂତ୍ରରୁ ଜଣାଯାଇଛି। ସରକାରୀ କୋଠାର ନିର୍ମାଣ ସ୍ଥଳରେ ସୂଚନା ଫଳକ ଥିବା ନ ଥିବା ଜାଣି ହେଉନାହିଁ। ଯେକୌଣସି ସରକାରୀ କାମ ପୂର୍ବରୁ ପ୍ରଥମେ ସୂଚନା ଫଳକ କାର୍ଯ୍ୟ କରୁଥିବା ସଂସ୍ଥା ଲଗାଇବେ ବୋଲି



ସରକାରଙ୍କ ନିର୍ଦ୍ଦେଶ ରହିଛି। ସେଥିରେ ଆର୍ଥିକ ବର୍ଷ, କେଉଁ ଯୋଜନାରେ ନିର୍ମାଣ ହେଉଛି, ଅଟକଳ ମୂଲ୍ୟ, କାର୍ଯ୍ୟ ଶେଷ ତାରିଖ ଇତ୍ୟାଦି ରହିବା କଥା। ଠିକାଦାର ଓ ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ସଲାସୁତୁରା ମଧୁଚନ୍ଦ୍ରିକା ଯୋଗୁଁ ଠିକାଦାର ଜଣକ ଖାମଖିଆଲି ମନୋବୃତିରେ ନିମ୍ନ ମାନର କାମ କରି ଚାଲିଛନ୍ତି। ସିମେଣ୍ଟ, ବାଲି, ମେଟାଲ, ଚିପ୍ସ ଇତ୍ୟାଦିର ପରିମାଣ ନିୟମ ଅନୁଯାୟୀ ମିଶ୍ରଣ କରାଯାଉନାହିଁ। ସିମେଣ୍ଟ ବଦଳରେ କ୍ରସର ଗୁଣ୍ଡ ମିଶାଇ କାମ କରାଯାଉଛି। ଯାହାଫଳରେ ଗୋଇଠା ମାରିଲେ ଝଡି ଯାଉଛି। ଏଭଳି ନିମ୍ନମାନର କାମ ହେଉଥିବାରୁ କୋଠା ନିର୍ମାଣ ଦିନ

**ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ନିର୍ମାଣ କାମ ଅତି ନିମ୍ନ ମାନର**

ଠାରୁ ୧୦ରୁ ୧୫ ବର୍ଷ ମଧ୍ୟରେ ଭାଙ୍ଗି ନଷ୍ଟ ହେବାରେ ଲାଗିଛି।

ଦୁର୍ଘଟଣା ହେବା ସହିତ କମ ବର୍ଷ ମଧ୍ୟରେ ନଷ୍ଟ ହେଇଯାଉଛି ବୋଲି ଚର୍ଚ୍ଚା ଜୋର ଧରିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଚାଷୀଙ୍କ ଦୁଃଖ ଶୁଣୁନି ସରକାର

# ବର୍ଷାରେ ଭିଜୁଛି ହଜାର ହଜାର କୁଇଣ୍ଟାଲ ରବି ଧାନ

ଝାରସୁଗୁଡା,୧୯ ।୬(ସମିସ)




ଚାଷୀଙ୍କ ପାଇଁ ଦାଉ ସାଜିଛି ବର୍ଷା। ଝାରସୁଗୁଡା ଜିଲ୍ଲା ର ଚାଷୀ ମାନେ ଖଳା ଅବା ମାର୍କେଟ ୟାଡର୍ ରେ ଗଦା କରି ରଖି ଥିବା ଧାନ ଅଦିନିଆ, ପ୍ରାକ ମୌସୁମୀ ଏବଂ ଏବେ ମୌସୁମୀ ବର୍ଷା ରେ ଭିଜିଛି। ଅନ୍ୟପଟେ ସମବାୟ ସମିତି ନିକଟରେ ଧାନ କ୍ରୟ ପାଇଁ ଟାର୍ଗେଟ ନଥିବାରୁ ଚାଷୀମାନେ ଧାନ ବିକ୍ରି କରି ପାରୁନାହାନ୍ତି। ଗୋଟିଏ ପଟେ ଧାନ ବିକ୍ରି ହେଉନଥିବାବେଳେ ଅନ୍ୟପଟେ ଲଗାଣ ବର୍ଷା ହେଉଛି। ଯାହାଫଳରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ଭିଜି ନଷ୍ଟ ହେଉଛି। ହେଲେ ଚାଷୀଙ୍କୁ ବିଭିନ୍ନ ରଙ୍ଗୀନ ସ୍ୱପ୍ନ ଦେଖାଇ ଭୋଟ ହାତେଇଥିବା ବିଜେପି ସରକାର, ନେତା ତଥା ଜନପ୍ରତିନିଧି ଏବେ କାହାରି ଦେଖା ମିଳୁନି ବୋଲି ଝାରସୁଗୁଡା ଜିଲ୍ଲାର ଚାଷୀ ପ୍ରକାଶ କରିଛନ୍ତି। ଝାରସୁଗୁଡା ଜିଲ୍ଲାରେ ହଜାର ହଜାର ଏକର ଜମି ରେ ଚାଷ ହୋଇଥିବା ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିଲେ ହେଁ ଏହାର କ୍ଷତିପୂରଣ ପ୍ରଦାନ କରିବା ତ ଦୁରର କଥା ସର୍ଭେ ମଧ କରାଯାଇନଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ସମ୍ବଲପୁରୀ, ନୂଆପଡା, ବରଗଡ଼ ଜିଲ୍ଲାରେ ଅଦିନିଆ ବର୍ଷାରେ ଚାଷୀଙ୍କ ଧାନ ନଷ୍ଟ ହୋଇଥିବାରୁ ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯାଇଛି।ହେଲେ ଝାରସୁଗୁଡା ଜିଲ୍ଲାର ଚାଷୀଙ୍କୁ କାହିଁକି କ୍ଷତିପୂରଣ ପ୍ରଦାନ କରାଯାଉନାହିଁ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଚାଷୀଙ୍କ ପାଇଁ କାଳ ସାଜିଛି ମୌସୁମୀ ବର୍ଷା। ମୌସୁମୀ ବର୍ଷାକୁ ପ୍ରତ୍ୟେକ ବର୍ଷ ଚାଷୀ ଅନେଇ ବସୁଥିବାବେଳେ ଚଳିତ ବର୍ଷ ମୌସୁମୀ ବର୍ଷାକୁ ନେଇ ଚିନ୍ତାରେ ରହିଛନ୍ତି ଝାରସୁଗୁଡା ଜିଲ୍ଲାର ଚାଷୀ। ପ୍ରାୟ ୩ ଦିନ ହେଲାଣି ଝାରସୁଗୁଡା ଜିଲ୍ଲା ପ୍ରାୟ ସମସ୍ତ ସ୍ଥାନରେ ବର୍ଷା ହେଉଛି। ଫଳରେ ଖଳା, ଗାଁ ଦାଣ୍ଡ ଏବଂ ମାର୍କେଟ ୟାଡର୍ ସବୁଠି ଗଦା ହୋଇଥିବା ଧାନ ଭିଜୁଛି। ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ୍‌ର ଧୂଲୁଣ୍ଡା, ପିଠିଣ୍ଡା, ରେମତା, ଚାରପାଲି, ତିଲିଗି ପରେ ଅନେକ ଅଞ୍ଚଳରେ ଏବେ ବି ଚାଷୀମାନେ ଧାନ ବିକ୍ରି କରି ନାହାନ୍ତି। ଝିପିଝିପି ବର୍ଷା ଲାଗି ରହିଥିବାରୁ ଚାଷୀର ସୁନାର ଫସଲ ଗଜା ହେଉଛି। ଚାଷୀ ଅମଳ କରିଥିବା ଧାନ ଏବେ ଖଳା, ଗାଁ ଦାଣ୍ଡ କିମ୍ବା ମାର୍କେଟ ୟାଡର୍‌ରେ ଖୋଲା ଆକାଶ ତଳେ ପଡି ରହିଛି।ଧାନକୁ ତାରପୋଲିନରେ ଢାଙ୍କିବା ସହ ଅଖା ବସ୍ତାରେ ଭରି ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଛି ଚାଷୀ। ହେଲେ ଝିପିଝିପି ବର୍ଷା ଯୋଗୁଁ ତାରପୋଲିନ ଉପରେ ପାଣି ଜମି ଅମଳ ହୋଇଥିବା ଧାନ ମଧ ଗଜା ହେଉଛି। ଯାହାଫଳରେ ଚାଷୀଙ୍କ ଆଖିରୁ ନିଦ ହଜି ଗଲାଣି। ବିଶେଷ କରି ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ୍‌ରେ ରୟତି ଜମି ଏବଂ ହୀରାକୁଦ ବୁଡି ଜମିରେ ହଜାର ହଜାର କୁଇଣ୍ଟାଲ ରବି ଧାନ ଚାଷ ହୋଇଛି।ଏପ୍ରିଲ ମାସରୁ ଚାଷୀ ଧାନ ଅମଳ କଲେଣି। ଗତ ୨୩ ତାରିଖରୁ ଝାରସୁଗୁଡାରେ ଧାନ କିଣା ଆରମ୍ଭ ହୋଇଥିଲେ ହେଁ ଟୋକାନ ସମସ୍ୟା, ଧାନକ୍ରୟର ଟାର୍ଗେଟ ସମସ୍ୟା ଏବଂ ଭିତ୍ତଭୂମୀର ଅଭାବ ଯୋଗୁଁ ଏପର୍ଯ୍ୟନ୍ତ ସୁରୁଖୁରୁରେ ଧାନ କିଣା ଆରମ୍ଭ ହୋଇନାହିଁ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ କୁଇଣ୍ଟାଲ ପ୍ରତି ୧୫ ଶହରୁ ୧୭ ଶହ ମଧରେ ଚାଷୀଙ୍କ ଠାରୁ ଧାନ କିଣୁଛନ୍ତି।ଏହିପରି ପରିସ୍ଥିତିରେ ଚାଷୀ କିପରି ନିଜ ଧାନ ସୁରକ୍ଷିତ ରଖିବ ଏବଂ ଏଫକ୍ୟୁମାନର ଧାନ ମଣ୍ଡିରେ ବିକ୍ରି ଉଚିତ ମୂଲ୍ୟ ପାଇପାରିବ ତାର ବ୍ୟବସ୍ଥା ସରକାର କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।ଏହାସହ ଯେଉଁ ଚାଷୀମାନଙ୍କ ଧାନ ବର୍ଷା ଯୋଗୁଁ ନଷ୍ଟ ହୋଇଛି ସେମାନଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଯୋଗାଇ ଦିଆଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

## ଜାତୀୟ କନିଷ୍ଠ ବର୍ଗ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁରର ବୈଷ୍ଣବୀ

ସମ୍ବଲପୁର, ୧୯।୬ (ସମିସ): ସମ୍ବଲପୁର କୋର୍ଟକଚେରୀ ନିକଟସ୍ଥ ସାଓଲିନ କୁଙ୍ଗ ଫୁ ଉଷୁ ଆସୋସିଏସନର କୁସ୍ତି ଖେଳାଳି ବୈଷ୍ଣବୀ ପଟ୍ଟନାୟକ ୪୨ କିଲୋଗ୍ରାମ ବିଭାଗ ଜାତୀୟ କନିଷ୍ଠ ବର୍ଗ କୁସ୍ତି ପ୍ରତିଯୋଗିତାରେ ଭାଗ ନେବାପାଇଁ ମନୋନୀତ ହୋଇଛନ୍ତି। ସେ ଆଜି ମହାରାଷ୍ଟ୍ରର ନାଗପୁରଠାରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା କନିଷ୍ଠ ବର୍ଗ କୁସ୍ତି ଦଳ ସହିତ ଗସ୍ତ କରିଛନ୍ତି। ସମ୍ବଲପୁର ସହର ହୀରାକୁଦ କଲୋନୀର ସଞ୍ଜିବ ପଟ୍ଟନାୟକ ଓ ସନ୍ଧ୍ୟା ପଟ୍ଟନାୟକଙ୍କ ଝିଅ ବୈଷ୍ଣବୀ ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଆସୋସିଏସନ ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା କହିଛନ୍ତି, ବୈଷ୍ଣବୀ ଜଣେ ପରିଶ୍ରମୀ ଖେଳାଳି ଏବଂ ସେ ସମ୍ବଲପୁର ତଥା ଓଡ଼ିଶା ସକାଶେ ସୁନାମ ଅର୍ଜନ କରିବେ। ରାଜ୍ୟ ସମ୍ପାଦକ କିଶୋର ବେହେରା, ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି, ଅରୁଣ ଅଜାଡ଼ିୱାଲ, ସ୍ୱାଗତ ଘଡ଼ାଇ, ସମିର ବିଶ୍ୱାଳ, ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ସୁଧିର ବହିଦାର, ପୁଷ୍ପାଞ୍ଜଳି ସାହୁ, ସ୍ନିଗ୍ଧାରାଣୀ ଭାଜି, ଡିଙ୍ଗର ମେହେର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ସିଆରପିଏଫ୍ ସେଣ୍ଟରରେ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର




ସମ୍ବଲପୁର,୧୯ ।୬(ସମିସ): ସିଆରପିଏଫ୍ ପରିବାର କଲ୍ୟାଣକେନ୍ଦ୍ରର ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଗୋଶାଳାସ୍ଥିତ ଗ୍ରୁପ ସେଣ୍ଟର୍‌ରେ ସ୍ୱତନ୍ତ୍ର "ସ୍ୱାସ୍ଥ୍ୟ ପରୀକ୍ଷା ଶିବିର' ଅନୁଷ୍ଠିତ ହୋଇଛି। ଶିବିରରେ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ପ୍ରବୀଣ କୁମାର ସାହୁ ଏବଂ ଡାକ୍ତର ନିବେଦିତାଙ୍କ ସମେତ ଭିମସାର ବୁର୍ଲାର ବିଶେଷଜ୍ଞ ଡାକ୍ତର ଦଳ ଉପସ୍ଥିତ ଥିଲେ। ଗ୍ରୁପ ସେଣ୍ଟର୍‌ର ପୁଲିସ ଉପମନିରୀକ୍ଷକ ସଞ୍ଜୟ କୁମାର ସିଂହ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯବାନ ଏବଂ ସେମାନଙ୍କ ପରିବାରକୁ ମାଗଣା ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରିବା ଏବଂ ରୋଗ ବିଷୟରେ ସଚେତନତା ବୃଦ୍ଧି କରିବା। ଶିବିରରେ, ବିଶେଷକରି ଚର୍ମ ରୋଗ ପାଇଁ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ ପାଇଁ ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ଅବସରରେ କ୍ୟାମ୍ପସରେ ରହୁଥିବା ପ୍ରାୟ ୧୫୨ ଜଣ ସୈନିକ, ମହିଳା ଏବଂ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସଂସ୍ଥା ୨୨ ଜୁନ ୧୯୯୫ରେ ସିଆରପିଏଫ ପରିବାରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏକ ସ୍ୱୀକୃତିପ୍ରାପ୍ତ ଏନଜିଓ ଭାବରେ ଏହା ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ମହିଳା ସଶକ୍ତିକରଣ ଏବଂ ମାନସିକ ସମର୍ଥନ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଛି। ଶେଷରେ ଶ୍ରୀ ସିଂହ ଡାକ୍ତରମାନଙ୍କୁ ସମ୍ମାନିତ କରିଥିଲେ।

## ଶିଶୁ ଶ୍ରମିକ ନିରୋଧ ସମ୍ପର୍କିତ ସଚେତନତା କର୍ମଶାଳା

ଦେବଗଡ଼,୧୯।୬(ସମିସ): ଅନ୍ତର୍ଜାତିକ ଶିଶୁ ଶ୍ରମିକ ନିଷେଧ ସପ୍ତାହ ପାଳନ ଅବସରରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡିଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଜିଲ୍ଲା ନିୟୋଜନ ଅଧିକାରିଣୀ କେ.ରୋଜା ଦୋରା ଯୋଗ ଦେଇ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାପଓ୍ତ୍ର ଆଗାମୀ ଦିନରେ ପୁଲିସ ସହାୟତାରେ ଶ୍ରମ ବିଭାଗ ,ଚାଇଲ୍ଡ ହେଲ୍ପ ଲାଇନ ଓ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିୟୋଜନ କରିଥିବା କାର୍ଯ୍ୟସ୍ଥଳୀ ଗୁଡିକରେ ମିଳିତଭାବେ ଚଢ଼ଉ କରି ଶିଶୁ ଶ୍ରମିକ ନିୟୋଜକଙ୍କ ବିରୋଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଥିଲେ। ଏହି ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳାକୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ସଂଯୋଜନା କରିଥିବାବେଳେ ବିଭାଗୀୟ ଅଧିକାରୀ ରତନ ରାୟ ପରିଚାଳନା କରିଥିଲେ।



## ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା



ଝାରସୁଗୁଡ଼ା,୧୯ ।୬(ସମିସ): ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସକାଶେ ୧୫ଦିନ ଧରି ଜିଲ୍ଲା ବ୍ୟାପୀ ସଚେତନତା ଅଭିଯାନ ଜୁନ ୧୨ ରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି। ଗୁରୁବାର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମବିଭାଗ, ଝାରସୁଗୁଡା ପକ୍ଷରୁ ଜିଲ୍ଲାସ୍ତରରେ ପ୍ରଚାର ପ୍ରସାର ନିମନ୍ତେ ଆୟୋଜିତ ପଦଯାତ୍ରା ଶୁଭାରମ୍ଭ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ। ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରି ଶିଶୁ ଶ୍ରମିକ ନିରାକରଣ ପ୍ରତ୍ୟେକ ନାଗରିକ ଦାୟିତ୍ୱବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଚଳିତ ମାସ ୨୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଜିଲ୍ଲା ବ୍ୟାପୀ ଚାଲୁ ରହିଥିବା ବେଳେ ଝାରସୁଗୁଡା ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ ଜିଲ୍ଲାରେ ପରିଣତ କରିବା ସକାଶେ ସଚେତନତା ସୃଷ୍ଟି କରିବ। ପଦଯାତ୍ରାରେ ପ୍ରଭାଗୀୟ ଶ୍ରମ ଆଯୁକ୍ତ ଦିବ୍ୟଜ୍ୟୋତି ନାୟକ ଓ ଜିଲ୍ଲା ଶ୍ରମଅଧିକାରୀ ମେରି ସୁନିତା ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଆଶିଷ କୁମାର ପଣ୍ଡା, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୁଣ୍ୟବତୀ ହେଲେନ ଖେସ ତଥା ଅନ୍ୟାନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ ବିଭିନ୍ନ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କୟ ସଚେତନତା ବାର୍ତ୍ତା ଦେଇ ପଦଯାତ୍ରାକୁ ସଫଳ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ କୁ ଏନ ସି ଏଲ୍ ପି କାର୍ଯ୍ୟକ୍ରମ ପରିଚାଳକ ଜନ୍ମଜୟ ସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଶ୍ରମ ବିଭାଗ ର କର୍ମଚାରୀ ଭାଗ ନେଇଥିଲେ।

## ପୁଲିସର ହସ୍ତକ୍ଷେପ ପରେ ବିବାହ ସମ୍ପନ୍ନ



ଦେବଗଡ଼,୧୯।୬(ସମିସ): ଦୀର୍ଘ ଦିନ ଧରି ପ୍ରେମ ସମ୍ପର୍କରେ ରହିବା ପରେ ବିବାହ ପାଇଁ ଚାହିଁଥିଲେ ପ୍ରେମୀ ଯୁଗଳ। ମାତ୍ର ଉଭୟଙ୍କ ପରିବାର ସାଜିଥିଲେ ପ୍ରତିବନ୍ଧକ। ନିଜ ପ୍ରେମକୁ ହାସଲ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ ପ୍ରେମୀ ଯୁଗଳ। ପୁଲିସ ଉଭୟ ପରିବାର ଲୋକଙ୍କୁ ବୁଝାସୁଝା ପରେ ବିବାହ ପାଇଁ ରାଜି ହୋଇଥିଲେ ପରିବାର ସଦସ୍ୟ। ଶେଷରେ ଆଜି ପରିବାର ସଦସ୍ୟ, ପୁଲିସ ଓ ସମାଜର ଲୋକଙ୍କ ଉପସ୍ଥିତିରେ ସ୍ଥାନୀୟ ଝାଡେଶ୍ୱର ମନ୍ଦିରରେ ବିବାହ ବନ୍ଧନରେ ବାନ୍ଧିହେଲେ ପ୍ରେମୀ ଯୁଗଳ । ସୂଚନା ଅନୁଯାଇ ଦେବଗଡ଼ ଥାନା ଅଧୀନ ମୋହିନୀପୁର ଗ୍ରାମର ଜଗତ ରଞ୍ଜିତଙ୍କ ପୁଅ ବିକାଶ ରଞ୍ଜିତ ଓ ଭୁକାବେଡା ଗ୍ରାମର ହେମନ୍ତ ବେହେରାଙ୍କ ଝିଅ ପିଙ୍କି ବେହେରା (୧୯)ଙ୍କ ମଧ୍ୟରେ ଦୀର୍ଘ ଦିନହେଲା ପ୍ରେମ ସମ୍ପର୍କ ରହିଥିଲା। ପରସ୍ପର ବିବାହ କରିବାକୁ ଚାହିଁବାରୁ ଉଭୟଙ୍କ ପରିବାର ଏଥିରେ ରାଜି ହୋଇ ନ ଥିଲେ। ଫଳରେ ଉଭୟ ପ୍ରେମୀ ଯୁଗଳ ଦେବଗଡ଼ ଥାନାରେ ଏ ନେଇ ମୌଖିକ ଅଭିଯୋଗ କରିବା ପରେ ଦେବଗଡ଼ ଥାନା ପୁଲିସ ଉଭୟ ପରିବାର ଲୋକଙ୍କୁ ଡାକି ଝିଅ ସାବାଳିକା ଥିବାରୁ ଆଇନଗତ ଦିଗ ଉପରେ ବୁଝାଇବା ପରେ ଉଭୟ ପରିବାର ବିବାହ ପାଇଁ ରାଜି ହୋଇଥିଲେ।

## ଜାତୀୟ କବାଡ଼ି ପ୍ରତିଯୋଗିତାରେ ଦେବଗଡ଼ ଝିଅ

ଦେବଗଡ,୧୯।୬(ସମିସ): ୧୮ ବର୍ଷରୁ କମ୍ ବାଳିକା ବିଭାଗ ଜାତୀୟ କବାଡ଼ି ପ୍ରତିଯୋଗିତାରେ ସ୍ଥାନ ପାଇଛନ୍ତି ଦେବଗଡ଼ର ଜଣେ ଖେଳାଳି। ଦେବଗଡ଼ ପୌରାଞ୍ଚଳ ପାଞ୍ଚ ନମ୍ବର ୱାର୍ଡର ଦୁଃଖବନ୍ଧୁ ଅମାତଙ୍କ ଝିଅ ଚିନୁ ଅମାତ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଏହି ଖବର ଆଜି ଜଣାପଡିବା ପରେ ଚିନୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଉତ୍ତରାଖଣ୍ଡର ହରିଦ୍ୱାର ଠାରେ ଆସନ୍ତା ଜୁନ୍ ୨୮ ତାରିଖରୁ ଜୁଲାଇ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି ଚିନୁ। ଗତ ୮ ତାରିଖରେ ବାରବାଟି କବାଡ଼ି କମ୍ପ୍ଲେକ୍ସରେ ଆୟୋଜିତ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୩୦ ଜିଲ୍ଲା ସହିତ ଭୁବନେଶ୍ୱର, କିଟ୍ ଓ ରାଉରକେଲାର ଏକ ଶହରୁ ଉର୍ଦ୍ଧ୍ୱ ବାଳିକା କବାଡ଼ି ଖେଳାଳି ଯୋଗ ଦେଇଥିଲେ। ଏହି ଶିବିରରୁ ୧୪ଜଣ ଖେଳାଳିଙ୍କୁ ଚୟନ କରାଯାଇ ଓଡିଶା ଦଳ ପାଇଁ ମନୋନୀତ କରାଯାଇ ଥିଲା। ଏହି ୧୪ ଜଣ ଖେଳାଳିମାନଙ୍କ ମଧ୍ୟରୁ ଦେବଗଡ଼ର ବାଳିକା କବାଡ଼ି ଖେଳାଳି ଚିନୁ ଅମାତ ରହିଛନ୍ତି।



## ଟ୍ରକ୍‌ରୁ ବେଆଇନ ଟଙ୍କା ଆଦାୟ ଅଭିଯୋଗରେ ୫ ଗିରଫ

ଝାରସୁଗୁଡ଼ା,୧୯ ।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଞ୍ଚଳରେ ବେଆଇନ ଭାବରେ କୋଇଲା ଟ୍ରକ୍‌ରୁ ଟଙ୍କା ଅସୁଲି କରୁଥିବା ଅଭିଯୋଗରେ ଲଖନପୁର ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଟ୍ରକ୍ ଚାଳନ କରିବା ସମୟରେ ବେଆଇନ ଭାବରେ ୧୪୫ ଟଙ୍କା ଅସୁଲି କରାଯାଉଥିବା ନେଇ ଝାଡଖଣ୍ଡ ସୀମଡେଗାର କୋଇଲା ଟ୍ରକ୍ ଚାଳକ ସନ୍ନି ରାମଙ୍କ ସମେତ ଅନ୍ୟ କେତେକ ଡ୍ରାଇଭର ଗତ ୧୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ବ୍ରଜରାଜନଗରର ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଅମରେନ୍ଦ୍ର ସିଂହଙ୍କ ନେତୃତ୍ୱରେ ବେଆଇନ ଟଙ୍କା ଅସୁଲି କରାଯାଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଲଖନପୁର ଥାନା ଅଧିକାରୀ ବିକେ ରାଓଙ୍କ ନେତୃତ୍ୱରେ ତଦନ୍ତ କରାଯାଇ ଅଭିଯୁକ୍ତ ବ୍ରଜରାଜନଗର ଥାନା ଅଞ୍ଚଳର ନନ୍ଦକିଶୋର ଅଗ୍ରୱାଲ, ଅମରେନ୍ଦ୍ର ସିଂହ, ଷ୍ଟିଫେନ ପରମାନିକ, ସୁଜିତ କେରକେଟା, ଶଶୀଧର ଚୌହାନଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ଠାରୁ ଟ୍ରକ୍ ବିବରଣୀ ଥିବା ଏକ ରେଜିଷ୍ଟ୍ରର, ଏଲଏସଏସ ଲେଖାଥିବା ଏକ ରବର ଷ୍ଟାମ୍ପ, ବିଭିନ୍ନ ଟ୍ରାନ୍ସପୋର୍ଟରର ପାଞ୍ଚଟି ଷ୍ଟାମ୍ପ,ନଗଦ ୭୩୦୮୦ ଟଙ୍କା, ୭ଟି ମୋବାଇଲ ଫୋନ, କାର୍ ନଂ ଓଡି୧୫ଜେ ୫୫୫୫, ତିନୋଟି ବାଇକ୍ ଜବତ କରାଯାଇଛି ।

## ବିକଶିତ ଜିଲ୍ଲା ବିକଶିତ ଓଡିଶା ପରାମର୍ଶ କର୍ମଶାଳା



ଝାରସୁଗୁଡ଼ା,୧୯ ।୬(ସମିସ): ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ବିକଶିତ ଜିଲ୍ଲା ବିକଶିତ ଓଡିଶା ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଛି।ଅତିଥିଗଣ କର୍ମଶାଳାରେ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ସମ୍ପର୍କରେ ଆଲୋଚନା କରି ସମସ୍ତେ ଝାରସୁଗୁଡା ଜିଲ୍ଲା , ଆମ ରାଜ୍ୟ ଓ ଦେଶର ପ୍ରଗତି ପାଇଁ ଆନ୍ତରିକତାର ସହିତ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀଅଧିକାରୀ ବିଶ୍ୱରଞ୍ଜନ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲାର ଆବଶ୍ୟକତା ସମ୍ପର୍କରେ ମୁଖ୍ୟ ଅତିଥି ଶ୍ରୀ ନାୟକ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ପ୍ରମୋଦ ସେନାପତି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମୂହର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ।ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଅଧକ୍ଷ ଡ. ସ୍ନେହଲତା ମିଶ୍ର,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ପ୍ରାଧାପକ ତପନ କୁମାର ବାରିକ, ମହିଳା ମହାବିଦ୍ୟାଳୟ ପ୍ରାଧାପିକା କ୍ଷିତିଶ୍ରୀ ଭୋଇ,ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେୱାର ସମ୍ପାଦକ ସୁଶୀଲ କୁମାର ଦାସ,ପ୍ୟାଡ ଗାର୍ଲ ଭାବେ ପରିଚିତ ପାୟଲ ପଟେଲ,ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଚନ୍ଦନ ମିଶ୍ର,ଡିଷ୍ଟ୍ରିକ୍ଟ ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରି ସଭାପତି ସଜନ କୁମାର ସୁଲତାନିଆ, ଏଲଡିଏମ ଶିରପାଣି ନାଏକ ପ୍ରମୁଖ ବିଶେଷଜ୍ଞ ଆଲୋଚକ ଭାବେ ଯୋଗ ଦେଇ ଶିକ୍ଷା, ସ୍ୱାସ୍ଥ୍ୟ , କୃଷି , ଶିଳ୍ପ , ପ୍ରଯୁକ୍ତିବିଦ୍ୟା, ଗ୍ରାମ୍ୟ ସଶକ୍ତିକରଣ, ମାନବ ସମ୍ବଳର ସଠିକ ଉପଯୋଗ,ଧନ୍ଦାମୂଳକ ଶିକ୍ଷାକୁ ପ୍ରାଧାନ୍ୟ ଦେବା ଉପରେ ନିଜ ନିଜର ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିଥିଲେ। ବିଶେଷ କରି ଶିକ୍ଷା କ୍ଷେତ୍ରରେ ନାରୀଙ୍କୁ ଆହୁରି ଆଗକୁ ଆଣିବା, ଏହିଭଳି କର୍ମଶାଳାମାନ ବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ଆୟୋଜନ କରାଗଲେ ଭିଜନର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମତ ଦେଇଥିଲେ। ଗୌରାଙ୍ଗ ଚରଣ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସ୍ନିଗ୍ଧା ଦାସ, ସନ୍ଧ୍ୟାରାଣୀ ମାଝୀ ଓ ବାବଲୁ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ● ବିକାଶ ମେଳାରେ ଖାଦ୍ୟ ପସରା

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଅଧିକାରୀ

ଦେବଗଡ଼,୧୯ ।୬(ସମିସ): ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନପାଟ ବଡ଼ ବଗିଚା ଠାରେ ସପ୍ତାହବ୍ୟାପୀ ଆୟୋଜିତ ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ବିକାଶ ମେଳାରେ ଆୟୋଜିତ ଖାଦ୍ୟମେଳାର ବିଶେଷ ଆକର୍ଷଣ ବାରିପଦା ମୁଢି ମାଂସ, ନିମାପଡ଼ାର ଛେନା ଝିଲ୍ଲୀ ଓ ଛେନା ଇଟିଲି, ଏବଂ ନୟାଗଡ଼ ର ଛେନା ପୋଡ଼ର ସ୍ୱାଦ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ସରକାରୀ ଅଧିକାରୀ । ସ୍ଥାନୀୟ ସାରଦା ଏକାଡେମୀ, ମାହାରୀ ଡ୍ୟାନ୍ସ ଗ୍ରୁପ ଓ ଡ୍ରିମ ଡ୍ୟାନ୍ସ ଗ୍ରୁପ ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ସୁଗମ ସଂଗୀତ ସ୍ଥାନୀୟ କୁନି କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଓରମାସ ଡିପିଏମ, ଡେପୁଟି ସିଇଓ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



## ସାନଭାଇକୁ ଆକ୍ରମଣ ଘଟଣାରେ ବଡ଼କୁ ଜେଲ୍



ଦେବଗଡ଼,୧୯।୬( ସମିସ): ବାରକୋଟ ଥାନା ଅଧୀନ ବ୍ରହ୍ମଣୀଦେଇ ଗ୍ରାମରେ ଜମି ବାଡ଼ି ବିବାଦକୁ କେନ୍ଦ୍ରକରି ଗତ ମଙ୍ଗଳବାର ବଡ଼ ଭାଇର ଟାଙ୍ଗିଆ ଚୋଟରେ ସାନଭାଇ ଗୁରୁତର ହେବା ଘଟଣାରେ ଆଜି ବାରକୋଟ ଥାନା ପୁଲିସ ବଡ଼ ଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାଇ ବ୍ରାହ୍ମଣୀଦେଇ ଗ୍ରାମର ରମେଶ ଲାଖୁଆ (୬୩)ଙ୍କ ପରିବାର ଲୋକ ଗତ ମଙ୍ଗଳବାର ସକାଳୁ ଜମିକୁ କାମ କରିବାକୁ ଯାଇଥିବା ସମୟରେ ରମେଶ ଘରେ ଏକୁଟିଆ ଥିଲେ। ଏହି ସମୟରେ ରମେଶଙ୍କ ବଡ଼ ଭାଇ ରାମ କେଶର ଲାଖୁଆ ରମେଶଙ୍କ ନିକଟକୁ ଏକ ଟାଙ୍ଗିଆ ଧରି ଆସି ଗାଳିଗୁଲଜ କରିଥିଲେ। ରମେଶ ଏହାର ପ୍ରତିବାଦ କରିବାରୁ ରାମ କେଶରେ ଧରିଥିବା ଟାଙ୍ଗିଆରେ ରମେଶଙ୍କ ଛାତିରେ ଚୋଟ ମାରିଥିଲେ। ରମେଶ ଗୁରୁତର ହେବା ଦେଖି ପରିବାର ସଦସ୍ୟ ତାଙ୍କୁ ଚିକିତ୍ସା ପାଇଁ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ମାତ୍ର ଅବସ୍ଥା ଅଧିକ ଶଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା ଓ ସେ ଏବେ ମଧ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

### ପୌର ପରିଷଦ ପକ୍ଷରୁ ପଲିଥିନ ବଣ୍ଟନ

## ଅବିଶ୍ରାନ୍ତ ବର୍ଷାରେ ଭାଙ୍ଗିଲା ଘର

ଦେବଗଡ଼,୧୯ ।୬(ସମିସ)




ଲଘୁଚାପ ଓ ମୌସୁମୀ ପ୍ରଭାବରେ ଦେବଗଡ଼ ଜିଲ୍ଲାରେ ଗତ ୪ ଦିନ ଧରି ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବାବେଳେ ତଳିଆ ଅଞ୍ଚଳରେ ବର୍ଷା ଜଳ ଯୋଗୁଁ ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଅବିଶ୍ରାନ୍ତ ବର୍ଷାକୁ ଦୃଷ୍ଟିରେ ରଖି ଆଜି ପୌର ପରିଷଦ ପକ୍ଷରୁ ପୌରାଞ୍ଚଳ ର ୯ ନମ୍ବର ୱାର୍ଡବାସୀଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ୱାର୍ଡ କାଉନସିଲର ସରୋଜିନୀ ମୁଣ୍ଡାଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆଜି ସନ୍ଧ୍ୟାରେ ଝିପିଝିପି ବର୍ଷାବେଳେ ୧ ନମ୍ବର ୱାର୍ଡର ମୋହିନୀ ମୋହନ ଦାଶଙ୍କ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ତେବେ ସନ୍ଧ୍ୟା ଓ ବର୍ଷା କାରଣରୁ ରାଜସ୍ୱ କିମ୍ବା ପୌର ପରିଷଦ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ନ ଥିବା ଜଣାପଡ଼ିଛି।

# ଫିଙ୍ଗିଦେଲେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଅଦା

**ଭବାନୀପାଟଣା/ଗୋଲାମୁଣ୍ଡା, ୧୯ ।୬(ସମିସ)**



କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଇନ୍ଦିମୁଣ୍ଡାର ପାଣି ଟାଙ୍କି ପାଖରେ ଶହ ଶହ ବସ୍ତା ଅଦା ଫିଙ୍ଗାଯାଇଥିବା ଦେଖିବାକୁ ମିଳିଛି। ଏହି ଅଦା ଗୋଲାମୁଣ୍ଡା ଉଦ୍ୟାନ ବିଭାଗକୁ ଆସିଥିବା ବେଳେ ଗୁରୁବାର ରାସ୍ତା ପାର୍ଶ୍ୱରେ ଏକ କୁଇଣ୍ଟାଲରୁ ଅଧିକ ଅଦା ପଡ଼ିଥିବା ନେଇ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଅଦା ଚାଷୀଙ୍କୁ ଦେବା ପାଇଁ ଆସିଥିଲା। ତାହା ରାସ୍ତା କଡ଼ରେ ପଡ଼ିଥିବା ନେଇ ସମସ୍ତଙ୍କ ମନରେ ସନ୍ଦେହ ଉପୁଜିଛି।

କଳାହାଣ୍ଡି ଜିଲ୍ଲାର ଅଦା ଚାଷୀଙ୍କ ଉଦ୍ଦେଶ୍ୟରେ ଉଦ୍ୟାନ ବିଭାଗ ରାଜ୍ୟ ବିହନ ନିଗମକୁ ଜିଲ୍ଲାର ଚାହିଦା ମୁତାବକ ବରାଦ କରାଯାଇଥିଲା; ଯାହା ଏପ୍ରିଲରୁ ମେ' ମାସ ମଧ୍ୟରେ ଜିଲ୍ଲାରେ ପହଞ୍ଚିବା କଥା; କିନ୍ତୁ ଗତ ସୋମବାର ଅର୍ଥାତ ୧୬ ତାରିଖରେ ଅଦା ମଧ୍ୟପ୍ରଦେଶର ଭୋପାଳରୁ ଆସିଥିଲା। ପ୍ରାୟ ୫ କୁଇଣ୍ଟାଲ ୫୦କେଜି ଅଦା ବିହନ ଚାଷୀଙ୍କୁ ୫୩ ଟଙ୍କା ଦରରେ ବଣ୍ଟା ଯାଇଥାନ୍ତା। ତେବେ ଅଦା ବିହନ ବିଳମ୍ବରେ ପହଞ୍ଚିବା ଏବଂ ଅଦାର ମାନ ତଥା ଗୁଣବତ୍ତା ଠିକ ନ ଥିବାରୁ ଅଦା ପଠାଇଥିବା ସମ୍ପୃକ୍ତ ସଂସ୍ଥା ଭୋପାଳର ରାଜ ସିଡ୍ସ ଟ୍ରେଡର୍ସକୁ ଫେରାଇ ନେଇଯିବା ପାଇଁ ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଥିଲା ବୋଲି ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। କାହିଁକି ଜିଲ୍ଲାରେ ବିଳମ୍ବରେ ଅଦା ବିହନ ପହଞ୍ଚିଲା ତାହା ହିଁ ଏବେ ବଡ଼ ପ୍ରଶ୍ନ ହୋଇଛି। ଏଣୁ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ପଦାରେ ପଡ଼ିଛି। ଧର୍ମଗଡ଼ ଉପଖଣ୍ଡକୁ ୨୭୫ କେଜି ଓ ଭବାନୀପାଟଣା ଉପଖଣ୍ଡ ପାଇଁ ୨୨୫ କେଜି ଅଦା ବିହନ ଆବଶ୍ୟକ ରହିଥିଲା। ସମୁଦାୟ ବିହନ ଫେରାଇବା ଦ୍ୱାରା ଏହି ଅଦାକୁ ରାସ୍ତାରେ ଫିଙ୍ଗି ଦେଇ ଭୋପାଳର ଅଦା ଯୋଗାଣକାରୀ ସଂସ୍ଥା ଫେରିଯାଇଛି।

ରାସ୍ତା କଡ଼ରେ ପଡ଼ିଥିବା ଅଦାକୁ ଗୋଲାମୁଣ୍ଡା ଅଞ୍ଚଳର ଲୋକମାନେ ଦେଖିବା ପରେ ସତ ଜଣାପଡ଼ିଛି। ସ୍ଥାନୀୟ ବାସିନ୍ଦା ଓ ଅନେକ

**ଚାଷ ପାଇଁ ଆସିଥିବା ଅଦା ଅଳିଆ ଗଦାରେ ପଡ଼ିଲା**

**ଉଦ୍ୟାନ ବିଭାଗ ଫେରାଇ ଦେଇଛି ୫ କୁଇଣ୍ଟାଲରୁ ଅଧିକ ଅଦା**

ଚାଷୀ ଅଦା ପଡ଼ିଥିବା ସ୍ଥାନକୁ ଆସି ଗୋଟାଇ ନେଇଛନ୍ତି। ଏନେଇ ଗୋଲାମୁଣ୍ଡା ଉଦ୍ୟାନ ବିଭାଗ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଅଦା ଗୁଡିକ ନଷ୍ଟ ହେବାରୁ ଫେରାଇ ଦିଆଯାଇଛି ବୋଲି ସେହି ସମାନ କଥା କହିଥିଲେ। ତେବେ ରାସ୍ତା ପାର୍ଶ୍ୱରେ କାହିଁକି ଶହ ଶହ ବସ୍ତା ଅଦା ପଡ଼ିଛି ଏ ସମ୍ପର୍କରେ ପଚାରିବା ପରେ ସେ ଜାଣି ନ ଥିବା ବୋଲି କହିଥିଲେ।

---

**ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି**

# ଫାଣ୍ଡି ସମ୍ମୁଖରେ ଶବ ରଖି ରାସ୍ତା ଅବରୋଧ

**ଧର୍ମଗଡ଼, ୧୯ ।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ସମ୍ମୁଖରେ ଶବ ରଖି ଦଶପୁର-ଫରଙ୍ଗ ରାସ୍ତା ଅବରୋଧ କରାଯାଇଛି। ମେ ମାସରେ ଗୋଲାମୁଣ୍ଡା ଥାନା ଫରଙ୍ଗ ଗ୍ରାମର କ୍ଷେତ୍ର ଭୋଇ (୫୪) ସାଇକେଲ ଯୋଗେ ନିଜ ବିଲକୁ ଯାଉଥିଲେ। ଖମାରହଲଦୀ ଗ୍ରାମର ଲଳିତ ତାଣ୍ଡି ଫରଙ୍ଗ ମଣ୍ଡି ପାଖ ଖଲିଆବନ୍ଧ ପାଖରେ କ୍ଷେତ୍ରଙ୍କୁ ବାଇକରେ ଧକ୍କା ଦେଇଥିଲେ। କ୍ଷେତ୍ର ଗୁରୁତର ହୋଇ ପ୍ରଥମେ ଭବାନୀପାଟଣା ଓ ପରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ କ୍ଷେତ୍ରଙ୍କ ଶବ ରଖି ଦଶପୁର ଫାଣ୍ଡି ଗେଟ ସମ୍ମୁଖରେ ଫରଙ୍ଗ-ଦଶପୁର ରାସ୍ତା ଅବରୋଧ କରିଥିଲେ। ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ଓ ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତିପ୍ରକାଶ ତାଣ୍ଡି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ।



---

# ଗାଁ ଗୋଟିଏ ବ୍ଲକ୍ ଦୁଇ

**ରାଜସ୍ୱ ଗ୍ରାମର ମାନ୍ୟତା ଦେଇ ଗୋଟିଏ ବ୍ଲକ୍‌ରେ ଅନ୍ତର୍ଭୁକ୍ତ ଦାବି**

**ସିନାପାଲି, ୧୯ ।୬(ସମିସ):** ଗାଁ ଗୋଟିଏ କିନ୍ତୁ ବ୍ଲକ ଦୁଇଟି, ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସତ୍ୟ।ଏମିତି ଏକ ଗାଁ ରହିଛି ନୂଆପଡ଼ା ଜିଲ୍ଲାରେ। ଯାହାର ନାମ ମହୁଲପଡ଼ା। ଗାଁର ବିଶେଷତ୍ୱ ହେଲା ଏହା ଦୁଇଟି ବ୍ଲକରେ ଆସୁଛି। ଅଧା ଗାଁ ବୋଡେନ ବ୍ଲକରେ ଆସୁଥିବା ବେଳେ ଅଧା ଗାଁ ଆସୁଛି ସିନାପାଲି ବ୍ଲକରେ। ଗାଁ ପୁଣି ଏକ ରାଜସ୍ୱ ଗ୍ରାମ ନୁହଁ।ତିନିଟି ଗାଁର ହାମଲେଟ(ପଡ଼ାଗ୍ରାମ) ଭାବରେ ରହିଛି।ସିନାପାଲି ବ୍ଲକ ଚଟିଆଗୁଡା ପଞ୍ଚାୟତର ଚଟିଆଗୁଡା ଗ୍ରାମର ହାମଲେଟ ଯାହାକୁ ଚଟିଆଗୁଡା ମହୁଲପଡ଼ା କୁହାଯାଏ ଓ ଏହାର ଲୋକସଂଖ୍ୟା ପ୍ରାୟ ୭୭୫ ଜଣ। ବୋଡେନ ବ୍ଲକ ବାବେବିର ପଞ୍ଚାୟତର ବାବେବିର ଗ୍ରାମର ହାମଲେଟ ଯାହାକୁ ବାବେବିର ମହୁଲପଡ଼ା କହନ୍ତି ଓ ଏହାର ଲୋକସଂଖ୍ୟା ପ୍ରାୟ ୧୦୦ହେବ ।ଉକ୍ତ ପଞ୍ଚାୟତର ବର୍ତ୍ତନସିଲ ଗ୍ରାମର ହାମଲେଟ ଯାହାକୁ ବର୍ତ୍ତନସିଲ ମହୁଲ ପଡ଼ା କୁହାଯାଏ, ଏହାର ଲୋକସଂଖ୍ୟା ପ୍ରାୟ୪ଶହ ହେବ।ଗାଁ ଠାରୁ ସିନାପାଲିର ଦୂରତା ୮ କିଲୋମିଟର ଓ ବୋଡେନର ଦୂରତା ୧୫ କିଲୋମିଟର। ଗାଁରେ ଦୁଇଟି ଅଙ୍ଗନବାଡିକେନ୍ଦ୍ର ଦୁଇ ବ୍ଲକ ଅଧୀନରେ ଆସୁଛି।ଆବାସ ଯୋଜନାରେ ମିଳୁଥିବା ଘର ଓ ପାଇଖାନା ସବୁରେ ଗାଁ ନାଁ ଗୋଟିଏ ଥିବା ବେଳେ ଗ୍ରାମ ପଞ୍ଚାୟତ ଓ ବ୍ଲକ ନାଁ ଭିନ୍ନ ଭିନ୍ନ ରହିଛି। ଗାଁରେ ଯାନୀ ଯାତରା, ପୂଜା ପାର୍ବଣ ଏକା ସାଥିରେ ହେଉଥିବା ବେଳେ ସରକାରୀ କାର୍ଯ୍ୟକ୍ରମ ଅଲଗା ଅଲଗା ହୋଇଥାଏ। ନିର୍ବାଚନ ପାଇଁ ଗୋଟିଏ ଗ୍ରାମର ଲୋକେ ଭିନ୍ନ ଭିନ୍ନ ପ୍ରତିନିଧି ବାଛିଥାନ୍ତି। ବିଧାନସଭା ଓ ସଂସଦ ନିର୍ବାଚନରେ ଅନେକ ସମୟରେ ଅନ୍ତର୍ଭୁକ୍ତ ହୋଇଥିବା ରାଜସ୍ୱ ଗ୍ରାମକୁ ଯାଇକି ଦେବାକୁ ପଡେ। ରାଜସ୍ୱ ଗ୍ରାମ ହୋଇ ନଥିବା ହେତୁ ଜମିପଟ୍ଟା, ଆଧାରକାର୍ଡ, ଭୋଟରକାର୍ଡ ଆଦିରେ ମହୁଲପଡ଼ାର ନାମ ଆସି ନ ଥାଏ, ଯାହା ଗ୍ରାମବାସୀଙ୍କୁ ବ୍ୟଥିତ କରିଥାଏ।ଗ୍ରାମର ଅନେକ ଲୋକଙ୍କ ଜମି ଭିନ୍ନ ବ୍ଲକରେ ଆସୁଥିବା ହେତୁ ଜମି ମରାମତି ସୁବିଧା ପାଇ ପାରୁ ନଥିବା ଅଭିଯୋଗ ହେଉଛି।ଗାଁର ଗୋଟିଏ ପଡ଼ା କିଛି ସୁବିଧା ପାଉ ଥିବା ବେଳେ ଅନ୍ୟ ବ୍ଲକରେ ଆସୁଥିବା ଗ୍ରାମବାସୀ ସୁବିଧା ପାଇ ନଥାନ୍ତି।ଏସବୁ ଅସୁବିଧା ପାଇଁ ଗ୍ରାମବାସୀଙ୍କ ଦାବି ହେଲା ଗାଁକୁ ଗୋଟିଏ ରାଜସ୍ୱ ଗ୍ରାମର ମାନ୍ୟତା ଦେଇ ଗୋଟିଏ ବ୍ଲକରେ ଅନ୍ତର୍ଭୁକ୍ତ କରାଯାଉ। ଯାହାଫଳରେ ଗ୍ରାମବାସୀ ସମାନ ଭାବରେ ସରକାରୀ ସୁବିଧା ସୁଯୋଗ ପାଇ ପାରିବେ। ସରକାର ଶୀଘ୍ର ଏଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।



---

# ପୂର୍ବତନ ଗାଁସାଥୀଙ୍କ ବିରୋଧରେ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

**ବୌଦ୍ଧ, ୧୯ ।୬(ସମିସ):** ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ବଡଖଲିଗାଁ ଗ୍ରାମର ଜଣେ ପୂର୍ବତନ ଗାଁ ସାଥୀ ବିଶୃଙ୍ଖଳା କରୁଛନ୍ତି। ଏଭଳି ଅଭିଯୋଗ କରି ଗ୍ରାମବାସୀ ଜିଲ୍ଲାପାଳ ଓ ବୌଦ୍ଧ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଥମେ ଗାଁ ସାଥୀ ଥିବା ମହିମାବତୀ ଭୋଇ ମନରେଗା କାର୍ଯ୍ୟରେ ସହଯୋଗ ନ କରିବାରୁ ଶ୍ରମିକମାନେ କାମ ପାଇ ନ ଥିଲେ। ମନରେଗା ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିଲା। ଦ୍ୱିତୀୟ ଗାଁ ସାଥୀ ମଧ୍ୟ ବିବାହ କରିବା ପରେ ଶାଶୂ ଘରେ ରହୁଛନ୍ତି। ସେଥିପାଇଁ ଗ୍ରାମବାସୀ ପଲିସଭା ଜରିଆରେ ଗ୍ରାମର ବିଜୟ ରଣାଙ୍କୁ ୨୦୨୨ରୁ ଗାଁ ସାଥୀ ଭାବେ ମନୋନୀତ କରିଥିଲେ; ହେଲେ ଗ୍ରାମର ସମସ୍ତ କାର୍ଯ୍ୟରେ ମହିମାବତୀ ଭୋଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ଗ୍ରାମବାସୀ ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଦାବି କରିଛନ୍ତି।




---

# ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀ ଅସନ୍ତୁଷ୍ଟ



**ସୋନପୁର, ୧୯।୬(ସମିସ):** ସୋନପୁର ବ୍ଲକ ଲଛିପୁର ପାକ୍ସ ଅଧୀନରେ ବାଲପୁର ଗାଁରେ ଧାନ କ୍ରୟ ସମ୍ପ୍ରସାରଣ କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ବାଲପୁର ଗାଁର ଚାଷୀ ଧାନ ବିକ୍ରୟ କରିଥାନ୍ତି। ତେବେ କେନ୍ଦ୍ରରେ ଟାର୍ଗେଟ ସରିଥିବା ଏବଂ ନୂଆ ଟାର୍ଗେଟ ଆସି ନଥିବା କହି ଧାନ କ୍ରୟ କରୁନାହିଁ। ଫଳରେ ବାଲପୁରର ଚାଷୀ କେନ୍ଦ୍ରକୁ ଧାନ ବିକିବା ପାଇଁ ଧାନ ଆଣିବା ପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧୫ ଦିନରୁ ଅଧିକ ହେବା ସତ୍ତ୍ୱେ ନୂତନ ଟାର୍ଗେଟ ଆସି ନଥିବାରୁ ସେମାନେ ଧାନ ବିକ୍ରି କରି ପାରୁନାହାନ୍ତି। ଧାନ କ୍ରୟ କେନ୍ଦ୍ରରେ କୌଣସି ଛାଉଣିର ବ୍ୟବସ୍ଥା ନାହିଁ। ଏଣେ ବର୍ଷା ଯୋଗୁଁ ଧାନ ଭିଜି ଗଜା ହୋଉଥିବା ଚାଷୀ ଅଭିଯୋଗ କରିଛନ୍ତି। କେନ୍ଦ୍ରରୁ ଚାଷୀଙ୍କ ଧାନ ଶୀଘ୍ର ଉଠାଇବା ଦାବିରେ ଗୁରୁବାର ବାଲପୁର ଗାଁର ଶତାଧିକ ଚାଷୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଞ୍ଜନ ଦାସଙ୍କୁ ଭେଟି ପ୍ରତିବାଦ କରିଥିଲେ। ନୂଆ ଟାର୍ଗେଟ ଆସିବା ନେଇ ପ୍ରସ୍ତୁତି ଚାଲିଛି ଓ ଦିନେ ଦୁଇ ଦିନ ମଧ୍ୟରେ ଏହାର ସମାଧାନ ହେବ ବୋଲି ସେ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

---

# ମହାନଦୀ ସୁରକ୍ଷା ଓ ଜଳ ବିବାଦର ସମାଧାନ ପାଇଁ ଆହ୍ୱାନ

**ବିନିକା, ୧୯।୬(ସମିସ):** ଓଡ଼ିଶାର ଜୀବନରେଖା ମହାନଦୀ ଜଳ ବିବାଦ ସମସ୍ୟା ଦୀର୍ଘ ବର୍ଷ ହେଲା ଲାଗିରହିଛି। ଏନେଇ ଗୁରୁବାର ବିନିକାର ଚନ୍ଦ୍ରମା ସଭାଗୃହରେ ମହାନଦୀ ବଞ୍ଚାଅ ସମସ୍ୟାକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହାର ସମାଧାନ ସହିତ ସୁରକ୍ଷା ଦିଗରେ ମୋହନ ସରକାର ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ କହିଛନ୍ତି। ସମାଜସେବୀ ଗୌରୀଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ଜୀବନରେଖା ମହାନଦୀ ଗଭୀର ସଙ୍କଟ ଦେଇ ଗତି କରୁଛି। ଦିନକୁ ଦିନ ନଦୀର ପ୍ରବାହ କମିବା ସହ ଏହାର ଜଳ ପ୍ରଦୂଷିତ ହେଉଛି। ଛତିଶଗଡ଼ ଉପର ମୁଣ୍ଡରେ ମହାନଦୀ ଜଳକୁ ଅଟକାଇ ଦେଇଥିବାରୁ ଜଳ କ୍ଷମତା କମି କମି ଯାଉଛି। ଆଗାମୀ ଦିନରେ ରାଜ୍ୟରେ ଜଳ ସଙ୍କଟ ସମସ୍ୟା ସୃଷ୍ଟି କରିବ। ତେଣୁ ବର୍ତ୍ତମାନ ଟ୍ରିପଲ୍ ଇଞ୍ଜିନ ସରକାର (ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ର ସରକାର) ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ୟା ସମାଧାନ କରିବାକୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଆହ୍ୱାନ ଦିଆଯାଇଛି। ସେହିପରି କଳକାରଖାନା ଗୁଡିକର ଦୂଷିତ ଜଳ ଓ ବର୍ଜ୍ୟବସ୍ତୁ ମହାନଦୀ ପାଣିରେ ମିଶି ପ୍ରଦୂଷଣ ବଢ଼ାଉଛି। ଫଳରେ ଲୋକଙ୍କ ବ୍ୟବହାର ଉପଯୋଗୀ ହୋଇ ରହୁନାହିଁ। ଦୂଷିତ ଜଳ ଯୋଗୁଁ ଅନେକ ଜଳଚର ଜୀବ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ମହାନଦୀକୁ କଳକାରଖାନାରୁ ନିର୍ଗତ ଦୂଷିତ ଜଳ ଛାଡୁଥିବା ବ୍ୟକ୍ତି ବା ସଂସ୍ଥା ବରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ଆଲୋଚନାଚକ୍ରରେ ଦାବି କରାଯାଇଥିଲା। ପରେ ଉପସ୍ଥିତ ଥିବା ସମସ୍ତ ସଚେତନ ନାଗରିକଙ୍କ ନିଷ୍ପତି କ୍ରମେ ମହାନଦୀ ବଞ୍ଚାଅ ସୁବର୍ଣ୍ଣପୁର ଶାଖା ଗଠିତ ହୋଇଥିଲା। ଆସନ୍ତା ଜୁଲାଇରେ ମୁକ୍ତିତୀର୍ଥ ପାପକ୍ଷୟ ଠାରେ ମହାନଦୀ ବଞ୍ଚାଅ ସମ୍ମିଳନୀ କରାଯିବ ବୋଲି ଆବାହକ ସୁଦର୍ଶନ ଦାସ ଘୋଷଣା କରିଛନ୍ତି।



---

# ଜିଲ୍ଲାସ୍ତରୀୟ ସର୍ବୋଦୟ ସଂକଳ୍ପ ଶିବିର ଉଦ୍‌ଯାପିତ

**ବିନିକା, ୧୯।୬(ସମିସ):** ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ତରଫରୁ ବିନିକା ଚନ୍ଦ୍ରମା ସଭାଗୃହରେ ଚାଲିଥିବା ଜିଲ୍ଲାସ୍ତରୀୟ ସର୍ବୋଦୟ ସଂକଳ୍ପ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ସଭାପତି ସୁଦର୍ଶନ ଦାସ, ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ଲବ ସାହୁ, କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଗୌରୀ ଶ୍ୟାମ ପଣ୍ଡା, ବୀରମହାରାଜପୁର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ, ପିସିସି ସାଧାରଣ ସମ୍ପାଦକ ଜୀତେନ୍ଦ୍ର ପଟ୍ଟନାୟକ, ଉଲୁଣ୍ଡା ବ୍ଲକ ସଭାପତି ପ୍ରଭୁଦତ୍ତ ବସ୍ତିଆ, ଅନିଲ ନାଏକ, ଉମାକାନ୍ତ ଦୀପ, ସୁମନ୍ତ ସାହୁ, ସୁଧାଂଶୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପରେ ସଂଗଠନ ତରଫରୁ କେନ୍ଦ୍ର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା।

---

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶିକ୍ଷଣ ଶିବିର

**ବିନିକା, ୧୯।୬(ସମିସ):** ଓଡ଼ିଶା ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ବିନିକା ଏନ୍ଏସି ଓ ସ୍ପୋର୍ଟ୍ସ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସିଦ୍ଧାର୍ଥ କଲେଜ ପରିସରରେ ଥିବା ବନ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ଦୁର୍ବିପାକ ମୁକାବିଲା ନେଇ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ବିନିକା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଓ ବିନିକା ସ୍ପୋର୍ଟସ କ୍ଲବ୍ ସଭାପତି ସୋମନାଥ ମିଶ୍ରଙ୍କ ସଂଯୋଜନାରେ ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସୁପରଭାଇଜର ମୟୂରେସ ପଣ୍ଡା, ଡିପିଓ ବିଶ୍ୱନାଥ ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ସତ୍ୟବ୍ରତ ସାହୁ, ମେଡିକାଲ ଅଫିସର ଡ.ମନୋଜ ପଣ୍ଡା, ତହସିଲଦାର ରେଶ୍ମା ଭୋଇ, ଏସଡିଓ ଏକେ ମୂର୍ତ୍ତି, ଅଧ୍ୟକ୍ଷ ସୁବାସ ଭୋଇ, ଅଧ୍ୟାପିକା ବୈଜୟନ୍ତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ବା ଦୁର୍ବିପାକର ସମ୍ମୁଖୀନ ହେବା ସହ କିପରି ସମସ୍ତେ ସୁରକ୍ଷିତ ରହିପାରିବେ ସେ ନେଇ ଆଲୋଚନା ହୋଇଥିଲା। ପରେ ସ୍ୱେଚ୍ଛାସେବୀ ମାନେ ତାଲିମ ନେଇଥିବା ସୁରକ୍ଷା କୌଶଳ ଦେଖାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ତେଜରାଜ ସାହୁ, ରବି ନାରାୟଣ ଦାସ, ମିଥୁନ ଅମାତଙ୍କ ତରଫରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ସହ ଅନ୍ୟ ମାନଙ୍କୁ କିପରି ରକ୍ଷା କରାଯାଇ ପାରିବ ସେ ଦିଗରେ ଆବଶ୍ୟକ ସରଞ୍ଜାମ ବ୍ୟବହାର ସ୍ୱରୂପ ଡେମୋ ପ୍ରଦର୍ଶନ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର କର୍ମଚାରୀ, ସ୍ୱେଚ୍ଛାସେବୀ, ସାଧାରଣ ଲୋକ, ଅଙ୍ଗନବାଡ଼ି, ଆଶାକର୍ମୀ ଉପସ୍ଥିତ ଥିଲେ।



---

# ଚିତ୍ରଶିଳ୍ପୀ ସଂଘର ନୂତନ କର୍ମକର୍ତ୍ତା ଚୟନ

**ଧର୍ମଗଡ଼, ୧୯ ।୬(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଛିଲପା ଜେନା ଡଙ୍ଗରିଠାରେ ଚିତ୍ରଶିଳ୍ପୀ ସଂଘର ଏକ ସାଧାରଣ ବୈଠକ ଦିନ ହୋଇଯାଇଛି। ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସଭାପତି ଭାବେ ଅଜିତ ସେନା, ଉପସଭାପତି ଭାବେ ପରଦେଶୀ ସୁନାନୀ, ସମ୍ପାଦକ ଭାବେ ଦୀପକ ମୁଣ୍ଡ, ସହ ସମ୍ପାଦକ ଭାବେ ଲଳିତ ମୋହନ ବାଣୁଆ, କୋଷାଧ୍ୟକ୍ଷ ଭାବେ କର୍ମଜୟ ନାଏକଙ୍କୁ ଚୟନ କରାଯାଇଛି। ତେବେ ବୈଠକରେ ଲଳିତ ବାଣୁଆ ସଭାପତିତ୍ୱ କରିଥିଲେ। ରିଖିରାମ ସାଗର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବୀନ ସରାଫ ଓ ହଳଧର ନିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମଚନ୍ଦ ତାଣ୍ଡି, ମହିଧର ସାଗର, ଅଜିତ ବାଗ, ବସନ୍ତ ମହାରଣା, ସରୋଜ ବାଗ, କାଳିଆ ସୁନାନୀ, କୈଳାସ ଜାଳ, ଟିକଟନ ପରା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରମଣି ସା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜଗଦୀଶ ଦୁର୍ଗା ପରିଚାଳନା କରିଥିଲେ।



---

# ଧର୍ମଗଡ଼ରେ ରଥଯାତ୍ରା ପାଇଁ ପ୍ରସ୍ତୁତି

**ଧର୍ମଗଡ଼, ୧୯ ।୬(ସମିସ):** ଧର୍ମଗଡ଼ ବ୍ଲକ ସଭାଗୃହରେ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ କୁମାର ତିର୍କୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରଥଯାତ୍ରା ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗଠିତ ବିଭିନ୍ନ କମିଟିର ସଦସ୍ୟମାନେ ଯତ୍ନବାନ ହେବା ସହିତ ରଥ ଯାତ୍ରାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଉପ ଜିଲ୍ଲାପାଳ ଶ୍ରୀ ତିର୍କୀ ଗୁରୁତ୍ୱ ପ୍ରଦାନ କରିଥିଲେ। ବୈଠକରେ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ, ବିଡିଓ ସଦାଶିବ ନାୟକ, ଥାନା ଅଧିକାରୀ ପ୍ରଶାନ୍ତ କୋଲ୍ଲାରସ, ନଗରପାଳ ଅଶୋକ ମହାନ୍ତି, ସହ ଜିଲ୍ଲାପାଳ ମନ୍ମଥ ବେହେରା, ସହ ଜିଲ୍ଲାପାଳ ଶ୍ରୀକାନ୍ତ ଶତପଥୀ, ଶ୍ରୀ ବ୍ରଜମୋହନ ପଞ୍ଚଦେବ ଶ୍ରୀ ରାଧାକୃଷ୍ଣ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଷି, ସମ୍ପାଦକ ନିରଞ୍ଜନ ମହାପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ସୁକଲାଲ ଅଗ୍ରୱାଲ, ସୁରେଶଚନ୍ଦ୍ର ମୁଣ୍ଡ, କୃପାସିନ୍ଧୁ ପଣ୍ଡା, ବିଦ୍ୟାଧର ସାହୁ, ହୃଷୀକେଶ ମିଶ୍ର, ସରୋଜ ସାହୁ, ଜନ୍ମେଜୟ ନାଏକ, ସୁବାସ ଅଗ୍ରୱାଲ, ପୂର୍ବତନ ନଗରପାଳ ସୁଶ୍ରୀ ହୀରା ବାଗ, ଲକ୍ଷ୍ମୀକାନ୍ତ ବାଗ, ସାମ୍ବାଦିକ ଇଙ୍ଗିତ ପଣ୍ଡା, କୁମୁଦ ଚନ୍ଦ୍ର ସାହୁ, ଦିନେଶ ଅଗ୍ରୱାଲ ପ୍ରମୁଖଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ରଥଯାତ୍ରାରେ ଜନ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ଓ ଶାନ୍ତି ଶୃଙ୍ଖଳା, ବିଦ୍ୟୁତ୍ କାଟ୍ ଓ ସଂଯୋଗ, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ବ୍ୟବସ୍ଥା ଉପରେ ବିଶଦ ଭାବେ ଆଲୋଚନା ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ସିଂ ଧନ୍ୟବାଦ୍ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଜୁନ ୨୬ରେ ଶ୍ରୀ ଜୀଉଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଜୁନ ୨୭ ତାରିଖରେ ଶ୍ରୀ ଗୁଣ୍ଡିଚା ଯାତ୍ରା, ଜୁଲାଇ ୧ରେ ହେରା ପଞ୍ଚମୀ ଏବଂ ଜୁଲାଇ ୫ ତାରିଖରେ ଶ୍ରୀ ଜୀଉଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହେବ।



---

**ଜିଲ୍ଲାସ୍ତରୀୟ 'ବିକାଶ ମେଳା' ଉଦ୍‌ଯାପିତ**

# ନିଜ ଲୋକଙ୍କୁ ନିଜ କଥା କହିଲା ପ୍ରଶାସନ

**ନୂଆପଡ଼ା, ୧୯ ।୬(ସମିସ)**

ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ସାତ ଦିନ ଧରି ଚାଲିଥିବା 'ବିକାଶ ମେଳା ଉଦ୍‌ଯାପିତ ହୋଇଛି। ଆୟୋଜନକୁ ଦେଖିଲେ ବର୍ତ୍ତମାନ ଚାଷ ସମୟ ସାଙ୍ଗକୁ ଲୋକଙ୍କୁ ମୋହିଲା ଭଳି କାର୍ଯ୍ୟକ୍ରମ ହୋଇନଥିବାରୁ ପ୍ରଥମ ଦିନର କାର୍ଯ୍ୟକ୍ରମକୁ ଛାଡି ଦେଲେ ବାକି ଛଅ ଦିନର କାର୍ଯ୍ୟକ୍ରମ ମାନ୍ଦା ପଡ଼ିଥିବା ଚର୍ଚ୍ଚାର ବିଷୟ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ପଞ୍ଚାୟତିରାଜ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ହସ୍ତଶିଳ୍ପ ବିଭାଗ ସେମାନଙ୍କ କର୍ମଶାଳା ଆୟୋଜନ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଅଧ୍ୟକ୍ଷତା କରିଥିଲେ। ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ପଞ୍ଚାୟତିରାଜ ବିଭାଗରୁ ସିଡିଓ। ଧରୁଆ, ଘୋଷ, ଲେଙ୍କା, ପାନୀୟ ଜଳଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ନିଜ ନିଜ ବିଭାଗର ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବା ସହିତ ବିଭାଗୀୟ ସଫଳତାର କାହାଣୀ ପ୍ରଦର୍ଶନ କରିଥିଲେ। ମଞ୍ଚରେ କୃତୀ କାରିଗରଙ୍କୁ ଏବଂ ଜିଲ୍ଲାର କୃତୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତିରାଜ ବିଭାଗ ତରଫରୁ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବ୍ଲକ କଳା ସଂସ୍କୃତି ସଂଘ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧୀକରଣ ସଚିବ ନବନୀତା ଦାଶଙ୍କ ଉଦ୍ୟମରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଏଡିଏଚ୍, ପୁଷ୍ପ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ କ୍ଷୁଦ୍ର ନାଟକ 'ପରିବେଶ ଭଗାରୀ ପ୍ଲାଷ୍ଟିକ ଜରି' ପରିବେଷଣ କରିଥିଲେ। ସାତ ଦିନ ବ୍ୟାପୀ 'ବିକାଶ ମେଳା' ର ସୁମଧୁର ପରିସମାପ୍ତି ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ରଜ ଦୋଳି ମୁଖ୍ୟ ଆକର୍ଷଣ ଥିଲା। ବିକାଶ ମେଳା ଯେ ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ସଫଳତାର ଲେଖା ଯୋଖା ଉପସ୍ଥାପନା କରିବାର ମେଳା ଥିଲା। ବିଶାଳକାୟ ଷ୍ଟେଜ ସହ ସୁଷ୍ଟଲ ଗୁଡିକର ସାଜ ସଜ୍ଜା ନିଆରା ଥିଲା।ହେଲେ ଆୟୋଜନକୁ ହିସାବ କଲେ ସେହି ଅନୁସାରେ କାର୍ଯ୍ୟକ୍ରମରେ ଭିଡ଼ ଜମି ନଥିଲା। ଅର୍ଦ୍ଧାଧିକ ଷ୍ଟଲ ଖାଲି ପଡ଼ିଥିଲା। ଚାଷ ସମୟ ହେତୁ ଲୋକ ଆସୁନଥିଲେ। ବାଧ୍ୟ ହୋଇ ପ୍ରଶାସନିକ କଳ ତରଫରୁ କର୍ମଚାରୀ ଯୋଗାଡ଼ ହୋଇ ଆସୁଥିଲେ। ହେଲେ କ୍ୟାମ୍ପସରେ ଜିଲ୍ଲାପାଳଙ୍କ ନିଆରା ପ୍ରୟାସରେ ରଜସଂକ୍ରାନ୍ତି ହେତୁ ଦୋଳି ଖଞ୍ଜା ଯାଇଥିଲା। ଏଥିରେ ଦୁଇ ଦିନ ବେଶ ଭିଡ଼ ଦେଖିବାକୁ ମିଳିଥିଲା। ଜିଲ୍ଲାପାଳ ଦାଶ ମଧ୍ୟ ପିଲାଠୁ ବୁଢ଼ାଙ୍କ ସହ ସେଲଫି ଉଠାଇ ଉତ୍ସାହିତ କରିଥିଲେ।



# ଯୁଦ୍ଧରୁ ଆମେରିକା ଦୂରେଇ ରହୁ: ରୁଷ

## ଇରାନ ଉପରେ ଆମେରିକା ଆକ୍ରମଣ କଲେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ

ତେହରାନ/ତେଲ ଆଭିଭ, ୧୯।୬ (ଏଜେନ୍ସି): ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଏଥିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେରିକାକୁ ଚେତାବନୀ ଦେଇଛି ରୁଷିଆ। ଏହି ଯୁଦ୍ଧ ଧ୍ୱଂସ ଆଡ଼କୁ ମୁହାଁଉଥିବାରୁ ଇସ୍ରାଏଲ ପ୍ରଥମେ ଆକ୍ରମଣ ବନ୍ଦ କରୁ ବୋଲି ରୁଷିଆ କହିଛି। ଗତ ସାତ ଦିନ ଧରି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଚାଲିଛି ଏବଂ ଏଥିରେ ଆମେରିକା ସାମିଲ ହୋଇପାରେ ବୋଲି ସଙ୍କେତ ମିଳିବା ପରେ ରୁଷିଆ ପ୍ରଥମ ଥର ଲାଗି ମୁହଁ ଖୋଲିଛି। ରୁଷ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି ଯେ ବର୍ତ୍ତମାନ ପରିସ୍ଥିତିରେ ସାମରିକ ହସ୍ତକ୍ଷେପ ନକରିବା ଲାଗି ଆମେ ଆମେରିକାକୁ ସତର୍କ କରାଇ ଦେଉଛୁ। ଏହା ଏକ ବିପଜ୍ଜନକ ପଦକ୍ଷେପ ହେବ ଏବଂ ଏହାର ପରିଣାମ ଭୟଙ୍କର ହୋଇପାରେ।

ଏହାପୂର୍ବରୁ ରୁଷ ଉପବୈଦେଶିକ ମନ୍ତ୍ରୀ ସାର୍ଗେଇ ରିୟାବକୋଭ ମଧ୍ୟ ସମାନ ଧରଣର ଚିନ୍ତା ପ୍ରକଟ କରି କହିଥିଲେ ଯେ ଯୁଦ୍ଧରେ ଇସ୍ରାଏଲକୁ ଆମେରିକା ସାମରିକ ସହାୟତା ଦେବା ବନ୍ଦ କରୁ। ଯୁଦ୍ଧରେ ଆମେରିକା ସାମିଲ ହେଲେ ସଂପୃକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ହେବା ସହିତ ପରିସ୍ଥିତିକୁ ସମ୍ଭାଳିବା ଅସମ୍ଭବ ହୋଇପଡ଼ିବ। ତେଣୁ ଆକ୍ରମଣ ସଂପର୍କରେ ଆମେରିକା ଚିନ୍ତା କରିବା ମଧ୍ୟ ଉଚିତ ନୁହେଁ।

ଇରାନର ପରମାଣୁ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଯେପରି ଆଖିବୁଜା ଆକ୍ରମଣ ଚଳାଇଛି ସେଥିରେ ଉଦବେଗ ପ୍ରକାଶ କରି ବୈଦେଶିକ ବିଭାଗ ମୁଖପାତ୍ର ମାରିଆ କହିଲେ ଯେ ଏଭଳି ଆକ୍ରମଣ ଜାରି ରହିଲେ ବିଶ୍ୱକୁ ଧ୍ୱଂସ ହେବାକୁ ବେଶି ସମୟ ଲାଗିବ ନାହିଁ। ଏହାକୁ ନେଇ ଜାତିସଂଘ ପରମାଣୁ ନିରାପତ୍ତା ସଂସ୍ଥା ମଧ୍ୟ ଉଦବେଗ ପ୍ରକାଶ କରିସାରିଛି। ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଯୋଗୁଁ ସଂପୃକ୍ତ ଅଞ୍ଚଳରେ ବିକରଣ ବିପଦ ବଢ଼ୁଛି। ଏହାକୁ ରୋକିବା ଲାଗି ବିଶ୍ୱ ସମୁଦାୟ ସ୍ୱର ଉତ୍ତୋଳନ କରୁନାହିଁ କାହିଁକି? ପରିବେଶବିତମାନେ କୁଆଡ଼େ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଇରାନର ବୁଶେହର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରୁ ବୋଲି ସେ ପରାମର୍ଶ ଦେଇ କହିଛନ୍ତି ଯେ ସେଠାରେ ରୁଷ ପରମାଣୁ ବିଶେଷଜ୍ଞ କାର୍ଯ୍ୟରତ ଅଛନ୍ତି। ଏହା ହେଉଛି ଇରାନର ଏକମାତ୍ର ପରମାଣୁ ଶକ୍ତି କେନ୍ଦ୍ର ଯେଉଁଠାରେ କି ରୁଷ ଇନ୍ଧନ ବ୍ୟବହୃତ ହେଉଛି।



ସୂଚନାଯୋଗ୍ୟ ଯେ ଗତକାଲି ରୁଷିଆ ଏବଂ ୟୁଏଇ ଇରାନ-ଇସ୍ରାଏଲ ଯୁଦ୍ଧକୁ ତୁରନ୍ତ ବନ୍ଦ କରିବା ଲାଗି ଆହ୍ୱାନ ଦେବା ସହିତ କହିଥିଲେ ଯେ ଏହାର ରାଜନୈତିକ ଓ କୂଟନୈତିକ ସାମଧାନ ରାସ୍ତା ବାହାର କରାଯାଉ।

ଯୁଦ୍ଧରେ ସାମିଲ ନହେବା ଲାଗି ଚୀନ ମଧ୍ୟ ଆମେରିକାକୁ ସତର୍କ କରାଇ ଦେଇଛି। ପ୍ରଥମ ଥର ଲାଗି ତାଙ୍କ ପ୍ରତିକ୍ରିୟାରେ ଚୀନ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଛନ୍ତି ଯେ ଅନ୍ୟ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରାଯିବା ଠିକ୍ ନୁହେଁ। ଏହା ମଧ୍ୟପ୍ରାଚ୍ୟରେ ବିପଜ୍ଜନକ ସ୍ଥିତି ସୃଷ୍ଟିବ। ଏଥିରୁ ବିରତ ରହିବା ଲାଗି ସେ ଆମେରିକାକୁ ପରାମର୍ଶ ଦେଇଛନ୍ତି। ମାମଲାର ଆପୋଷ ସମାଧାନରେ ଚୀନ ଗଠନମୂଳକ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

### ଖାମନେଇଙ୍କୁ ହତ୍ୟା ଧମକ ଦେଲା ଇସ୍ରାଏଲ

ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମନେଇଙ୍କୁ ହତ୍ୟା କରିବାକୁ ପଡ଼ିବ। ତାଙ୍କୁ ବଞ୍ଚିବାକୁ ଦିଆଯିବା ଉଚିତ ନୁହେଁ। ଏଭଳି ଧମକ ଦେଇଛନ୍ତି ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ। ଇସ୍ରାଏଲ ଉପରେ ଇରାନର ଭୀଷଣ କ୍ଷେପଣାସ୍ତ୍ର ଆକ୍ରମଣ ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଇସ୍ରାଏଲକୁ ଧ୍ୱଂସ କରିବା ହେଉଛି ଖାମନେଇଙ୍କ ମୂଳ ଲକ୍ଷ୍ୟ। ତାଙ୍କ ନିର୍ଦ୍ଦେଶରେ ଇସ୍ରାଏଲର ମେଡିକାଲ ଉପରେ ଇରାନୀ ସେନା କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ଏଥିରେ କ୍ଷତି ହୋଇଥିବା ସ୍ୱୀକାର କରି ସେ କହିଛନ୍ତି ଯେ ଖାମନେଇ ଯେଉଁଠି ଲୁଚିଥିଲେ ମଧ୍ୟ ତାଙ୍କୁ ଠାବ କରି ଇସ୍ରାଏଲୀ ସେନା ହତ୍ୟା କରିପାରିବେ। ଯୁଦ୍ଧ ଆରମ୍ଭରୁ ଇସ୍ରାଏଲର ଏଭଳି ଯୋଜନା ଥିଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରଣ କରିବାରୁ ଇସ୍ରାଏଲ ତାର ଏହି ଯୋଜନାରେ ଆଗେଇ ପାରିନାହିଁ।

# ୯ ଟି ଦେଶ ପାଖରେ ୯ ୯୦୦ ପରମାଣୁ ଅସ୍ତ୍ର, ରୁଷିଆରେ ସର୍ବାଧିକ

ଷ୍ଟକହାମ୍, ୧୯।୬(ଏଜେନ୍ସି): ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଚାଲିଥିବା ଭୟାଭୟ ଯୁଦ୍ଧର ମୂଳ କାରଣ ହେଉଛି ପରମାଣୁ ଅସ୍ତ୍ର। ଇରାନ ପରମାଣୁ ଅସ୍ତ୍ର ତିଆରୀ କରୁଛି ଏବଂ ଏହା ଇସ୍ରାଏଲ ପ୍ରତି ବିପଦ ବୋଲି କହୁଛି ଇସ୍ରାଏଲ। ଏହି କାରଣରୁ ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ ପାଇଁ ଲାଗି ପଡ଼ିଛନ୍ତି ଉଭୟ ଇସ୍ରାଏଲ ଏବଂ ଆମେରିକା। ଇରାନ ଏହା ପାଖରେ କୌଣସି ପରମାଣୁ ଅସ୍ତ୍ର ନାହିଁ କି ଏହାର ଏଭଳି କୌଣସି ଯୋଜନା ନାହିଁ ବୋଲି କହୁଛି। କିନ୍ତୁ ଆମେରିକା ଓ ଇସ୍ରାଏଲ ଏହା ମାନିବାକୁ ନାରାଜ। ଏଭଳି ସ୍ଥିତିରେ କେଉଁ ଦେଶ ପାଖରେ କେତେ ପରମାଣୁ ଅସ୍ତ୍ର ରହିଛି, ତାହାକୁ ନେଇ ଲୋକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି ହେବା ସ୍ୱାଭାବିକ। ଏପର୍ଯ୍ୟନ୍ତ ନିଜ ପାଖରେ ପରମାଣୁ ଅସ୍ତ୍ରଶସ୍ତ୍ର ରଖିଛନ୍ତି ବୋଲି ୯ଟି ଦେଶ ଦାବି କରିଛନ୍ତି। ଏବେ ୯ଟି ଦେଶ ପାଖରେ ୯ ହଜାର ୯୦୦ରୁ ଅଧିକ ପରମାଣୁ ଅସ୍ତ୍ର ରହିଛି ବୋଲି ଷ୍ଟକହାମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଆକଳନ କରିଛି। ପ୍ରଥମେ ୫ଟି ଦେଶ ଯଥା ଆମେରିକା, ରୁଷିଆ, ଫ୍ରାନ୍ସ, ଚୀନ୍ ଓ ବ୍ରିଟେନ ପାଖରେ ପରମାଣୁ ଅସ୍ତ୍ର ରହିଥିଲା। ଏହି ୫ଟି ଦେଶ ପରମାଣୁ ଅପ୍ରସାର ସନ୍ଧି(ଏନ୍‌ପିଟି)ରେ ସ୍ୱାକ୍ଷର କରିଛନ୍ତି। ଏହା ଅନୁସାରେ ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ନାହିଁ, ସେମାନେ ପରମାଣୁ ଅସ୍ତ୍ର ତିଆରି କରିବେ ନାହିଁ ଓ ଏହାକୁ ହାସଲ କରିବେ ନାହିଁ। ପୁଣି ଯେଉଁ ଦେଶଗୁଡିକ ପାଖରେ ପରମାଣୁ ଅସ୍ତ୍ର ରହିଛି, ସେହି ଦେଶଗୁଡିକ ପରମାଣୁ ନିରସ୍ତ୍ରୀକରଣ ଉଦ୍ଦେଶ୍ୟରେ ସଦ୍‌ଭାବନାପୂର୍ବକ ଆଲୋଚନା ଜାରି ରଖିବେ। ଏହି ୫ଟି ଦେଶକୁ ବାଦ୍ ଦେଲେ ଦକ୍ଷିଣ ଏସିଆର ଦୁଇ ପାରମ୍ପରିକ ପ୍ରତଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସମେତ ଇସ୍ରାଏଲ ଏବଂ ଉତ୍ତରକୋରିଆ ପାଖରେ ମଧ୍ୟ ପରମାଣୁ ଅସ୍ତ୍ର ରହିଛି। ରୁଷିଆ ପାଖରେ ସର୍ବାଧିକ ୪, ୩୦୯ ଏବଂ ଉତ୍ତରକୋରିଆ ପାଖରେ ସର୍ବନିମ୍ନ ୫୦ଟି ପରମାଣୁ ଅସ୍ତ୍ର ରହିଛି। ଭାରତ ଓ ପାକିସ୍ତାନ ପାଖରେ ଯଥାକ୍ରମେ ୧୮୦ ଓ ୧୭୦ଟି ପରମାଣୁ ଅସ୍ତ୍ର ରହିଛି।

ଭାରତ ପ୍ରଥମଥର ପାଇଁ ୧୯୭୪ରେ ପୋଖରାନ୍‌ରେ ପରମାଣୁ ପରୀକ୍ଷଣ କରିଥିଲା। ଏହାପରେ ଭାରତ ୧୯୯୮ରେ ମଧ୍ୟ ଏହାକୁ ଦୋହରାଇଥିଲା। ଏହାର କିଛି ସପ୍ତାହ ପରେ ପାକିସ୍ତାନ ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷଣ କରିଥିଲା। ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷଣ କରିଥିଲେ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହାନ୍ତି। ଇସ୍ରାଏଲ ନିଜ ପାଖରେ ପରମାଣୁ ଅସ୍ତ୍ର ରଖିଛି ବୋଲି କେବେ ଦାବି କରିନାହିଁ। କିନ୍ତୁ ଇସ୍ରାଏଲ ଏହି ବିଧ୍ୱଂସକାରୀ ଅସ୍ତ୍ର ରଖିଛି ବୋଲି ବିଶ୍ୱାସ କରାଯାଉଛି। ଇସ୍ରାଏଲ ମଧ୍ୟ ଏନ୍‌ପିଟିରେ ସ୍ୱାକ୍ଷର କରିନାହିଁ। ୧୯୮୫ରେ ଉତ୍ତର କୋରିଆ ଏନ୍‌ପିଟିରେ ସ୍ୱାକ୍ଷର କରିଥିଲେ ମଧ୍ୟ ୨୦୦୩ରେ ସେଥିରୁ ଓହରିଯାଇଥିଲା। ଆମେରିକାର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ବାହାନା କରି ଉତ୍ତର କୋରିଆ ଏହି ନିଷ୍ପତ୍ତି ନେଇଥିଲା। ଏହାପରେ ୨୦୦୬ଠାରୁ ଉତ୍ତର କୋରିଆ ଏକାଧିକବାର ପରମାଣୁ ପରିକ୍ଷା କରି ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି।

| କାହା ପାଖରେ କେତେ | |
|---|---|
| ରୁଷିଆ | ୪, ୩୦୯ |
| ଆମେରିକା | ୩, ୭୦୦ |
| ଚୀନ୍ | ୬୦୦ |
| ଫ୍ରାନ୍ସ | ୨୯୦ |
| ୟୁକେ | ୨୨୫ |
| ଭାରତ | ୧୮୦ |
| ପାକିସ୍ତାନ | ୧୭୦ |
| ଇସ୍ରାଏଲ | ୯୦ |
| ଉତ୍ତର କୋରିଆ | ୫୦ |

# ଦୁଇଟି ବିମାନର ଜରୁରୀ ଅବତରଣ



ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ଗୁରୁବାର ଦୁଇଟି ବିମାନର ଇମର୍ଜେନ୍ସି ଲ୍ୟାଣ୍ଡିଂ ହୋଇଛି। ଦିଲ୍ଲୀରୁ ଲେହ ଯାଉଥିବା ଇଣ୍ଡିଗୋ ବିମାନ ୬ଇ୨୦୦୬ ବୈଷୟିକ ତ୍ରୁଟି କାରଣରୁ ଗୁରୁବାର ସକାଳେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିଲା। ଏଥିରେ କ୍ରୁ ମେମ୍ବରଙ୍କ ସମେତ ୧୮୦ ଜଣ ଲୋକ ରହିଥିଲେ। ଏହାକୁ ବାଦ୍ ଦେଲେ ସ୍ପାଇସ୍ ଜେଟ୍ ବିମାନ ଏସ୍‌ଜି ୨୬୯୬ ଉଡାଣ ଆରମ୍ଭ କରିବାର ୧୦ ମିନିଟ୍ ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ବିମାନ ହାଇଦରାବାଦ୍‌ରୁ ତିରୁପତି ଯାଉଥିଲା ଓ ଏଥିରେ ୮୦ ଯାତ୍ରୀ ଥିଲେ। ଟେକ୍‌ଅଫ୍ ପରେ ବିମାନର ପଛ ଗେଟ୍‌ରେ କିଛି ସମସ୍ୟା ଥିଲା ବୋଲି ପାଇଲଟ୍ ସଙ୍କେତ ଦେଇଥିଲେ। ଫଳରେ ବିମାନକୁ ଏୟାରପୋର୍ଟକୁ ଫେରାଇ ଅଣାଯାଇଥିଲା। ଏହାପୂର୍ବରୁ ବୁଧବାର ଏୟାର ଇଣ୍ଡିଆର ୩ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା। ଏଗୁଡିକ ହେଲ ଦିଲ୍ଲୀ-ବାଲି, ଟରଣ୍ଟୋ- ଦିଲ୍ଲୀ ଓ ଦୁବାଇ- ଦିଲ୍ଲୀକୁ ଯାଉଥିବା ବିମାନ। ପୂର୍ବରୁ ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଏୟାର ଇଣ୍ଡିଆର ୭ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା। ସେହିପରି ଗତ ୧୨ରୁ ୧୭ତ ତାରିଖ ମଧ୍ୟରେ ଏୟାର ଇଣ୍ଡିଆର ମୋଟ୍ ୬୬ଟି ଫ୍ଲାଇଟ୍‌କୁ ବାତିଲ କରାଯାଇଥିଲା। ଗତ ୧୨ ତାରିଖରେ ଅହମଦାବାଦ୍ ବିମାନ ଦୁର୍ଘଟଣା ପରେ ବିଭିନ୍ନ କାରଣରୁ ଏହି ସବୁ ଫ୍ଲାଇଟ୍‌କୁ ବାତିଲ କରାଯାଇଛି।

## ୨୧୧ ମୃତକଙ୍କ ଡିଏନ୍‌ଏ ମ୍ୟାଚ୍; ୧୮୯ ମୃତଦେହ ହସ୍ତାନ୍ତର

ଅହମଦାବାଦ୍, ୧୯।୬(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୧୧ ଜଣ ମୃତକଙ୍କ ଡିଏନ୍‌ଏ ଟେଷ୍ଟ ଦ୍ୱାରା ପରିଚୟ ମିଳିସାରିଛି। ସେହିପରି ୧୮୯ଟି ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଗୁଜରାଟ ସ୍ୱାସ୍ଥ୍ୟ ମନ୍ତ୍ରୀ ଋଷିକେଶ ପଟେଲ ସୂଚନା ଦେଇଛନ୍ତି। ହସ୍ତାନ୍ତର ହୋଇଥିବ ମୃତଦେହଗୁଡିକ ମଧ୍ୟରୁ ୧୩୧ ଜଣ ଭାରତୀୟ, ୪ ଜଣ ପର୍ତ୍ତୁଗାଲ, ୩୦ ଜଣ ବ୍ରିଟିଶ ଓ ଜଣେ କାନାଡା ନାଗରିକ ସାମିଲ ରହିଛନ୍ତି। ଏଗୁଡିକ ମଧ୍ୟରୁ ୬ଜଣ ଅଣଯାତ୍ରୀ ଥିଲେ। ଦୁର୍ଘଟଣା ପରେ ୭୧ ଜଣଙ୍କୁ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୭ ଜଣଙ୍କର ଚିକିତ୍ସା ଏବେ ଚାଲୁଛି ଓ ବାକି ସବୁ ଘରକୁ ଫେରିସାରିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୧୨ ତାରିଖରେ ବିମାନ ଦୁର୍ଘଟଣା ଘଟିଥିଲା ଓ ଏଥିରେ ୨୪୧ଜଣ ମୃତ୍ୟୁବରଣ କରିଥିଲେ। ଏମାନଙ୍କ ମଧ୍ୟ ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ମଧ୍ୟ ସାମିଲ ଥିଲେ। ସମ୍ପୂର୍ଣ୍ଣ ରାଜକୀୟ ସମ୍ମାନ ସହ ତାଙ୍କୁ ଅନ୍ତେଷ୍ଟି କ୍ରିୟା ସମାପନ ହୋଇଛି।

# ଏଲନ୍ ମସ୍କଙ୍କ ରକେଟ ପରୀକ୍ଷା ବେଳେ ବିସ୍ଫୋରଣ



ଟେକ୍ସାସ, ୧୯।୬(ଏଜେନ୍ସି): ବିଶ୍ୱର ସବୁଠାରୁ ବିତ୍ତଶାଳୀ ବ୍ୟବସାୟୀ ଏଲନ ମସ୍କଙ୍କ ସ୍ପେଶ୍ ଏକ୍ସ ଷ୍ଟାରସିପ୍-୩୬ ରକେଟ୍ ଟେଷ୍ଟ ଅବସରରେ ହଠାତ ବିସ୍ଫୋରଣ ଶିକାର ହେବା ସହ ଜଳିଯାଇଛି। ବୁଧବାର ଆମେରିକାର ଟେକ୍ସାସ୍‌ର ଷ୍ଟାରବେସ୍ ଟେଷ୍ଟିଂ ସାଇଟ୍‌ରେ ଘଟିଥିବା ଏହି ଘଟଣା ମଙ୍ଗଳ ଗ୍ରହ ଅଭିଯାନକୁ ଶକ୍ତ ଝଟ୍‌କା ଦେଇଛି। ବିସ୍ଫୋରଣ ପରେ ବହୁ ଦୂରକୁ ନିଆଁ ଓ ଧୂଆଁ ଦେଖିବାକୁ ମିଳିଥିଲା। ଭାରତୀୟ ସମୟ ଅନୁସାରେ ଗୁରୁବାର ସକାଳ ୯.୩୦ରେ ଏହି ବିସ୍ଫୋରଣ ହୋଇଥିଲା। ଟେଷ୍ଟ ଆରମ୍ଭ ହେବାର ଠିକ୍ ପୂର୍ବରୁ ଯେଉଁଠାରେ ଇନ୍ଧନ ନିଆଯାଇଥାଏ ଅର୍ଥାତ ରକେଟ୍ ଉପରେ ଭାଗରେ ହିଁ ଅଚାନକ ବିସ୍ଫୋରଣ ହୋଇଥିଲା। ଦେଖୁ ଦେଖୁ ସମ୍ପୂର୍ଣ୍ଣ ରକେଟ୍ ନିଆଁ ପିଣ୍ଡୁଳାରେ ପରିଣତ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଆଖପାଖରେ ଥିବା ଘରଗୁଡିକର କବାଟ ଓ ଝରକା ମଧ୍ୟ ହଲି ଯାଇଥିଲା। ଟେଷ୍ଟିଂ ପୂର୍ବରୁ ସୁରକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ଫଳରେ କୌଣସି ଲୋକ ମୃତାହତ ହୋଇ ନାହାନ୍ତି। କିନ୍ତୁ ଏହି ଘଟଣାରେ ପ୍ରଭୁତ ଆର୍ଥିକ କ୍ଷତି ଘଟିଛି। ରକେଟରେ ଇନ୍ଧନ ଭରିବାର ପ୍ରକ୍ରିୟା ଆରମ୍ଭ ହେବା ପରେ ହିଁ ବିସ୍ଫୋରଣ ଘଟିଥିଲା। ଏଥିସହ ଚଳିତବର୍ଷ ଷ୍ଟାରଶିପ୍‌ର କ୍ରମାଗତ ୩ଟି ପରୀକ୍ଷଣ ବିଫଳ ହୋଇଛି। ଏହି ଷ୍ଟାରଶିପ୍ ଜରିଆରେ ମଣିଷ ଦିନେ ମଙ୍ଗଳଗ୍ରହ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିବ ବୋଲି ଏଲନ ମସ୍କଙ୍କ ଏକ ବଡ଼ ମହତ୍ତ୍ୱାକାଂକ୍ଷୀ ସ୍ୱପ୍ନ ରହିଛି। କିନ୍ତୁ ନିକଟରେ ମସ୍କଙ୍କ ଏହି ସ୍ୱପ୍ନ ସାକାର ହେବା ଭଳି ମନେ ହେଉନାହିଁ।



## ଇରାନରୁ ଫେରିଲେ ୧୧୦ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ଧାରଣ କରିଛି। ଇରାନରେ ଅଧ୍ୟୟନରତ ୧୧୦ ଛାତ୍ରଛାତ୍ରୀ ସୁରକ୍ଷିତ ଭାବେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏମାନେ ଇରାନର ଉର୍ମିଆ ମେଡିକାଲ ୟୁନିଭର୍ସିଟିରେ ପଢ଼ୁଛନ୍ତି। ଏମାନଙ୍କ ମଧ୍ୟରୁ ୯୦ ଜଣ ଛାତ୍ର କେବଳ କଶ୍ମୀରର। ଯୁଦ୍ଧ କାରଣରୁ ଇରାନରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କୁ ଫେରାଇ ଆଣିବାକୁ ଭାରତ ସରକାର 'ଅପରେସନ ସିନ୍ଧୁ' ଆରମ୍ଭ କରିଛନ୍ତି। ଯୁଦ୍ଧ ପାଇଁ ଇରାନ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଖାସ୍ କରି ରାଜଧାନୀ ତେହରାନରେ ସ୍ଥିତି ସବୁଠାରୁ ଖରାପ୍ ହୋଇଛି ବୋଲି ଦିଲ୍ଲୀରେ ପହଞ୍ଚିବା ପରେ ଜଣେ ଛାତ୍ର କହିଛନ୍ତି। ମଙ୍ଗଳବାର ଏହି ଛାତ୍ରଛାତ୍ରୀମାନଙ୍କୁ ଆର୍ମେନିଆ ଆଣାଯାଇଥିଲା। ଏମାନଙ୍କୁ ରାଜଧାନୀ ୟେରେଭେନ୍‌ର ଏକ ହୋଟେଲରେ ରହିବାର ବ୍ୟବସ୍ଥା କରାଯାଇଥିଲା। ଏହାପରେ ଏମାନଙ୍କୁ କତାର ରାଜଧାନୀ ଦୋହା ଦେଇ ଭାରତ ଅଣାଯାଇଥିଲା। ଇଣ୍ଡିଗୋର ଏକ ବିମାନ ୟେରେଭେନ ବିମାନ ବନ୍ଦରରୁ ଛାତ୍ରଙ୍କୁ ନେଇ ଦୋହା ଯାଇଥିଲା। ଦୋହାରୁ ଏହି ଫ୍ଲାଇଟ୍ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ବିମାନ ବନ୍ଦରକୁ ଅଣାଯାଇଥିଲା। ଏବେ ମଧ୍ୟ ଇରାନ୍‌ରେ ୧,୫୦୦ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଫସି ରହିଛନ୍ତି। ବିମାନ ବନ୍ଦର ବନ୍ଦ ରହିଥିଲେ ମଧ୍ୟ ଦେଶର ସୀମା ଖୋଲା ରହିଛି ବୋଲି ଇରାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ତେଣୁ ଫସି ରହିଥିବା ବିଦେଶୀ ନାଗରିକ ସେମାନଙ୍କୁ ଦେଶକୁ ଫେରିବାର କୌଣସି ଅସୁବିଧା ନାହିଁ ବୋଲି ସରକାରଙ୍କ ତରଫରୁ କୁହାଯାଇଛି।

# ପାକିସ୍ତାନ-ଲାଡେନ ଇତିହାସକୁ ଭୁଲିଯାଉଛି ଆମେରିକା

ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପାକିସ୍ତାନ ସେନାଧକ୍ଷ ଅସିମ ମୁନିରଙ୍କ ସାକ୍ଷାତ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯେଉଁ ଦେଶ ଆତଙ୍କବାଦୀଙ୍କୁ ସମର୍ଥନ କରୁଛି, ତାକୁ ସମର୍ଥନ କରି ଟ୍ରମ୍ପ ଭୁଲ କରୁଛନ୍ତି। ଭୟଙ୍କର ଧାର୍ମିକ ଓ ଆତଙ୍କବାଦ ଚିନ୍ତାଧାରା ରଖିଥିବା ଜେନେରାଲ ମୁନିରଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଡାକି ଟ୍ରମ୍ପ ଦୋମୁହାଁ ନୀତି ଧରିଛନ୍ତି। ଆମେରିକା ଦୁର୍ଦ୍ଧାନ୍ତ ଆତଙ୍କବାଦୀ ଲାଡେନ ଏବଂ ତାକୁ ପ୍ରଶ୍ରୟ ଦେଇଥିବା ପାକିସ୍ତାନର ଇତିହାସକୁ ଭୁଲିଯିବା ଉଚିତ ନୁହେଁ। ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଲାଡେନ ପାକିସ୍ତାନର ଆବୋଟ୍ଟାବାଦରେ ହିଁ ରହିଥିଲା ଓ ଆମେରିକା ତାକୁ ୨୦୧୧ରେ ହତ୍ୟା କରି ଏହାର ପ୍ରତିଶୋଧ ନେଇଥିଲା। ଏଭଳି ଦେଶକୁ ଟ୍ରମ୍ପ କିପରି ପ୍ରୋତ୍ସାହିତ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସାଂସଦ ଶଶୀ ଥରୁର। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇ ବିଦେଶରୁ ଫେରିଥିବା ଥରୁର କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ନ କରିବାକୁ ଏବଂ ଆତଙ୍କବାଦୀଙ୍କୁ ତାଲିମ ନଦେବାକୁ ଆମେରିକା ଚେତାବନୀ ଦେବ ବୋଲି ଆମେ ଆଶା କରୁଛୁ। ପାକିସ୍ତାନ ଆତଙ୍କବାଦକୁ ଖୋଲାଖୋଲି ପ୍ରୋତ୍ସାହିତ କରୁଥିବା ବେଳେ ଟ୍ରମ୍ପଙ୍କ ଏଭଳି ଆଚରଣ ଆମକୁ ବିଚଳିତ କରୁଛି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ଗତକାଲି ପାକିସ୍ତାନ ସେନାଧକ୍ଷ ଜେନେରାଲ ଅସିମ ମୁନିରଙ୍କ ସହ ଆଲୋଚନା କରିଥିଲେ। ହ୍ୱାଇଟ୍ ହାଉସ୍‌ର କ୍ୟାବିନେଟ୍ ରୁମ୍‌ରେ ଦୁହେଁ ମଧ୍ୟାହ୍ନ ଭୋଜନ କରିଥିଲେ। ପ୍ରଥମଥର ପାଇଁ ଆମେରିକାର କୌଣସି ରାଷ୍ଟ୍ରପତି ପାକିସ୍ତାନ ସେନାଧକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଟ୍ରମ୍ପଙ୍କୁ ଶାନ୍ତି ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ ବୋଲି ମୁନିର ମନ୍ତବ୍ୟ ଦେବା ପରେ ଏଥିରେ ଖୁସି ହୋଇ ଟ୍ରମ୍ପ ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ହ୍ୱାଇଟ୍ ହାଉସ୍ ଡାକିଥିଲେ। ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ନେଇ ହୋଇଥିବା ଅସ୍ତ୍ରବିରତିର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲେ ମୁନିର। ଟ୍ରମ୍ପ କହିଛନ୍ତି ଯେ ଅସ୍ତ୍ରବିରତି ପାଇଁ ତାଙ୍କ ପରାମର୍ଶକୁ ମୁନିର ଗ୍ରହଣ କରିଥିଲେ। ନହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହୋଇଯାଇଥାଆନ୍ତା।

## ସଞ୍ଜୟ ବର୍ମା କିଏ?

### ୩୯ ଦିନରେ ୨୩୪ଥର କଲ କରିଥିଲା ସୋନମ

ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ରାଜା ରଘୁବଂଶୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ମୁଖ୍ୟ ଅଭିଯୁକ୍ତ ତଥା ରାଜାଙ୍କ ପତ୍ନୀ ସୋନମ ରଘୁବଂଶୀ ମାର୍ଚ୍ଚ ୧ରୁ ଏପ୍ରିଲ ୮ ମଧ୍ୟରେ ସଞ୍ଜୟ ବର୍ମା ନାମକ ଜଣେ ବ୍ୟକ୍ତିଙ୍କ ସହିତ ୨୩୪ଥର ଫୋନ୍ କଲ୍ କରି କଥା ହୋଇଛନ୍ତି। ଏହି ସଞ୍ଜୟ ବର୍ମା କିଏ, ସେ ନେଇ ଚର୍ଚ୍ଚା ହେଉଥିବା ବେଳେ ସତ କଥା ପଦାକୁ ଆସିଛି। ସଞ୍ଜୟ ଆଉ କେହି ନୁହନ୍ତି ସେ ହେଉଛନ୍ତି ଅନ୍ୟତମ ଅଭିଯୁକ୍ତ ତଥା ସୋନମଙ୍କ ପ୍ରେମିକ ରାଜ କୁଶୱାହ। ଏ ନେଇ ମେଘାଳୟ ପୁଲିସ୍ ସୂଚନା ଦେଇଛି। ସୋନମ ରାଜର ନମ୍ବରକୁ ସଞ୍ଜୟ ବର୍ମା ନାମରେ ସେଭ କରିଥିଲା। ସନ୍ଦେହକୁ ଏଡାଇବା ପାଇଁ ସୋନମ ଏହି ନାଟକ କରିଥିଲା। ପ୍ରତ୍ୟେକ ଥର ସୋନମ ଓ ରାଜ ଦୁହେଁ ୩୦ରୁ ୬୦ ମିନିଟ୍ କଥା ହୋଇଛନ୍ତି। ଜୁନ୍ ୮ରେ ସଞ୍ଜୟର ହ୍ୱାଟ୍ସଅପ୍ ନଂ ଶେଷଥର ପାଇଁ ଆକ୍ଟିଭ ହୋଇଥିଲା। ଏହି ଦିନ ସବୁ ଅଭିଯୁକ୍ତ ଗିରଫ୍ ହୋଇଥିଲେ ଓ ସୋନମ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲା। ପୂର୍ବରୁ ସଞ୍ଜୟ କିଏ ସେ ନେଇ ଆମେ କିଛି ଜାଣିନାହୁଁ ବୋଲି ସୋନମର ଭାଇ ଗୋବିନ୍ଦ କହିଥିଲା। ଇନ୍ଦୋରରେ ରହୁଥିବା ସୋନମ ଓ ରାଜା ମେ ୧୧ରେ ବିବାହ କରିବା ପରେ ହନିମୁନ୍ ପାଇଁ ମେଘାଳୟ ଯାଇଥିଲେ। କିନ୍ତୁ ମେ ୨୩ରେ ରାଜା ନିଖୋଜ ହୋଇଥିଲେ। ଜୁନ୍ ୨ରେ ରାଜାଙ୍କ ମୃତଦେହ ମିଳିଥିଲା। ଜୁନ୍ ୧୧ରେ ରାଜାଙ୍କୁ ମାରିଥିବା କଥା ସୋନମ ପୁଲିସ୍ ଆଗରେ ସ୍ୱିକାର କରିଥିଲା। ସୋନମ ରାଜ ସହ ମିଶି ସ୍ୱାମୀ ରାଜା ରଘୁବଂଶୀଙ୍କୁ ମାରିବା ପାଇଁ ୩ ଜଣ ସୁପାରି କିଲରଙ୍କୁ ନିୟୋଜିତ କରିଥିଲା।





## କମଲ ହାସନଙ୍କୁ ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୯।୬(ଏଜେନ୍ସି): ବର୍ଷିଆନ ତାମିଲ ଅଭିନେତା କମଲ ହାସନଙ୍କ ସିନେମା 'ଠଗ୍ ଅଫ୍ ଲାଇଫ' କର୍ଣ୍ଣାଟକ୍‌ରେ ମୁକ୍ତିଲାଭ କରିବା ନେଇ ପଥ ପରିଷ୍କାର ହୋଇଛି। ଏ ନେଇ ଦାଏର କରାଯାଇଥିବା ପିଟିସନକୁ ନେଇ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ସିନେମା କିପରି ଭଲରେ ମୁକ୍ତିଲାଭ କରିବ ସେ ନେଇ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କୌଣସି ବିଭ୍ରାଟ ତଥା ବାଧା ସୃଷ୍ଟି ନ ହେବା ପାଇଁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରିବାକୁ କର୍ଣ୍ଣାଟକ ସରକାରକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କର୍ଣ୍ଣାଟକ ସରକାର ମଧ୍ୟ ସିନେମାକୁ ମୁକ୍ତିଲାଭ କରିବା ନେଇ କୌଣସି ରୋକ ଲଗାଯାଇ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥାରେ ସିନେମା ରିଲିଜ ହେବ ବୋଲି ସରକାର ସୁପ୍ରିମକୋର୍ଟଙ୍କୁ କଥା ଦେଇଛନ୍ତି। ଏ ନେଇ ଯଦି କୌଣସି ବ୍ୟକ୍ତି କିମ୍ବା ସଂଗଠନ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭାଷା ମାମଲାରେ ମଧ୍ୟ ସୁପ୍ରିମକୋର୍ଟ କମଲ ହାସନଙ୍କ ସପକ୍ଷରେ ମତ ଦେଇଛନ୍ତି। କନ୍ନଡ ଭାଷା ତାମିଲରୁ ସୃଷ୍ଟି ହୋଇଛି ବୋଲି କହି କମଲ ବିବାଦ ସୃଷ୍ଟି କରିଥିଲେ। ଏଥିପାଇଁ କମଲ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଥିଲା। କିନ୍ତୁ ଏଥିପାଇଁ କମଲ କ୍ଷମା ମାଗିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କ୍ଷମା ମାଗିବାକୁ କମଲଙ୍କୁ ବାଧ କରାଯାଇପାରିବ ନାହିଁ। ଏହା ତାଙ୍କର ମତ ମାତ୍ର। ଜଣକର ମତ ପାଇଁ ଆମେ କୌଣସି ସିନେମାର ରିଲିଜ୍‌କୁ ରୋକି ପାରିବା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ଆମେରିକା ପଠାଯିବ ଏୟାର ଇଣ୍ଡିଆ ଡ୍ରିମ୍‌ଲାଇନର ବ୍ଲାକ ବକ୍ସ

ଅହମଦାବାଦ୍, ୧୯।୬(ଏଜେନ୍ସି): ଜୁନ୍ ୧୨ରେ ଅହମଦାବାଦ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଏୟାର ଇଣ୍ଡିଆ ଡ୍ରିମଲାଇନର ବିମାନର ବ୍ଲାକବକ୍ସକୁ ଆମେରିକା ପଠାଯିବ। ଦୁର୍ଘଟଣାର ଗୋଟିଏ ଦିନ ପରେ ହିଁ ଏହି ବ୍ଲାକ ବକ୍ସ ମିଳିଥିଲା। ବିମାନରେ ନିଆଁ ଲାଗିବା ପରେ ବ୍ଲାକ ବକ୍ସ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଏଥିରୁ ଡାଟା ତଥା ତଥ୍ୟ ମିଳିବା କଷ୍ଟକର ହୋଇଛି। ତେଣୁ ଯାଞ୍ଚ୍ ପାଇଁ ବ୍ଲାକ ବକ୍ସକୁ ଏବେ ଆମେରିକା ପଠାଯିବ ବୋଲି କୁହାଯାଇଛି। ଭାରତରେ ଥିବା କୌଣସି ଲାବରୁ ବ୍ଲାକ ବକ୍ସର ଡାଟା ମିଳିବ ନାହିଁ। ଏବେ ଏହାକୁ ଆମେରିକାର ନ୍ୟାସନାଲ ଟ୍ରାନ୍ସପୋର୍ଟ ସେଫ୍‌ଟି ଲାବ (ଏନ୍‌ଟିଏସ୍‌ବି)କୁ ପଠାଯିବ। ସୁରକ୍ଷା ଓ ଗୋପନୀୟତା ବଜାୟ ରଖିବା ପାଇଁ ଏହା ସହିତ ସରକାରୀ ଅଧିକାରୀ ମଧ୍ୟ ଆମେରିକା ଗସ୍ତ କରିବେ। ଏହି ବିମାନ ଦୁର୍ଘଟଣାରେ ୨୭୦ ଜଣ ଲୋକ ମୃତ୍ୟୁ ବରଣ କରିଥିଲେ। ଏଆଇ-୧୭୧ ବିମାନ ଟେକ୍‌ଅଫ୍ କରିବା ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।



## ପ୍ରଥମଥର ନେତୃତ୍ୱ ନେବେ ଗିଲ୍

# ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଆଜିଠାରୁ

ଲିଡ୍ସ,୧୯।୬ (ଏଜେନ୍ସି):

ନୂଆ ଟିମ୍, ନୂଆ ଅଧିନାୟକ, ନୂଆ ଖେଳାଳିଙ୍କୁ ନେଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକ ନୂଆ ଟ୍ରଫି (ତେନ୍ଦୁଲକର-ଆଣ୍ଡରସନ) ଲାଗି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏହି ସିରିଜ୍ ଉଭୟ ଘରୋଇ ଇଂଲଣ୍ଡ ଓ ଭ୍ରମଣକାରୀ ଭାରତୀୟ ଦଳ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ। ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ସଫଳତାର ଖୋରାକ ଯୋଗାଇବ। ଭାରତୀୟ ଦଳର ନେତୃତ୍ୱରେ ନେବେ ଜଣେ ନୂଆ ଖେଳାଳି ଶୁବମନ ଗିଲ୍। ଇଂଲଣ୍ଡରେ ତାଙ୍କର ମାତ୍ର ୩ଟି ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି। ତାଙ୍କୁ ପରାମର୍ଶ ଦେବାକୁ ମଧ୍ୟ ଦଳରେ ଅଭିଜ୍ଞ ଖେଳାଳି ନାହାନ୍ତି। ୭ ବର୍ଷ ପରେ ଟେଷ୍ଟ ଦଳକୁ ଫେରିଥିବା କରୁନ ନାୟାର ଇଂଲଣ୍ଡ ଲାୟନ୍ସର ଦୁର୍ବଳ ବୋଲିଂ ବିପକ୍ଷରେ ଶତକୀୟ ପାଳି ଖେଳିଛନ୍ତି। ଏହା ତାଙ୍କୁ ଇଂଲଣ୍ଡ ପରିବେଶ ଓ ଟପ୍ କ୍ଲାସ୍ ବୋଲିଂ ବିପକ୍ଷରେ କେତେ ସହାୟତା କରିବ ତାହା ଖେଳ ଆରମ୍ଭ ପରେ ଜଣାପଡ଼ିବ। ଏଭଳି ସମୟରେ ନୂଆ ଖେଳାଳିମାନେ ଆଗକୁ ଆସିବେ। ଇଂଲଣ୍ଡର ପିଚ୍ ଓ ପରିବେଶରେ ଖାପ୍ ଖୁଆଇବା ଭାରତୀୟଙ୍କ ଲାଗି କଷ୍ଟକର ହେବ। ଦଳ ମଧ୍ୟ ଏହି ପରିବେଶ ସମ୍ପର୍କରେ ବିଶେଷ ଅବଗତ ନୁହେଁ। କିଏ ଫର୍ମରେ ଅଛି ବା ନାହିଁ ତାହା ବଡ଼ କଥା ନୁହେଁ, ଏଭଳି ପରିବେଶରେ କିଏ ଖାପ୍ ଖୁଆଇ ଖେଳିବ ତାହା ଉପରେ ସବୁକିଛି ନିର୍ଭର କରେ। ଇଂଲଣ୍ଡରେ ଗିଲ୍ ମାତ୍ର ୩ଟି ଟେଷ୍ଟ ଖେଳି ୮୮ ରନ୍ କରିଛନ୍ତି। ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜାଙ୍କ ଉପରେ ବ୍ୟାଟିଂ ନିର୍ଭର କରିବ। ଏମାନେ କିଛି ନ କିଛି ଟେଷ୍ଟରେ ପ୍ରଦର୍ଶନ କରିଛନ୍ତି।

ବୋଲିଂରେ ଭାରତର ପେସ୍ ବାହିନୀ ପ୍ରତିପକ୍ଷ ଇଂଲଣ୍ଡକୁ ଟକ୍କର ଦେବା ସ୍ଥିତିରେ ରହିଛି। ଇଂଲିଶ ବୋଲରଙ୍କ ଅପେକ୍ଷା ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ପେସ୍ ବାହିନୀ ନିକଟରେ ଦକ୍ଷତା ରହିଛି। କିନ୍ତୁ ଇଂଲଣ୍ଡ ବ୍ୟାଟରଙ୍କ ତୁଳନାରେ ଭାରତୀୟ ବ୍ୟାଟରଙ୍କ ଅଭିଜ୍ଞତାର ଅଭାବ ରହିଛି। ଇଂଲଣ୍ଡ ପରିବେଶ କିପରି ଭାରତକୁ ସୁହାଇବ ତାହା ଉପରେ କେବଳ ଏହି ମ୍ୟାଚ୍ ନୁହେଁ ବରଂ ସିରିଜ୍ ନିର୍ଭର କରିବ।

ଅନ୍ୟ ପକ୍ଷରେ ଇଂଲଣ୍ଡ ଦଳରେ ରହିଛନ୍ତି ଅଭିଜ୍ଞ ବ୍ୟାଟର ଜୋ ରୁଟ୍ ଓ ବେନ୍ ଷ୍ଟୋକ୍ସ। ଏମାନେ ଏକା ଏକା ଟେଷ୍ଟର ମୋଡ ବଦଳାଇପାରିବାର ଦକ୍ଷତା ରଖିଛନ୍ତି। ଓପନର ଜ୍ୟାକ୍ କ୍ରଲୀ, ବେନ୍ ଡକେଟ ଓ ହ୍ୟାରୀ ବ୍ରୁକ୍ ମଧ୍ୟ ବେଶ ଦକ୍ଷ। ଏମାନେ ଭାରତୀୟ ବୋଲରଙ୍କ ଲାଗି ସମସ୍ୟା ସୃଷ୍ଟି କରିବେ। ସେ ଯାହା ହେଉ ଅଭିଜ୍ଞତା ଓ ପରିବେଶରେ ଇଂଲଣ୍ଡ ଭ୍ରମଣକାରୀ ଭାରତଠାରୁ ସାମାନ୍ୟ ଆଗୁଆ ରହିଛି।

ଦୁଇ ଦେଶ ମଧ୍ୟରେ ଟେଷ୍ଟ ରେକର୍ଡ ଯାହା ହେଉନା କାହିଁକି ଗତଥର ଏଠାରେ ଆୟୋଜିତ ଟେଷ୍ଟ ସିରିଜ୍ ବେଶ ରୋମାଞ୍ଚକ ମୁକାବିଲା ହୋଇଥିଲା। ଏହି ସିରିଜ୍ ଖେଳିଥିବା ରାହୁଲ, ବୁମ୍‌ରା ଓ ଜାଡେଜା ଦଳକୁ ଫାଇଦାରେ ରଖିବେ ବୋଲି ଆଶା କରାଯାଉଛି।

### ପିଚ୍ ଓ ରେକର୍ଡ

ଏଠାରେ ପିଚ୍ ସାଧାରଣତଃ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ। ପିଚ୍‌ରେ ଘାସ ରହିଛି ଓ ଏହା ବୋଲରଙ୍କୁ ସୁହାଇବ। କିନ୍ତୁ ଏଠାରେ ପାଗ ଭଲ ରହିଛି। ଖେଳ ଆରମ୍ଭ ହେବା ପରେ ପିଚ୍ ନିଶ୍ଚିତଭାବେ ବ୍ୟାଟରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ଏଠାରେ ଭାରତ ୭୮ ରନ୍‌ରେ ଆଉଟ ହୋଇଥିଲା। ଏଠାରେ ମଧ୍ୟ ଦଳ ୬୨୮ ରନ୍‌ର ଦ୍ୱିତୀୟ ସର୍ବାଧିକ ସ୍କୋର ସଂଗ୍ରହ କରିଛି। ଏଣୁ ଦଳ ପ୍ରଥମେ ବ୍ୟାଟିଂକୁ ଏଡାଇଗଲେ, ଫାଇଦାରେ ରହିବ। ଇଂଲଣ୍ଡରେ ଦୁଇଦଳ ଏଯାଏ ୬୭ଟି ଟେଷ୍ଟ ଖେଳିଛି। ଏହା ମଧ୍ୟରୁ ଭାରତ କେବଳ ୯ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗତ ସିରିଜ୍‌ରେ ଭାରତ ୨ଟି ଟେଷ୍ଟ ଜିତିଥିଲା। ଏଥର ସବୁ ନୂଆରେ ଖେଳୁଥିବା ଭାରତ କିଭଳି ଖେଳିବ ତାହା ପିଚ୍ ଓ ପରିବେଶ ଉପରେ ନିର୍ଭର କରୁଛି।



### ଖେଳାଳି ତାଲିକା

**ଭାରତର ସମ୍ଭାବ୍ୟ ଏକାଦଶ:** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ (ୱିକେଟ ରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ:** ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟ ରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

### ଖେଳ ସମୟ

ପ୍ରଥମ ସେସନ : ଅପରାହ୍ନ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ



## ଉନ୍ମୋଚିତ ହେଲା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି

ଲଣ୍ଡନ, ୧୯।୬ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଶୁକ୍ରବାରଠାରୁ ପ୍ରତୀକ୍ଷିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁଯାଉଛି। ଏହାର ଦିନକ ପୂର୍ବରୁ ଗୁରୁବାର ସିରିଜର ଟ୍ରଫି ଉନ୍ମୋଚିତ ହୋଇଛି। ଦୁଇ କିମ୍ବଦନ୍ତୀ କ୍ରିକେଟର୍ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଓ ଭାରତର ସଚିନ ତେନ୍ଦୁଲକରଙ୍କ ସମ୍ମାନାର୍ଥେ ଏଥର ଏହି ସିରିଜକୁ 'ଆଣ୍ଡରସନ-ତେନ୍ଦୁଲକର ଟ୍ରଫି' ନାମରେ ନାମିତ କରାଯାଇଛି। ଏହି ଦୁଇ ମହାନ କ୍ରିକେଟର୍ ଉପସ୍ଥିତ ରହି ନିଜ ନାମରେ ନାମିତ ହୋଇଥିବା ଟ୍ରଫିକୁ ଉନ୍ମୋଚିତ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଇଂଲଣ୍ଡ ମାଟିରେ ଭାରତ ଖେଳୁଥିବା ଟେଷ୍ଟ ସିରିଜର ନାମ ପୂର୍ବତନ କ୍ରିକେଟର୍ ଏମ୍‌ଏକେ ପଟୌଦୀଙ୍କ ନାମରେ 'ପଟୌଦୀ ଟ୍ରଫି' ପ୍ରଦାନ କରାଯାଉଥିଲା। କିନ୍ତୁ ଆୟୋଜକ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏଥର ସିରିଜର ନାମକୁ ପରିବର୍ତ୍ତନ କରି ଆଣ୍ଡରସନ ଓ ତେନ୍ଦୁଲକରଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ସଚିନଙ୍କ ଅନୁରୋଧକ୍ରମେ 'ପଟୌଦୀ'ଙ୍କ ଐତିହ୍ୟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ଏହି ଟେଷ୍ଟ ସିରିଜର ବିଜୟୀ ଅଧିନାୟକଙ୍କୁ 'ପଟୌଦୀ ପଦକ' ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସଚିନ ଓ ଆଣ୍ଡରସନ ଟେଷ୍ଟ କ୍ରିକେଟ୍‌ରେ ନିଜ ନିଜ ଦେଶ ପାଇଁ ଅତୁଳନୀୟ ଅବଦାନ ପ୍ରଦାନ କରି ଅବସର ନେଇଛନ୍ତି। ସଚିନ ୨୦୦ ଟେଷ୍ଟ ଖେଳି ୧୫,୯୨୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୧ ଶତକ ଓ ୬୮ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି। ସେହିଭଳି ଆଣ୍ଡରସନ ୧୮୮ ଟେଷ୍ଟ ଖେଳି ୭୦୪ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ମୁଁ ମହିଳା କ୍ରିକେଟ୍ ଖେଳିବାକୁ ଯୋଗ୍ୟ: ଅନନ୍ୟା ବାଙ୍ଗର୍

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ସଞ୍ଜୟ ବାଙ୍ଗରଙ୍କ ସନ୍ତାନ ଅନନ୍ୟା ବାଙ୍ଗର ଟ୍ରାନ୍ସଜେଣ୍ଡର କ୍ରିକେଟ୍ ଖେଳାଳିଙ୍କୁ ସମର୍ଥନ କରିବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି।



ଏଥିଲାଗି ଅନନ୍ୟା ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ସମର୍ଥନ ଜଣାଇବା ଲାଗି ଅପିଲ୍ ମଧ୍ୟ କରିଛନ୍ତି। ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ୮ ପୃଷ୍ଠା ସମ୍ବଳିତ ଏକ ସାଇଣ୍ଟିଫିକ୍ ରିପୋର୍ଟ ଶେୟାର କରି ଅନନ୍ୟା କହିଛନ୍ତି, 'ବୈଜ୍ଞାନିକ ଭାବେ ସେ ମହିଳା କ୍ରିକେଟ୍ ଖେଳିବାକୁ ବର୍ତ୍ତମାନ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏବେ ପ୍ରଶ୍ନ ଉଠୁଛି ଦୁନିଆ ଏହି ସତକୁ ସ୍ୱୀକାର କରିବା ଲାଗି ପ୍ରସ୍ତୁତ ଅଛି ତ।' ତାଙ୍କର ଏହି ପୋଷ୍ଟ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ନିୟମ ଅନୁଯାୟୀ, ବର୍ତ୍ତମାନ ଟ୍ରାନ୍ସଜେଣ୍ଡର କ୍ରିକେଟର୍‌ଙ୍କୁ ମହିଳା କ୍ରିକେଟ୍‌ରେ ଖେଳିବାକୁ ଅନୁମତି ପ୍ରଦାନ କରାଯାଉନାହିଁ। ୨୦୨୩ ବିଶ୍ୱକପ୍ ସମୟରେ ବସିଥିବା ଆଇସିସି ବୋର୍ଡ ବୈଠକରେ ଏନେଇ ନିଷ୍ପତ୍ତି ହୋଇଥିଲା। ଉଲ୍ଲେଖଯୋଗ୍ୟ, ୨୩ ବର୍ଷୀୟ ଅନନ୍ୟା, ୧ ବର୍ଷ ଧରି ହର୍‌ମୋନ୍ ରିପ୍ଲେସମେଣ୍ଟ ଥେରାପି ଜରିଆରେ ପୁରୁଷରୁ ମହିଳା ବନିଛନ୍ତି। ଏଥିଲାଗି ମାଞ୍ଚେଷ୍ଟର ମେଟ୍ରୋପଲିଟାନ୍ ବିଶ୍ୱବିଦ୍ୟାଳୟ ତାଙ୍କୁ ସମସ୍ତ ସହାୟତା ପ୍ରଦାନ କରିଥିଲା। ପୂର୍ବରୁ ସେ ପୁରୁଷ କ୍ରିକେଟ୍‌ରେ ବିଭିନ୍ନ ବୟସବର୍ଗରେ ପ୍ରତିନିଧିତ୍ୱ କରିସାରିଛନ୍ତି। ମହିଳା ବନିବା ପରେ ସେ କ୍ରିକେଟ୍ ଟ୍ରେନିଂ ଜାରି ରଖିଛନ୍ତି।

■ ଆଜି ପ୍ୟାରିସ ଡାଏମଣ୍ଡ ଲିଗ୍

## ୮ ବର୍ଷ ପରେ ଭାଗନେବେ ନୀରଜ

ପ୍ୟାରିସ, ୧୯।୬ (ଏଜେନ୍ସି): ଭାରତୀୟ ତାରକା ଆଥ୍‌ଲେଟ୍ ନୀରଜ ଚୋପ୍ରା ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ। ଏଥିସହ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ନୀରଜ ଏହି ସମ୍ମାନଜନକ ଇଭେଣ୍ଟରେ ଭାଗନେବେ। ୨୭ ବର୍ଷୀୟ ନୀରଜ ଶେଷଥର ଲାଗି ୨୦୧୭ ପ୍ୟାରିସ ଡାଏମଣ୍ଡ ଲିଗ୍‌ରେ ଜାଭେଲିନ୍ ଫିଙ୍ଗିଥିଲେ। ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ନୀରଜ ଶୁକ୍ରବାର ଶ୍ରେଷ୍ଠ ପ୍ରଦର୍ଶନ କରି ସିଜନର ପ୍ରଥମ ମେଜର ଟାଇଟଲ୍ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।



ଏଥିପୂର୍ବରୁ ବର୍ଷ ଆରମ୍ଭରେ ସେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆମନ୍ତ୍ରଣୀୟ ମିଟ୍‌ରେ ୮୪.୫୨ ମିଟର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣପଦକ ଜିତିଥିଲେ। କିନ୍ତୁ ଏହି ପ୍ରତିଯୋଗିତା ଏକ ମେଜର ଇଭେଣ୍ଟ ନ ଥିଲା। ତେବେ ଦୋହା ଡାଏମଣ୍ଡ ଲିଗ୍‌ରେ ନୀରଜ କ୍ୟାରିୟର ଶ୍ରେଷ୍ଠ ୯୦.୨୩ ମିଟର ଫିଙ୍ଗିଥିଲେ। ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ମାର୍କ ଅତିକ୍ରମ କରିଥିଲେ ମଧ୍ୟ ଦୋହାରେ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଥିଲେ। ଜର୍ମାନୀର ଜୁଲିଏନ୍ ୱେବର ଏହି ଇଭେଣ୍ଟରେ ୯୧.୦୬ ମିଟର ଫିଙ୍ଗି ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ତେଣୁ ନୀରଜ ପ୍ୟାରିସ ଡାଏମଣ୍ଡ ଲିଗ୍ ଉପରେ ନଜର ପକାଇଛନ୍ତି। ତେବେ ଦୁଇଥରର ବିଶ୍ୱ ଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ଜର୍ମାନୀ ୱେବର୍‌ଙ୍କ ଭଳି ବିଶ୍ୱର ଶ୍ରେଷ୍ଠ-୬ଜଣ ଜାଭେଲିନ୍ ଫିଙ୍ଗାଳୀ ଏଥିରେ ଅଂଶଗ୍ରହଣ କରୁଥିବାରୁ ନୀରଜଙ୍କ ପାଇଁ ଏଠାରେ ବିଜୟୀ ହେବା କଷ୍ଟସାଧ୍ୟ ହେବ।

ହକି ମାଷ୍ଟର୍ସ କପ୍

## ଓଡ଼ିଶା ପୁରୁଷ ଜିତିଲେ; ନିରାଶ କଲେ ମହିଳା

ଭୁବନେଶ୍ୱର, ୧୯।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନାଇରେ ଚାଲିଥିବା ହକି ମାଷ୍ଟର୍ସ କପ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶାକୁ ମିଶ୍ରିତ ଫଳାଫଳ ମିଳିଛି। ଗୁରୁବାର ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଖେଳାଯାଇଥିବା ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୬-୩ ଗୋଲ୍‌ରେ ପୁଡୁଚେରୀକୁ ପରାସ୍ତ କରିଛି। ତେବେ ଓଡ଼ିଶା ମହିଳା ଦଳ ୧-୩ ଗୋଲ୍‌ରେ ପଞ୍ଜାବ ନିକଟରୁ ହାରିଯାଇଛି।

ହକି ମାଷ୍ଟର୍ସ କପ୍ ପୁରୁଷ ବିଭାଗରେ ପୁଲ୍-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ୬-୩ ଗୋଲ୍‌ରେ ଏକପାଖିଆ ଭାବେ ପୁଡୁଚେରୀକୁ ପରାସ୍ତ କରିଥିଲା। ଓଡ଼ିଶା ପାଇଁ ସାଣ୍ଟିଏଲ୍ ମୁଣ୍ଡୁ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଲାଜରୁସ ବାର୍ଲା, ବେନାର୍ଡ ଲାକ୍ରା ଓ ଲଧୁ ଏକ୍କାଙ୍କ ଷ୍ଟିକ୍‌ରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ବିଜୟ ସହ ୩ ପଏଣ୍ଟ ପାଇଛି ଓଡ଼ିଶା। ଶୁକ୍ରବାର ପଞ୍ଜାବ ବିପକ୍ଷରେ ଓଡ଼ିଶା ଶେଷ ପୁଲ୍ ମ୍ୟାଚ୍ ଖେଳିବ। ଅପରପକ୍ଷରେ ମହିଳା ବିଭାଗରେ ଓଡ଼ିଶା କିନ୍ତୁ ୧-୩ ଗୋଲ୍‌ରେ ପରାଜୟର ସାମ୍ନା କରିଛି। ଓଡ଼ିଶା ପାଇଁ ରଞ୍ଜିତା ବେକ୍ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ଅବସରପ୍ରାପ୍ତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହକି ଖେଳାଳିଙ୍କୁ ନେଇ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ପୁରୁଷ ବିଭାଗରେ ୧୧ଟି ଓ ମହିଳାରେ ୮ ଦଳ ଅଂଶଗ୍ରହଣ କରିଛନ୍ତି।

## ବନ୍ଦ ହେବ କି ଆଇଏସ୍‌ଏଲ୍ !

ନୂଆଦିଲ୍ଲୀ,୧୯।୬ (ଏଜେନ୍ସି): ଭାରତର ଫୁଟବଲ ଖେଳର ପରିଚାଳନା କରୁଥିବା ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ୨୦୨୫-୨୬ କ୍ୟାଲେଣ୍ଡରରେ ଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)କୁ ସ୍ଥାନିତ କରାଯାଇ ନାହିଁ। ଏହା ଫଳରେ ଆଇଏସ୍‌ଏଲ୍‌ର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଏହି ଟୁର୍ଣ୍ଣାମେଣ୍ଟରେ ଦର୍ଶକ ସଂଖ୍ୟା କମିବା, ଆଶା ଅନୁଯାୟୀ ଆର୍ଥିକ ଲାଭ ନ ମିଳିବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ୨୦୧୪ରେ ଆରମ୍ଭ ହୋଇଥିବା ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟକୁ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ଆରମ୍ଭ କରିଥିଲା। ୨୦୧୯ ବେଳକୁ ଏହା ଭାରତର ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପରିଣତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ଲାଗି ହୋଇଥିବା ମାଷ୍ଟର ରାଇଟସ ଏଗ୍ରିମେଣ୍ଟ (ଏମ୍‌ଆର୍‌ଏ) ଗତ ଡିସେମ୍ବରରେ ଶେଷ ହୋଇଥିଲା। ଏହା ଏଯାଏ ପୁନଃପଞ୍ଜିକରଣ ହୋଇ ନାହିଁ। ଏଥିଲାଗି ଗତ ଏପ୍ରିଲରେ ଏଆଇଏଫ୍‌ଏଫ୍ କାର୍ଯ୍ୟନିର୍ବାହୀ କମିଟି ଏହାର ସମାଧାନ ଲାଗି ଏକ ୮ ଜଣିଆ ଟାସ୍କ ଫୋର୍ସ କମିଟି ଗଠନ କରିଥିଲା। କିନ୍ତୁ କମିଟି କୌଣସି ନିଷ୍ପତ୍ତିରେ ପହଞ୍ଚି ନାହିଁ। ଯାହା ଫଳରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଆଇଏଫ୍‌ଏଫ୍ ଦ୍ୱାରା ଘୋଷିତ କ୍ୟାଲେଣ୍ଡରରେ ଆଇଏସ୍‌ଏଲକୁ ସ୍ଥାନ ନ ମିଳିବା ଫଳରେ ଏଭଳି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍।



ଡବ୍ଲ୍ୟୁବିବିଏଲ୍ ଖେଳାଳି ଡ୍ରାଫ୍ଟ

## ଜେମିମାଙ୍କୁ ବଜାୟ ରଖିଲା ବ୍ରିସ୍‌ବେନ୍

ମେଲ୍‌ବୋର୍ଣ୍ଣ, ୧୯।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେଉଥିବା ଟି-୨୦ କ୍ରିକେଟ୍ ପ୍ରତିଯୋଗିତା ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ୧୧ତମ ସିଜନ ଲାଗି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖେଳାଳି ଡ୍ରାଫ୍ଟ ଜରିଆରେ ବିଭିନ୍ନ ଫ୍ରାଞ୍ଚାଇଜ ସେମାନଙ୍କ ଦଳ ପ୍ରସ୍ତୁତ କରିଛନ୍ତି। ଡବ୍ଲ୍ୟୁବିବିଏଲ୍-୧୧ ଲାଗି ମୋଟ୍ ୨୩ ଜଣ ବିଦେଶୀ ମହିଳା କ୍ରିକେଟର୍‌ଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ ଦଳରେ ସାମିଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ଜେମିମା ରୋଡ୍ରିଗ୍ୱେଜ ରହିଛନ୍ତି। ବ୍ରିସବେନ୍ ହିଟ୍ ଦଳ ଜେମିମାଙ୍କୁ କ୍ରମାଗତ ଦ୍ୱିତୀୟ ସିଜନ ଲାଗି ଦଳରେ ସାମିଲ କରିଛି। ଡ୍ରାଫ୍ଟ ପ୍ରକ୍ରିୟାର ପ୍ରଥମ ରାଉଣ୍ଡରେ ମେଲ୍‌ବୋର୍ଣ୍ଣ ଷ୍ଟାର୍ସ ଜେମିମାଙ୍କୁ ନେଇଥିଲା। କିନ୍ତୁ ବ୍ରିସବେନ୍ ହିଟ୍ 'ରିଟେନସନ କାର୍ଡ' ବ୍ୟବହାର କରି ଜେମିମାଙ୍କୁ ଦଳରେ ରଖିବାରେ ସଫଳ ହୋଇଥିଲା। ଜେମିମା ଗତବର୍ଷ ଡବ୍ଲ୍ୟୁବିବିଏଲ୍‌ରେ ବ୍ରିସବେନ ପାଇଁ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ଥିଲେ। ସେ ୧୩୯ ଷ୍ଟ୍ରାଇକରେଟ୍‌ରେ ୨୬୭ ରନ ସଂଗ୍ରହ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଗୁରୁବାର ଡ୍ରାଫ୍ଟ ଜରିଆରେ ବିଭିନ୍ନ ଦଳରେ ସାମିଲ ହୋଇଥିବା ୨୩ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଇଂଲଣ୍ଡର ସର୍ବାଧିକ ୧୨ଜଣ, ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ରହିଛନ୍ତି।



ପାଥୁମ ନିଶାଙ୍କାଙ୍କ ଶତକ

## ଶ୍ରୀଲଙ୍କାର ଦୃଢ଼ ଜବାବ

ଗଲ,୧୯।୬ (ଏଜେନ୍ସି):

ଓପନର ପାଥୁମ ନିଶାଙ୍କାଙ୍କ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ଦିନେଶ ଚାଣ୍ଡିମଲଙ୍କ ସହ ୧୫୭ ରନ୍‌ର ଶତକୀୟ ଭାଗୀଦାରି ବଳରେ ଏଠାରେ ଚାଲିଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଘରୋଇ ଶ୍ରୀଲଙ୍କା ଦୃଢ଼ ଜବାବ ଦେଇଛି। ଏହି ଟେଷ୍ଟର ପ୍ରଥମ ପାଳିରେ ନାଜମୋଲ ହୋସେନ ସାଣ୍ଟୋଙ୍କ ୧୪୮ ଓ ମୁସ୍‌ଫିକର ରହିମଙ୍କ ୧୬୩ ରନ୍ ବଳରେ ବାଂଲାଦେଶ ୪୯୫ ରନ୍ କରିଥିଲା। ଜବାବରେ ପାଥୁମ ନିଶାଙ୍କାଙ୍କ ୧୮୭ ରନ୍‌ର ମାଷ୍ଟର ଶତକ ବଳରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ପ୍ରଥମ ଇନିଂସରେ ୪ ୱିକେଟ ହରାଇ ୩୬୮ ରନ୍ ସଂଗ୍ରହ କରିଛି। ଏହି ସମୟରେ କାମିନ୍ଦୁ ମେଣ୍ଡିସ୍ ୩୭ ଓ ଧନଞ୍ଜୟ ଡି ସିଲ୍‌ଭା ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ଲାହିରୁ ଉଦାରା ୨୯, ଦିନେଶ ଚାଣ୍ଡିମାଲ ୫୪ ଏବଂ କ୍ୟାରିୟର ଶେଷ ଟେଷ୍ଟ ଖେଳୁଥିବା ଆଞ୍ଜେଲୋ ମାଥ୍ୟୁସ ୩୯ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ହାସନ ମାମୁଦ୍, ତାଇଜୁଲ ଇସ୍‌ଲାମ, ନଇମ ହସନ ଓ ମୋମିନୁଲ ହକ୍ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ବାଂଲାଦେଶ ୯ ୱିକେଟରେ ୪୮୪ ରନ୍‌ରୁ ଖେଳ ଆରମ୍ଭ କରି ଆଉ ୧୧ ରନ୍ ଯୋଗ କରିବା ପରେ ୪୯୫ ରନ୍‌ରେ ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି, ମିଲନ ପ୍ରିୟନାଥ ଓ ଥାରିନ୍ଦୁ ରତନାୟକେ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।



■ ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର୍

## ଆକ୍ରମଙ୍କୁ ହରାଇଲେ ସିଂଘାଲ

ଭୁବନେଶ୍ୱର,୧୯।୬ (ସମିସ): ଆଜିଠାରୁ ଆରମ୍ଭ ହୋଇଛି ନିଖିଳ ଓଡ଼ିଶା ୬-ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟ। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ରାଜ୍ୟ କନିଷ୍ଠ ଚାମ୍ପିଅନ ବିଶେଷ ସିଂଘାଲ ୩-୧ରେ ବରିଷ୍ଠ ଖେଳାଳି ଆକ୍ରମ ଖାନ୍‌ଙ୍କୁ ହରାଇ ପ୍ରଥମ ଦିନରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ସେହିପରି ଜ୍ଞାନ ଦାସ ମଧ୍ୟ ସୁନ୍ଦର ଖେଳ ପ୍ରଦର୍ଶନ କରି ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମୁକାବିଲାରେ ସେ ୩-୦ରେ ଆରୋନ ଆନିୟାନଙ୍କୁ ଓ ଦ୍ୱିତୀୟ ମୁକାବିଲାରେ ଅବିନାଶ ମହାପାତ୍ରଙ୍କୁ ମଧ୍ୟ ୩-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ମହାନ୍ତିଙ୍କୁ ଉଦ୍‌ଭାସ ମହାପାତ୍ର, ଜଗଦୀଶ ମହାନ୍ତିଙ୍କଚ କୁନାଲ ଅଗରୱାଲ, ଡକ୍ଟର ଅତନୁ ନାୟକଙ୍କୁ ନିଶି ଦାସ, ଅଶିତ୍ ଚୌଧୁରୀଙ୍କୁ ସତ୍ୟଦୀପ ଦାସ, ଚିରଞ୍ଜୀବ ସିଂହଙ୍କୁ ନିଶାନ୍ତ ବିଶ୍ୱାଳ, ଅମିୟ ରଞ୍ଜନ ନାୟକଙ୍କୁ ଶାରଦା ବେହେରା ଓ ମିଶାଲ ସ୍ୱାଇଁଙ୍କୁ ସିଦ୍ଧାର୍ଥ ସେନ୍ ପରାସ୍ତ କରି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି।



ଏହି ଟୁର୍ଣ୍ଣାମେଣ୍ଟ ବିଲିଆର୍ଡ୍ସ ଓ ସ୍ନୁକର ସଂଘ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ସ୍ଥାନୀୟ ସାଲିଆସାହିସ୍ଥିତ ଭିକ୍ଟୋଜ କ୍ଲବ୍ ପରିସରରେ ଆଜିଠାରୁ ଆରମ୍ଭ ହୋଇ ୨୨ ତାରିଖଯାଏ ଚାଲିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS